ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୨/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, November 22/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 357 | ମୂଲ୍ୟ ₹୭/-


DSPL - 214



ଓଡ଼ିଶା ସରକାର

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

୨୦୨୪-୨୫ ରେ ଦେଶର ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ ପାଇଁ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଆବଶ୍ୟକୀୟ ସୂଚନା



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବସବାସ କରୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ ସୁବିଧା ନିମନ୍ତେ ଓଡିଶା ସରକାର **ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା** ୧ ଫେବୃଆରୀ ୨୦୧୬ ରୁ ଶୁଭାରମ୍ଭ କରିଛନ୍ତି । ଏହା ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (IRCTC) ର ସହଯୋଗୀତାରେ କାର୍ଯ୍ୟକାରୀ ହେଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ଉପଲବ୍ଧ । ଏହି ଯୋଜନାରେ ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି । ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବାର ସୁଯୋଗ ପାଇବେ ।

## ୧. ଯୋଗ୍ୟତା

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ/ ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଅଛି ।
(ଗ) ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ "ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର"ଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବାକୁ ହେବ ।
(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ହେବେ ନାହିଁ ।
(ଙ) ଇଚ୍ଛୁକ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ, ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସ ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ ଉନ୍ନୟନ ଅଧିକାରୀ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ସ୍ତରରେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

## ୨. ଆବେଦନ ପ୍ରଣାଳୀ

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ଉପଲବ୍ଧ ।
(ଖ) ଆବେଦନକାରୀ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତା ୧୨.୧୨.୨୦୨୪ ରିଖ ସୁଦ୍ଧା ବ୍ୟକ୍ତିଗତଭାବେ କିମ୍ବା ଡ଼ାକ ଯୋଗେ ଦାଖଲ କରିବେ ।
(ଗ) ଚଳିତ ବର୍ଷ ଆବେଦନକାରୀ ୨୨.୧୧.୨୦୨୪ ଠାରୁ ୧୨.୧୨.୨୦୨୪ ପର୍ଯ୍ୟନ୍ତ ଅନଲାଇନ ଲିଙ୍କ yatra.odisha.gov.in ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ।

## ୩. ଚୟନ ପ୍ରଣାଳୀ

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦରଖାସ୍ତ ଗୁଡ଼ିକୁ ମାର୍ଗଦର୍ଶିକା ଅନୁଯାଇ ତନଖି କରିବେ । ପ୍ରତ୍ୟେକ ଜିଲ୍ଲାପାଇଁ ଉଦ୍ଦିଷ୍ଟ ତୀର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇ ବଛାଯାଇଥିବା ତୀର୍ଥ ଯାତ୍ରୀଙ୍କୁ ଆବଶ୍ୟକ ସୂଚନା ଜଣାଇ ଦିଆଯିବ ।
(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୧୦ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର. ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାଆରମ୍ଭର ସମ୍ଭାବ୍ୟ ମାସ |
|---|---|---|---|---|---|---|
| ୧ | ଭୁବନେଶ୍ୱର | କଟକ, ଖୋର୍ଦ୍ଧା, ପୁରୀ , କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଢେଙ୍କାନାଳ | ୧. ଶିରିଡ଼ି-ନାଶିକ୍ | ୬ ଦିନ | ୨୧୦୦୦ | ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ |
| | | | ୨. ଅଯୋଧା-ବାରଣାସୀ | ୬ ଦିନ | ୨୧୦୦୦ | |
| ୨ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ | ୧. ଶିରିଡ଼ି-ନାଶିକ୍ | ୬ ଦିନ | ୨୧୦୦୦ | ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ |
| | | | ୨. ଅଯୋଧା-ବାରଣାସୀ | ୬ ଦିନ | ୨୧୦୦୦ | |
| ୩ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ | ୧. କୋଲକତା-କାମାକ୍ଷା | ୬ ଦିନ | ୨୧୦୦୦ | ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ |
| | | | ୨. ଅଯୋଧା-ବାରଣାସୀ | ୬ ଦିନ | ୨୧୦୦୦ | |
| ୪ | ରାୟଗଡା | କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନାଗିରି, କଳାହାଣ୍ଡି ଓ ନୂଆପଡା | ୧. କୋଲକତା-କାମାକ୍ଷା | ୬ ଦିନ | ୨୧୦୦୦ | ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ |
| | | | ୨. ଅଯୋଧା-ବାରଣାସୀ | ୬ ଦିନ | ୨୧୦୦୦ | |
| ୫ | ବାଲେଶ୍ୱର | ଯାଜପୁର, ବାଲେଶ୍ୱର, ଭଦ୍ରଖ, ମୟୁରଭଞ୍ଜ ଓ କେନ୍ଦୁଝର | ୧. ଶିରିଡ଼ି-ନାଶିକ୍ | ୬ ଦିନ | ୨୧୦୦୦ | ଡ଼ିସେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ |
| | | | ୨. ଅଯୋଧା-ବାରଣାସୀ | ୬ ଦିନ | ୨୧୦୦୦ | |

ବିଦ୍ର –
୧. ଆବେଦନକାରୀ ବରିଷ୍ଠ ନାଗରିକମାନେ କେବଳ ନିଜ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ ।
୨. (କ) ଚୟନ କରାଯାଇଥିବା ତୀର୍ଥଯାତ୍ରୀଙ୍କୁ ନିଜ ବାସସ୍ଥାନରୁ ଷ୍ଟେସନ ଏବଂ ତୀର୍ଥଯାତ୍ରା ପରେ ନିଜ ବାସସ୍ଥାନକୁ ଫେରିବା ବାବଦ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।
(ଖ) ଯାତ୍ରୀମାନେ କେବଳ ୨ୟ ଶୟନ ଶ୍ରେଣୀ ରେ (2nd Class Sleeper) ଯାତ୍ରା କରିପାରିବେ ।
୩. ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା
(କ) ଯାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ ।
(ଖ) ଟ୍ରେନ ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ଏବଂ ସଂନ୍ଧ୍ୟାରେ ଜଳଖିଆ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନକୁ ନେବା ଓ ଆଣିବା ପାଇଁ ପରିବହନ ବ୍ୟବସ୍ଥା ରାଜ୍ୟସରକାରଙ୍କ ଦ୍ୱାରା କରାଯିବ ।

ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ,
ଓଡିଶା ସରକାର

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ଆବେଦନ ଫର୍ମ**

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଆଧାର ନମ୍ବର* | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ | | | | | |
| ୬. | ଜନ୍ମ ତାରିଖ * | ୭. | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୮. | ପରିବାରର ଶ୍ରେଣୀ* | ଆର୍ଥିକ ଦୁର୍ବଳ ଶ୍ରେଣୀ | | ୯. | ବ୍ଲଡ଼ଗ୍ରୁପ୍ | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ):

| | | | | |
|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ * | | | |
| ୩. | ଆଧାର ନମ୍ବର * | ୪. ବ୍ଲଡ଼ଗ୍ରୁପ୍ | | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ। (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ)

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ସହାୟକଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ୍ | | | | | |
| ୫. | ଜନ୍ମ ତାରିଖ * | ୬ | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୭. | ଆଧାର ନମ୍ବର | ୮ | ବ୍ଲଡ଼ଗ୍ରୁପ୍ | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ନମ୍ବର | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ଶ୍ରୀମତୀ .................................... ପିତା/ସ୍ୱାମୀ ....................................
ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଆୟକର ଦାତା ନୁହେଁ, ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ଓ ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାନ ଓ ବିଶ୍ୱାସ ମତେ ସତ୍ୟ ଅଟେ। ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରା ପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ କୌଣସି ଦୁର୍ଘଟଣା କିମ୍ବା ଅଘଟଣ ନିମନ୍ତେ ସରକାର ଦାୟୀ ରହିବେ ନାହିଁ।

ତାରିଖ:
ସ୍ଥାନ : ଆବେଦନକାରୀଙ୍କ ସ୍ୱାକ୍ଷର

ପ୍ରାପ୍ତି ସ୍ୱୀକାର ପତ୍ର
ଶ୍ରୀ/ଶ୍ରୀମତୀ .................................... ପିତା/ସ୍ୱାମୀ ....................................
ଠିକଣା .................................................................... ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥି ସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ୍ରାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ବି. ଦ୍ର. –
୧. ଆବେଦନକାରୀ ନିଜ ଦ୍ୱାରା ସଠିକ ଭାବେ ପୂରଣ କରାଯାଇଥିବା ଫର୍ମ ସହିତ ପରିଚୟପତ୍ର , ଆଧାର କାର୍ଡ , ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର , ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସପୋର୍ଟ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।
୨. ଆବେଦନକାରୀ ନିଜର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦରଖାସ୍ତ ସହ ଦାଖଲ କରିବେ । ଏତଦ୍‌ବ୍ୟତିତ ଏମ୍.ଜି.ଏନ୍.ଆ.ଇ.ଜି.ଏସ୍ କାର୍ଡ଼/ ଅନ୍ତୋଦୟ/ ଅନ୍ନପୂର୍ଣ୍ଣା କାର୍ଡ଼/ ବାର୍ଦ୍ଧକ୍ୟ ଭତ୍ତା/ ବିଧବା ଭତ୍ତା/ ଖାଉଟି କାର୍ଡ଼ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଗତ) ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଯେକୌଣସି ଗୋଟିଏ ଆର୍ଥୀକ ଦୁର୍ବଳଶ୍ରେଣୀର ଅନ୍ତର୍ଗତ ପ୍ରମାଣପତ୍ର ଭାବରେ ଦରଖାସ୍ତ ସହ ସଂଲଗ୍ନ କରିବେ ।
୩. ସହାୟକ ବାବଦ ବ୍ୟାଙ୍କ ଡ୍ରାଫ୍ଟ ପର୍ଯ୍ୟଟନ, ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରାଯିବ।
(Bank Draft in the Name of Director, Tourism & Payable at Bhubaneswar)
୪. ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ (ଫୋନ ନଂ) - ୦୬୭୪ ୨୪୩୨୧୭୭/ ୭୦୦୮୮୧୭୦୨୨ / ୯୬୯୨୫୬୯୫୫୫ ରେ ସମ୍ପର୍କ କରନ୍ତୁ ।

ଫର୍ମ୍ ପାଇଁ ସ୍କାନ୍ କରନ୍ତୁ



ODISHA INDIA'S BEST KEPT SECRET
ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର, ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍, ଭୁବନେଶ୍ୱର

OIPR-37001/13/0009/2425

odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

# ୟୁକ୍ରେନ୍‌ରେ ଆଇସିବିଏମ୍ ମାଡ଼କଲା ରୁଷିଆ

**କିଭ୍,୨୧।୧୧**

ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ୩୩ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଗୁରୁବାର ମସ୍କୋ ପ୍ରଥମ ଥର ପାଇଁ କିଭ୍ ବିରୋଧରେ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ (ଆଇସିବିଏମ୍) ବ୍ୟବହାର କରିଛି। ଅଷ୍ଟ୍ରାଖାନ୍ ଅଞ୍ଚଳରୁ ଗୁରୁବାର ସକାଳେ ୟୁକ୍ରେନ୍ ଉପରେ ଆଇସିବିଏମ୍ ମାଡ଼ ହୋଇଥିବା ଏହାର ବାୟୁସେନା ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌ର ଡ୍ନିପ୍ରୋ ସହରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଉଦ୍ୟୋଗଗୁଡ଼ିକୁ



ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲାବେଳେ କେତେ କ୍ଷୟକ୍ଷତି ହୋଇଛି, ଜଣାପଡ଼ି ନାହିଁ। ଏହା ବ୍ୟତୀତ ମସ୍କୋ ୬ଟି କେଏଚ୍-୧୦୧ କ୍ରୁଜ୍ କ୍ଷେପଣାସ୍ତ୍ର ଛାଡ଼ିଥିବାବେଳେ ସେଥିରୁ ୫ଟିକୁ ୟୁକ୍ରେନ୍ ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଥିଲା। ଏକ ରିପୋର୍ଟ ଅନୁଯାୟୀ, ମସ୍କୋ ଆର୍‌ଏସ୍-୨୬ ରୁବେଜ୍ ମିଶାଇଲ୍ ମାଡ଼ କରିଥାଇପାରେ ବୋଲି କୁହାଯାଉଛି। ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ଉକ୍ତ ମିଶାଇଲ୍‌ର ରହିଛି। ଏହା ଶବ୍ଦର ବେଗଠାରୁ ଅଧିକ ଦ୍ରୁତ ବେଗରେ ଗତି କରୁଥିବାରୁ ପ୍ରତିହତ କରିବା ଜଟିଳ ହୋଇଥାଏ। ଏହି ଆଇସିବିଏମ୍‌ର ଲକ୍ଷ୍ୟଭେଦୀ କ୍ଷମତା ୫,୫୦୦ କିଲୋମିଟରରୁ ଅଧିକ।

ୟୁକ୍ରେନ୍ ନିକଟରେ ରୁଷିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଆମେରିକା ନିର୍ମିତ ଏଟିଏସିଏମ୍‌ଏସ୍ ଏବଂ ବ୍ରିଟେନ୍ ଓ ଫ୍ରାନ୍ସର ଷ୍ଟର୍ମ ଶାଡୋ ମିଶାଇଲରେ ଆକ୍ରମଣ କରିବା ପରେ ୨ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ୍ ବ୍ରିଟିଶ ନିର୍ମିତ ୨ଟି ମିଶାଇଲକୁ ଖସାଇବା ସହ ୬ଟି ଏଚ୍‌ଆଇଏମ୍‌ଏଆର୍‌ଏସ୍ ରକେଟ ଏବଂ ୬୭ଟି ଡ୍ରୋନ୍‌କୁ ପ୍ରତିହତ କରିଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଆଣବିକ ସିଦ୍ଧାନ୍ତରେ ପରିବର୍ତ୍ତନ କରିଥିଲେ। ଆଣବିକ ଅସ୍ତ୍ର ନ ଥିବା କୌଣସି ରାଷ୍ଟ୍ର ଅଣୁଅସ୍ତ୍ର ଶକ୍ତିସମ୍ପନ୍ନ ରାଷ୍ଟ୍ର ସହାୟତାରେ ଯଦି ଆକ୍ରମଣ କରେ, ତେବେ ଏହାକୁ ରୁଷିଆର ସାର୍ବଭୌମତ୍ୱ ପ୍ରତି ଆକ୍ରମଣ ବିବେଚନା କରାଯିବ ବୋଲି ମସ୍କୋ କହିଥିଲା।

## ଦିଲ୍ଲୀ ନିର୍ବାଚନ: ୧୧ ପ୍ରାର୍ଥୀ ଦେଲା ଆପ୍

**ନୂଆଦିଲ୍ଲୀ, ୨୧।୧୧**

ଆସନ୍ତାବର୍ଷ ଫେବୃଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଗୁରୁବାର ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏହି ୧୧ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ନିକଟରେ ଦଳ ବଦଳ କରି ଆପ୍‌ରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଭାଜପାରୁ ଓ ୩ ଜଣ କଂଗ୍ରେସରୁ ଆସି ଆପ୍‌ରେ ସାମିଲ ହୋଇଥିଲେ। ଆପ୍ ଛତରପୁର ଆସନରୁ ବ୍ରହ୍ମ ସିଂ ତନ୍‌ୱର, କିରାଡ଼ିରୁ ଅନିଲ ଝା, ବିଶ୍ୱାସ ନଗରରୁ ଦୀପକ ସିଙ୍ଗାଲା, ରୋହତାସ୍ ନଗରରୁ ସରିତା ସିଂ, ଲକ୍ଷ୍ମୀନଗରରୁ ବି.ବି. ତ୍ୟାଗୀ, ବଦରପୁରରୁ ରାମ ସିଂ ନେତାଜୀ, ସିଲମ୍‌ପୁରରୁ ଜୁବୈର ଚୌଧୁରୀ, ସୀମାପୁରୀରୁ ବୀର ସିଂ ଢିଙ୍ଗାଁ, ଗୋଣ୍ଡାରୁ ଗୌରବ ଶର୍ମା, କରାୱଲ ନଗରରୁ ମନୋଜ ତ୍ୟାଗୀ, ମାଟିଆଲାରୁ ସୋମେଶ ସୌଖୀନଙ୍କୁ ପ୍ରାର୍ଥୀ କରିଛି। ତେବେ ଏହି ତାଲିକାରେ ଦଳ ନିଜର ୩ ବିଧାୟକଙ୍କର ଟିକେଟ କାଟିଛି।


## କଳାପତାକା ଦେଖାଇବା ବେଆଇନ ନୁହେଁ: ହାଇକୋର୍ଟ




**ଥିରୁଭାନନ୍ତପୁରମ୍,୨୧।୧୧**

କାହାକୁ କଳାପତାକା ଦେଖାଇବା ବେଆଇନ କାର୍ଯ୍ୟ ନୁହେଁ ଏବଂ ଏହାକୁ ମାନହାନି କୁହାଯାଇପାରିବ ନାହିଁ ବୋଲି କେରଳ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ କଳାପତାକା ଦେଖାଇବା ଅଭିଯୋଗରେ ୩ ଜଣ ଯୁବକଙ୍କ ନାଁରେ ଦାଏର ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଭାବୀ ଗଣତନ୍ତ୍ର ପାଇଁ ପ୍ରତିବାଦ ଜରୁରୀ ବୋଲି ଜଷ୍ଟିସ୍ ବେଚୁ କୁରିଆନ୍ ଥୋମାସ୍ ବୁଧବାର ରାୟ ପ୍ରଦାନ ବେଳେ କହିଥିଲେ। ୨୦୧୭ ଏପ୍ରିଲ ୯ରେ ବିଜୟନଙ୍କ ଗାଡ଼ିକୁ କଳାପତାକା ଦେଖାଇବା ସହ ପୋଲିସ କର୍ମଚାରୀଙ୍କ ବିରୋଧରେ ବଳପ୍ରୟୋଗ ନେଇ ୩ ଯୁବକଙ୍କ ବିରୋଧରେ ଆଇପିସିର ଧାରା ୨୮୩, ୧୮୮, ୫୦୦ ଏବଂ ୩୪ ଅନୁଯାୟୀ ମାମଲା ରୁଜୁ ହୋଇଥିଲା।

## ଅନ୍‌ମୋଲ ବିଷ୍ଣୋଇ ଆମେରିକାରେ ଗିରଫ



**ୱାଶିଂଟନ, ୨୧।୧୧**

ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ଏବଂ ଅଭିନେତା ସଲମାନ ଖାନଙ୍କ ମୁମ୍ବାଇସ୍ଥିତ ବାସଭବନ ସାମନାରେ ଗୁଳିକାଣ୍ଡ ମାମଲାରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସାନଭାଇ ଅନ୍‌ମୋଲଙ୍କୁ ଗୁରୁବାର ଆମେରିକାରେ ଗିରଫ କରାଯାଇଛି। ୟୁଏସ୍ ଇମ୍‌ମାଇଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ୱେବ୍‌ସାଇଟର ସୂଚନା ଅନୁଯାୟୀ, ଲୋୱାସ୍ଥିତ ପୋଟାୱାଟମି କାଉଣ୍ଟି ଜେଲରେ ତାଙ୍କୁ ରଖାଯାଇଛି। ଗତ ମାସରେ ବାବା ସିଦ୍ଦିକିଙ୍କୁ ହତ୍ୟା ମାମଲାରେ ମୁମ୍ବାଇରେ ଅନ୍‌ମୋଲଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ଦାବି କରିଛି। ତେବେ ଚଳିତ ସପ୍ତାହର ପ୍ରାରମ୍ଭରେ ଆମେରିକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏନେଇ ମନ୍ତବ୍ୟ ଦେବାକୁ ମନା କରିବା ସହ ଏହି ମାମଲା ଦେଶର ଗୃହ ସୁରକ୍ଷା ମନ୍ତ୍ରଣାଳୟ ଏବଂ ଫେଡେରାଲ ବ୍ୟୁରୋ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ଅଧିକାର କ୍ଷେତ୍ରରେ ଆସୁଥିବା କହିଥିଲା।



ଆଇସ୍‌ଲ୍ୟାଣ୍ଡର ରିକ୍‌ଜାନେସ୍ ପେନିନସୁଲାରେ ଥିବା ଆଗ୍ନେୟଗିରିରୁ ବୁଧବାର ଲାଭା ଉଦ୍‌ଗିରଣ ଆରମ୍ଭ ହୋଇଛି। ଚଳିତ ବର୍ଷ ଏହା ସପ୍ତମ ଉଦ୍‌ଗିରଣ।

## ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୪୪,୦୦୦ ଟପିଲା

**ଡେଇର ଅଲ୍-ବଲାହ,୨୧।୧୧**

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୧୩ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଗାଜାଷ୍ଟ୍ରିପ୍‌ରେ ମୃତ୍ୟୁସଂଖ୍ୟା ୪୪,୦୦୦ ଟପିଲାଣି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ କେତେଜଣ ହମାସ୍ ଆତଙ୍କବାଦୀ ଏବଂ କେତେ ସାଧାରଣ ନାଗରିକ ଅଛନ୍ତି, ତାହା ଜଣାପଡ଼ି ନାହିଁ। ତେବେ ମୃତ ମହିଳା ଓ ଛୋଟ ପିଲାଙ୍କ ସଂଖ୍ୟା ଅର୍ଦ୍ଧାଧିକ ରହିଛି। ଅନ୍ୟପକ୍ଷରେ ଇସ୍ରାଏଲ୍ ୧୭,୦୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଥିବାବେଳେ ଏନେଇ କୌଣସି ପ୍ରମାଣ ଦେଖାଇପାରି ନାହିଁ। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଯୁଦ୍ଧରେ ୪୪,୦୫୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୦୪,୨୬୮ ଆହତ ହୋଇଛନ୍ତି। ତେବେ ଭଗ୍ନାବଶେଷ ତଳେ ବହୁ ମୃତଦେହ ରହିଯାଇଥିବାବେଳେ କେତେକ ଆକ୍ରମଣ ସ୍ଥଳରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ପହଞ୍ଚିପାରି ନ ଥିବାରୁ ପ୍ରକୃତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ହୋଇଥିବା କୁହାଯାଉଛି। ୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେବା ପରେ ଇସ୍ରାଏଲ୍ ଯୁଦ୍ଧ ଘୋଷଣା କରିଥିଲା। ଏବେ ବି ଗାଜାରେ ପ୍ରାୟ ୧୦୦ ପଣବନ୍ଦୀ ରହିଛନ୍ତି।

## ମହାରାଷ୍ଟ୍ର: ୩ ଦଶନ୍ଧିରେ ସର୍ବାଧିକ ମତଦାନ

**ମୁମ୍ବାଇ, ୨୧।୧୧**

**୧୯୯୫ ବିଧାନସଭା ନିର୍ବାଚନରେ ହୋଇଥିଲା ୭୧.୭% ଭୋଟିଂ**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ମତଦାନ ବୁଧବାର ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୬୫.୧୧% ଭୋଟିଂ ରେକର୍ଡ ହୋଇଛି। ୧୯୯୫ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରଠାରୁ ଚଳିତ ବିଧାନସଭା ନିର୍ବାଚନରେ ସର୍ବାଧିକ ମତଦାନ ରେକର୍ଡ ହୋଇଛି। ୧୯୯୫ ରାଜ୍ୟ ବିଧାନସଭା ନିର୍ବାଚନରେ ୭୧.୭% ମତଦାନ ରେକର୍ଡ ହୋଇଥିଲା। ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୬୧.୪୪% ମତଦାନ ହୋଇଥିବାବେଳେ ଚଳିତ ଥର ଏଥିରେ ପ୍ରାୟ ୩% ବୃଦ୍ଧି ଘଟିଛି। କୋଲ୍‌ହାପୁର ଜିଲା କାର୍ଭିର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୮୪.୭୯% ମତଦାନ ହୋଇଛି। ତେବେ ଭୋଟ ପ୍ରତିଶତ ବଢ଼ିଥିବାରୁ ଫଳାଫଳ ନିଜ ନିଜ ସପକ୍ଷରେ ଯିବ ବୋଲି ଉଭୟ ମହାଯୁତି ଓ ମହା ବିକାଶ ଅଘାଡ଼ି ମେଣ୍ଟ ପକ୍ଷରୁ ଦାବି କରାଯାଇଛି।

## ଜାମିନ ପରେ ଇମ୍ରାନ୍ ପୁଣି ଗିରଫ

**ଇସ୍‌ଲାମାବାଦ୍, ୨୧।୧୧**

ତୋଶାଖାନା ଭ୍ରଷ୍ଟାଚାର ସହ ଜଡ଼ିତ ଏକ ମାମଲାରେ ବୁଧବାର ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ବୁଧବାର ଇସଲାମାବାଦ ଉଚ୍ଚ ନ୍ୟାୟାଳୟ ଜାମିନ ପ୍ରଦାନ କରିଥିଲେ। ଏହାସହ ଇମ୍ରାନ ଜେଲରୁ ମୁକୁଳିବା ନେଇ ଏକ ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ବୁଧବାର ବିଳମ୍ବିତ ରାତିରେ ଅନ୍ୟ ଏକ ମାମଲାରେ ଇମ୍ରାନଙ୍କୁ ପୁଣି ଥରେ ଗିରଫ କରାଯାଇଛି। ଗତ ସେପ୍ଟେମ୍ବର ୨୮ରେ ରାୱଲପିଣ୍ଡିର ନ୍ୟୁ ଟାଉନ ପୋଲିସ ଷ୍ଟେଶନରେ ଆତଙ୍କବାଦ ସୃଷ୍ଟି କରିବା ପାଇଁ



ଇମ୍ରାନ ଖାନ୍

ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ତାଙ୍କୁ ପୋଲିସ ଗିରଫ କରିଛି। ଏହି ଅଭିଯୋଗ ଅନୁଯାୟୀ, ଇମ୍ରାନ ରାୱଲପିଣ୍ଡିର ଆଦିଆଲା ଜେଲରେ କଏଦ ଥିବାବେଳେ ରାୱଲପିଣ୍ଡିରେ ବିରୋଧ ପ୍ରଦର୍ଶନ ପାଇଁ ନିଜ ସମର୍ଥକଙ୍କୁ ଆହ୍ୱାନ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ହିଂସକ ରୂପ ନେଇଥିଲା। ତେଣୁ ଆତଙ୍କବାଦ ନିରୋଧୀ ଆଇନ ଅନ୍ତର୍ଗତ ତାଙ୍କୁ ଗିରଫ କରାଯାଇଛି ବୋଲି ରାୱଲପିଣ୍ଡି ପୋଲିସ ସୂଚନା ଦେଇଛି। ପୁଣି ଥରେ ଗିରଫ ହୋଇଥିବାରୁ ଇମ୍ରାନଙ୍କ ପାଇଁ ଜେଲରୁ ମୁକୁଳିବାର ସମ୍ଭାବନା ଏକ ପ୍ରକାର ଶେଷ ହୋଇଛି। ପ୍ରକାଶ ଯେ, ଇମ୍ରାନ ଗତ ବର୍ଷେରୁ ଅଧିକ ସମୟ ଧରି ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦ ରହିଛନ୍ତି।

## ୟାସିନ ମଲିକଙ୍କ ବିଚାର ପାଇଁ ତିହାର ଜେଲରେ କୋର୍ଟରୁମ୍ ଖୋଲିପାରେ

**ନୂଆଦିଲ୍ଲୀ,୨୧।୧୧**

ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସବଙ୍କୁ ମଧ୍ୟ ଆମ ଦେଶରେ ନ୍ୟାୟିକ ସହାୟତା ଯୋଗାଇ ଦିଆଯାଇଥିଲା ବୋଲି ସୁପ୍ରିମକୋର୍ଟ ଗୁରୁବାର କହିବା ସହ ଏକ ଅପହରଣ ମାମଲାରେ ସମ୍ପୃକ୍ତ ଜମ୍ମୁ-କଶ୍ମୀର ବିଚ୍ଛିନ୍ନତାବାଦୀ ନେତା ୟାସିନ ମଲିକଙ୍କ ବିଚାର ପାଇଁ ତିହାର ଜେଲ ପରିସରରେ କୋର୍ଟ ରୁମ୍ ଖୋଲାଯାଇପାରେ ବୋଲି ସୂଚନା ଦେଇଛନ୍ତି। ତିହାରରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୟାସିନଙ୍କୁ ରାଜନେତା ମୁଫ୍‌ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦ ଅପହରଣ ମାମଲାରେ ସାକ୍ଷୀମାନଙ୍କ ସହ କୋର୍ଟରୁମ୍‌ରେ ପ୍ରତ୍ୟକ୍ଷ ଯାଞ୍ଚ ନିମନ୍ତେ ହାଜର କରାଯିବାକୁ ଜମ୍ମୁର ଏକ ଅଦାଲତ ନିର୍ଦ୍ଦେଶ ଦେଇଥିବାବେଳେ ସିବିଆଇ ଏହାକୁ ବିରୋଧ କରିଥିଲା। ସୁରକ୍ଷାଗତ କାରଣରୁ ୟାସିନଙ୍କୁ ଜମ୍ମୁ ନିଆଯାଇପାରିବ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଣାଇଥିଲେ। ତେବେ ଅନ୍‌ଲାଇନରେ କିପରି କ୍ରସ୍-ଏକ୍‌ଜାମିନେଶନ ହେବ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

## ତୁଲସୀଙ୍କ ନିଯୁକ୍ତିକୁ ବିରୋଧକଲେ ନିକ୍କି

**ୱାଶିଂଟନ, ୨୧।୧୧**

ଆମେରିକାର ରାଷ୍ଟ୍ରୀୟ ଗୋଇନ୍ଦା ନିର୍ଦ୍ଦେଶକ(ଡିଏନ୍‌ଆଇ) ଭାବେ ତୁଲସୀ ଗବାର୍ଡଙ୍କ ନିଯୁକ୍ତିକୁ ଗୁରୁବାର ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ବିରୋଧ କରିଛନ୍ତି। ରୁଷିଆ, ସିରିୟା, ଇରାନ୍ ଏବଂ ଚାଇନା ଭଳି ଦେଶ ପ୍ରତି ତୁଲସୀଙ୍କର ସହାନୁଭୂତି ରହିଛି। ତେଣୁ ତାଙ୍କର ନିଯୁକ୍ତି ଆମେରିକୀୟ ଜାତୀୟ ଗୋଇନ୍ଦା ଏଜେନ୍ସି ପାଇଁ ଘାତକ ହୋଇପାରେ ବୋଲି ନିକ୍କି କହିଛନ୍ତି। ଏକ ପୋଡ୍‌କାଷ୍ଟରେ ତୁଲସୀଙ୍କୁ ସମାଲୋଚନା କରି



ନିକ୍କି ହାଲି

ନିକ୍କି କହିଛନ୍ତି, ପୂର୍ବରୁ ଚାଇନା ସହ ବାଣିଜ୍ୟିକ ଯୁଦ୍ଧ ଶେଷ କରିବା ପାଇଁ ତୁଲସୀ ଟ୍ରମ୍ପଙ୍କ ନିକଟରେ ଦାବି କରିଥିଲେ। ସେହିପରି ଇରାନ ପରମାଣୁ ଚୁକ୍ତିକୁ ଶେଷ କରିବାକୁ ମଧ୍ୟ ସେ ବିରୋଧ କରିଥିଲେ। ତୁଲସୀ ଇରାନ ଉପରେ ଲଗାଯାଇଥିବା କଟକଣା ଏବଂ ଇରାନ୍‌ର ସୈନ୍ୟଶକ୍ତିକୁ ଆତଙ୍କବାଦୀ ଭାବେ ଘୋଷଣା କରାଯିବାକୁ ମଧ୍ୟ ବିରୋଧ କରିଥିଲେ। ଇରାନୀୟ ଅଧିକାରୀ କାସିମ ସୁଲେମାନୀଙ୍କ ବିରୋଧରେ ଟ୍ରମ୍ପଙ୍କ କଡ଼ା କାର୍ଯ୍ୟାନୁଷ୍ଠାନକୁ ସେତେବେଳେ ତୁଲସୀ ବିରୋଧ କରିଥିଲେ। ତେଣୁ ରୁଷିଆ, ଚାଇନା, ଇରାନ୍ ଭଳି ଦେଶର ସମର୍ଥକ ନେତାଙ୍କୁ ରାଷ୍ଟ୍ରୀୟ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିବା ଆମେରିକା ପ୍ରତି ବିପଦ ସୃଷ୍ଟି କରିପାରେ।

## ଗୋଟି ଶ୍ରମିକ ଆନ୍ତଃରାଜ୍ୟ ଚାଲାଣ ବନ୍ଦ ପାଇଁ ପ୍ରସ୍ତାବ ଆଣ

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନାବାଳକଙ୍କ ସମେତ ଗୋଟି ଶ୍ରମିକ ଆନ୍ତଃରାଜ୍ୟ ଚାଲାଣ ବନ୍ଦ କରିବା ଦିଗରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ଆଲୋଚନା କରି ପ୍ରସ୍ତାବ ପ୍ରସ୍ତୁତ କରିବା ନିମନ୍ତେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରପ୍ରଦେଶରୁ ୫,୨୬୪ ବନ୍ଧକ ଶ୍ରମିକ ମୁକ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧,୧୦୧ ଜଣଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହା ଜାଣିବା ପରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଚିନ୍ତାଜନକ ବୋଲି କହିଛନ୍ତି। କେତେକ ଘଟଣାରେ ପିଲାମାନଙ୍କୁ ସେମାନଙ୍କ ନିଜ ରାଜ୍ୟରୁ ନିଆଯାଇ



ଜବରଦସ୍ତ ପଡୋଶୀ ରାଜ୍ୟରେ ଗୋଟି ଶ୍ରମିକ ଭାବେ ଖଟାଯାଉଛି। ଉଦ୍ଧାର ହୋଇଥିବା ଏହି ପିଲାମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ନ ମିଳିବା ବଡ଼ ସମସ୍ୟା ବୋଲି ଖଣ୍ଡପୀଠ କହିଛନ୍ତି। ପିଲା ଚାଲାଣ ବନ୍ଦ ଦିଗରେ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାର ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। ଗୋଟି ଶ୍ରମିକ ଭାବେ ଚାଲାଣ ହେଉଥିବା ଲୋକମାନଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଦାଏର ପିଟିଶନ୍‌ର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଶ୍ରମ ମନ୍ତ୍ରଣାଳୟ ସଚିବଙ୍କୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରତିପକ୍ଷମାନଙ୍କ ସହ ବୈଠକ କରି ପ୍ରସ୍ତାବ ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**ଫୁରସତ**

## ପାକିସ୍ତାନୀ ଭିକାରୀଙ୍କ ରାଜକୀୟ ଭୋଜି

**ଇସ୍‌ଲାମାବାଦ**

ସାଧାରଣତଃ କୌଣସି ମନ୍ଦିର, ପର୍ଯ୍ୟଟନ ସ୍ଥଳୀ, ରାସ୍ତାକଡ଼ ଆଦିରେ ଭିକାରୀମାନଙ୍କୁ ଦେଖିବାକୁ ମିଳିଥାଏ। ସେମାନଙ୍କୁ ଦେଖିବା ପରେ ମନରେ ଦୟା ଭାବନା ଆସିଥାଏ। ସେଥିପାଇଁ ଅନେକ ବ୍ୟକ୍ତି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଅଳ୍ପ କିଛି ଟଙ୍କା ଦାନ କରିବାକୁ ମଧ୍ୟ ପଛାନ୍ତି ନାହିଁ। ତେବେ ଏହି ଉପାୟରେ ଭିକାରୀମାନେ ଦୈନିକ କେତେ ଟଙ୍କା ରୋଜଗାର କରନ୍ତି ତାହା ଅଧିକାଂଶ ଜାଣି ନ ଥାନ୍ତି।

ବିଭିନ୍ନ ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଗୁଜରାନ୍‌ୱାଲା ସହରରେ ରହୁଥିବା ଜଣେ ଭିକାରୀ ନିଜ ଜେଜେମା'ଙ୍କ ମୃତ୍ୟୁର ୪୦ତମ ଦିନକୁ ମନେ ପକାଇ ଅଞ୍ଚଳବାସୀଙ୍କୁ ଏକ ରାଜକୀୟ ଭୋଜି ପ୍ରଦାନ କରିଛନ୍ତି। ଏଥିପାଇଁ ସେ ୧.୨୫ କୋଟି ପାକିସ୍ତାନୀ ଟଙ୍କା(ପ୍ରାୟ



୩୮ ଲକ୍ଷ ଭାରତୀୟ ଟଙ୍କା) ଖର୍ଚ୍ଚ କରିଛନ୍ତି। ଏହି ବିଶାଳ ଭୋଜିରେ ପଞ୍ଜାବ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତ ୨୦ ହଜାର ଲୋକ ଅଂଶଗ୍ରହଣ କରିଥିଲେ। ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିକାରୀ ଜଣକ ଅତିଥିମାନଙ୍କୁ ଭୋଜି ଦିଆଯାଉଥିବା ସ୍ଥଳକୁ ନେବା ପାଇଁ ପ୍ରାୟ ୨ ହଜାର ଯାନବାହନର ବ୍ୟବସ୍ଥା କରିଥିଲେ। ସେହିପରି ଏହି ଭୋଜିରେ ଚିକେନ୍, ମଟନ, ବିଫ୍, ବିଭିନ୍ନ ପ୍ରକାର ଫଳ, ମିଠା ଆଦି ଅନେକ ବ୍ୟଞ୍ଜନ ଅତିଥିମାନଙ୍କୁ ପରଷା ଯାଇଥିଲା।

## ଅପରାଧୀଙ୍କୁ ଧରିବା ପାଇଁ ୨୫ ପଇସା ପୁରସ୍କାର

**ଭରତପୁର:** ସାଧାରଣତଃ ବଡ଼ ବଡ଼ ଅପରାଧୀମାନଙ୍କୁ ଧରାଇବା ପାଇଁ ପୋଲିସ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥାଏ। ତେବେ ନିକଟରେ ଏ ସମ୍ବନ୍ଧୀୟ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଖୁବିରାମ ଜାଟ ନାମକ ଫେରାର ଥିବା ଜଣେ କୁଖ୍ୟାତ ଅପରାଧୀଙ୍କୁ ଧରିବା ପାଇଁ ରାଜସ୍ଥାନର ଭରତପୁର ଜିଲା ପୋଲିସ ୨୫ ପଇସାର ପୁରସ୍କାର ରାଶି ଘୋଷଣା କରିଛି। ଅପରାଧୀଙ୍କ ମନୋବଳ ଭାଙ୍ଗିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କର ଆତଙ୍କକୁ ଦୂର କରିବା ପାଇଁ ପୋଲିସ ଏହି ଅନନ୍ୟ ପଦକ୍ଷେପ ନେଇଛି। ଏବେ ବଜାରରେ ୨୫ ପଇସା କଏନ ଆଉ ଦେଖିବାକୁ ମିଳୁ ନ ଥିବା ବେଳେ ଭରତପୁର ପୋଲିସର ଏହି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।






ମହାନ ବିପ୍ଳବୀ
ଶହୀଦ ଲକ୍ଷ୍ମଣ ନାଏକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୨ ନଭେମ୍ବର, ୨୦୨୪
ସମୟ: ସକାଳ ୮ ଘଟିକା : ୟୁନିଟ-୧, ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ: ସକାଳ ଘ. ୮.୩୦ ମିନିଟ : କଳିଙ୍ଗ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ୬.୦୦ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ମାନ୍ୟବର ସାଂସଦ, ନବରଙ୍ଗପୁର
ସମ୍ମାନନୀୟ ଅତିଥି
ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ଗଣ
ମୁଖ୍ୟ ବକ୍ତା
ଡଃ ଅଲେଖ ଚନ୍ଦ୍ର ପଢ଼ିଆରୀ
ଅବସରପ୍ରାପ୍ତ ପ୍ରଶାସକ, ସାହିତ୍ୟିକ ତଥା ଗବେଷକ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
DADLS-54
OIPR-15001/13/0287/2425

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୨/୨୦୨୪ | Bhubaneswar, Friday, November 22/2024 | ପୃଷ୍ଠା-୧




**ରଶ୍ମିକାଙ୍କ ସହ ଡେଟିଂ: ମାନିଲେ ବିଜୟ୍**

ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କ ସହ ଡେଟିଂ କରୁଥିବା ନେଇ ଗୁରୁବାର ଏକ ସାକ୍ଷାତ୍କାରରେ ଅଭିନେତା ବିଜୟ୍ ଦେବରକୋଣ୍ଡା ସ୍ୱୀକାର କରିଛନ୍ତି।

୧୦

୧୪

**କାର୍ତ୍ତିକଙ୍କ ଡବଲ ଗୋଲ**

କାର୍ତ୍ତିକ ହନ୍ତାଳଙ୍କ ଡବଲ ଗୋଲ ବଳରେ ଓଡ଼ିଶା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି।



# ୨୦୨୧: ଓଡ଼ିଶା ସରକାରଙ୍କୁ ଲାଞ୍ଚ ଦେଇଥିଲେ ଆଦାନୀ

**୨୦୨୧ରେ ଓଡ଼ିଶା ସମେତ ୫ ରାଜ୍ୟକୁ ସୌର ବିଦ୍ୟୁତ୍ ଶକ୍ତି ବିକ୍ରି କରିବା ପାଇଁ ଗୌତମ ଆଦାନୀଙ୍କ ଗ୍ରୁପ୍ ୨୬୫ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨,୨୦୦ କୋଟି ଟଙ୍କା ଲାଞ୍ଚ ଦେଇ କଣ୍ଟ୍ରାକ୍ଟ ନେଇଥିଲା ବୋଲି ଆମେରିକାରେ ଅଭିଯୋଗ ଆସିଛି। ୧ ମେଗାୱାଟ୍ ବିଦ୍ୟୁତ୍ ପିଛା ୨୫ ଲକ୍ଷ ଟଙ୍କା ହିସାବରେ ରାଜ୍ୟଗୁଡ଼ିକର ସରକାରୀ ଅଧିକାରୀମାନଙ୍କୁ ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଥିବାବେଳେ ଓଡ଼ିଶାକୁ ୫୦୦ ମେଗାୱାଟ୍ ସୌର ଶକ୍ତି ବିକ୍ରି ପାଇଁ ଆଦାନୀ ଗ୍ରୁପ୍ ଚୁକ୍ତି କରିଥିଲା। ସେହିପରି ଆନ୍ଧ୍ରର ଅଧିକାରୀମାନଙ୍କୁ ୧,୭୫୦ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଓ କମ୍ପାନୀର ୬ ଅଧିକାରୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଆମେରିକାରେ ଏହି ଅଭିଯୋଗ ହେବା ପଛର କାରଣ ହେଉଛି ସେହି ଦେଶର ନିବେଶକଙ୍କ ଟଙ୍କା ଉଠାଯାଇ ଆଦାନୀ ଗ୍ରୁପ୍‌ର ଏହି ସୌର ଶକ୍ତି ପ୍ରକଳ୍ପରେ ଲଗାଯାଇଛି। କଣ୍ଟ୍ରାକ୍ଟ ପାଇଁ ଲାଞ୍ଚ ଓ ଜାଲିଆତି ହୋଇଥିବା ଯୋଗୁ ନ୍ୟୁୟର୍କ କୋର୍ଟରେ ବୁଧବାର ମାମଲା ରୁଜୁ ହେବା ସହ ଗୌତମ ଆଦାନୀ ଓ ଅନ୍ୟମାନଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଗୁରୁବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ଆଦାନୀ ଗ୍ରୁପ୍‌ର ଶେୟାରଗୁଡ଼ିକ ୨୩% ପର୍ଯ୍ୟନ୍ତ ଖସିଯାଇଛି। ୨୦୨୩ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ପକ୍ଷରୁ ଷ୍ଟକ୍ସ ହେରଫେର ନେଇ ପ୍ରଘଟ ପରେ ଆଦାନୀ ଗ୍ରୁପ୍‌କୁ ଏହା ହେଉଛି ଦ୍ୱିତୀୟ ବୃହତ୍ ଝଟକା। ଏହି ଆଇନଗତ ମାମଲା ସାମ୍ନାକୁ ଆସିବା ପରେ ଆଦାନୀ ବ୍ୟବସାୟିକ ସାମ୍ରାଜ୍ୟର ପରିଚାଳନା ଶୈଳୀ ଓ ଭବିଷ୍ୟତ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଦାନୀଙ୍କୁ ତୁରନ୍ତ ଗିରଫ କରିବାକୁ ଗୁରୁବାର ଦାବି କରିଛନ୍ତି। ଅନ୍ୟପକ୍ଷରେ କେନିଆ ଆଦାନୀ ଗ୍ରୁପ୍ ସହ ହୋଇଥିବା ୭୩୬ ନିୟୁତ ଡଲାରର ବିମାନବନ୍ଦର ଓ ଶକ୍ତି ସମ୍ପର୍କିତ ଚୁକ୍ତିକୁ ତତ୍କାଳ ବାତିଲ କରିଦେଇଛି। ଏହା ପରେ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଆଦାନୀ ଗ୍ରୁପ୍ ଏଭଳି ସ୍ଥିତିର ସମ୍ମୁଖୀନ ହୋଇପାରେ ବୋଲି କୁହାଯାଉଛି।**

ନ୍ୟୁୟର୍କ/ନୂଆଦିଲ୍ଲୀ,୨୧।୧୧ (ରଏଟର୍ସ/ପି.ଟି.)

୨୦୨୧ରେ ଆଦାନୀ ଗ୍ରୁପ୍ ସ୍ଥାନୀୟସ୍ତରରେ ସୋଲାର ସେଲ୍ ଏବଂ ମୋଡ୍ୟୁଲାର ପ୍ଲାଣ୍ଟଗୁଡ଼ିକୁ ବ୍ୟବହାରକରି ଉତ୍ପାଦିତ ୮,୦୦୦ ମେଗାୱାଟ୍ (୮ ଜିଡବ୍ଲ୍ୟୁ) ବିଦ୍ୟୁତ୍ ଶକ୍ତି ଭାରତର ୫ ରାଜ୍ୟକୁ ଯୋଗାଣ ପାଇଁ ଏକ ଠିକା ପାଇଥିଲା। କେନ୍ଦ୍ର ସରକାରଙ୍କ ସୋଲାର ଏନର୍ଜି କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଇସିଆଇ) ଏହି ଠିକା ପ୍ରଦାନ ପାଇଁ ୨୦୨୧ ଜୁଲାଇରୁ ଡିସେମ୍ବର ମଧ୍ୟରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ଼, ତାମିଲନାଡୁ ଓ କେନ୍ଦ୍ର ଶାସନାଧୀନ ଜମ୍ମୁ-କଶ୍ମୀର ସରକାରଙ୍କ ସହ ବିକ୍ରି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲା। ହେଲେ ରାଜ୍ୟଗୁଡ଼ିକ ପାଇଁ ଏହି ବିଦ୍ୟୁତ୍ ମହଙ୍ଗା ଥିବାରୁ ଆଦାନୀ ଗ୍ରୁପ୍ ଦ୍ୱାରା ଲାଞ୍ଚ ଦେଇ ସନ୍ତୁଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଆଦାନୀ ଗ୍ରୁପ୍ ଆମେରିକାର ନିବେଶକଙ୍କୁ ଧୋକା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଆମେରିକାର ନ୍ୟାୟ ବିଭାଗ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀଙ୍କ ସମେତ ☞ପୃଷ୍ଠା-୨



ଗୌତମ ଆଦାନୀ

## ଆଦାନୀଙ୍କୁ ତୁରନ୍ତ ଗିରଫ କର: ରାହୁଲ

ନୂଆଦିଲ୍ଲୀ,୨୧।୧୧

ବିଲିୟନେୟାର ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଲାଞ୍ଚ ଓ ଜାଲିଆତି ମାମଲାରେ ଆମେରିକାରେ ଗିରଫ ପରୱାନା ଜାରି ହେବା ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ଗୌତମ ଆଦାନୀ ଭାରତ ଓ ଆମେରିକାର ଆଇନକୁ ଉଲ୍ଲଂଘନ କରି ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର ଲାଞ୍ଚ ଦେଇଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଗିରଫକରି ଜେରା କରାଯାଉ। ଆଦାନୀଙ୍କ 'ସୁରକ୍ଷାଦାତା' ଏବଂ ସେବି ଚେୟାରପର୍ସନ ମାଧବୀ ପୁରୀ ବୁଚ୍‌ଙ୍କୁ ତୁରନ୍ତ ପଦରୁ ହଟାଇ ତାଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯାଉ। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା



ରାହୁଲ ଗାନ୍ଧୀ

ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ବାରମ୍ବାର ଦୋହରାଇଥିବା ସ୍ଲୋଗାନ 'ଏକ ହେଁ ତୋ ସେଫ୍ ହେଁ'କୁ କଟାକ୍ଷ କରି ରାହୁଲ ଏହାକୁ ଉଦ୍ଧୃତ କରିଛନ୍ତି। ସେ କହିଛନ୍ତି, ମୋଦି ଓ ଆଦାନୀ ଏକ ହେଁ ତୋ ସେଫ୍ ହେଁ।

ରାହୁଲ ଆହୁରି କହିଛନ୍ତି, ସୋମବାର ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ☞ପୃଷ୍ଠା-୨

## ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ: ୫୦ ମୃତ

ପେଶାୱର,୨୧।୧୧(ପି.ଟି.)

ପାକିସ୍ତାନରେ ଗୁରୁବାର ଆତଙ୍କବାଦୀମାନେ କେତେକ ଯାତ୍ରୀବାହୀ ଯାନକୁ ଟାର୍ଗେଟ୍ କରି ଆକ୍ରମଣ କରିବାରୁ ଅନ୍ୟୂନ ୫୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହୋଇଛନ୍ତି। ଆଫଗାନିସ୍ତାନ ସୀମାକୁ ଲାଗିଥିବା ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର କୁରାମ ଜିଲାରେ ଆତଙ୍କବାଦୀମାନେ ଗାଡ଼ିଗୁଡ଼ିକ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଗାଡ଼ିଗୁଡ଼ିକ ପରଚିନାରରୁ ପେଶାୱର ଯାଉଥିଲା। ମୃତକଙ୍କ ମଧ୍ୟରେ ୮ ମହିଳା ଓ ୫ ଛୋଟ ପିଲା ରହିଛନ୍ତି। ଅଧିକାଂଶ ମୃତକ ଶିୟା ସମ୍ପ୍ରଦାୟର ବୋଲି ଉଦ୍ଧାରକାରୀ କର୍ତ୍ତୃପକ୍ଷ କହିଛନ୍ତି। ଉକ୍ତ ଅଞ୍ଚଳରେ ତାଲିବାନର ଆଧିପତ୍ୟ ରହିଛି। ଖାଇବର ପଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ଅଲି ଅମିନ୍ ଖାନ୍ ଗଣ୍ଡାପୁର ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି।

ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଏହା ଏକ ସାମ୍ପ୍ରଦାୟିକ ପ୍ରସଙ୍ଗ ଯାହାକୁ ନେଇ ଉକ୍ତ ଅଞ୍ଚଳରେ କିଛି ମାସ ହେଲା ଉତ୍ତେଜନା ଲାଗିରହିଛି। ☞ପୃଷ୍ଠା-୨

## ନେତାନ୍ୟାହୁଙ୍କ ନାଁରେ ଆଇସିସିର ଗିରଫ ପରୱାନା

ହେଗ୍,୨୧।୧୧

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଯୁଦ୍ଧ ଅପରାଧ ଏବଂ ଗାଜାରେ ମାନବତା ବିରୋଧରେ ଅପରାଧ ଅଭିଯୋଗ ନେଇ ଅନ୍ତର୍ଜାତୀୟ ଅପରାଧିକ ଅଦାଲତ (ଆଇସିସି) ଗୁରୁବାର ଗିରଫ ପରୱାନା ଜାରି କରିଛି। ଅନୁରୂପ ଅଭିଯୋଗରେ ଇସ୍ରାଏଲ୍‌ର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ନାଁରେ ମଧ୍ୟ ଗିରଫ ପରୱାନା ଜାରି ହୋଇଛି। ☞ପୃଷ୍ଠା-୨

**ଯୁଦ୍ଧ ଅପରାଧ**



ବେଞ୍ଜାମିନ୍ ନେତାନ୍ୟାହୁ




ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀଙ୍କ ଗିରଫ ଦାବିରେ ଗୁରୁବାର ନୂଆଦିଲ୍ଲୀରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ରାଜ୍ୟରେ ହେବ ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୧।୧୧(ଅନିଲ ଦାସ)

ଓଡ଼ିଶାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହିତ ସମ୍ବଲପୁରରେ ୧୦୦ ଏକର ଜମିରେ ଆକୁଆ ପାର୍କ ନିର୍ମାଣ ହେବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସରେ ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ମଧୁର ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ମାଧ୍ୟମରେ ଓଡ଼ିଶାକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇ ପାରିବ। ମତ୍ସ୍ୟଚାଷୀଙ୍କ ରୋଜଗାର ବୃଦ୍ଧି, ଜୀବିକାରେ ଉନ୍ନତି, ଲାଭଦାୟକ ନିଯୁକ୍ତି ସୃଷ୍ଟି, ପୁଷ୍ଟି ସୁରକ୍ଷା ଓ ରପ୍ତାନି ବୃଦ୍ଧିରେ ମତ୍ସ୍ୟ ଓ ଜଳକୃଷିର ପ୍ରମୁଖ ଭୂମିକା ରହିଥିବା ବେଳେ ରାଜ୍ୟ ସରକାର ମତ୍ସ୍ୟ କ୍ଷେତ୍ରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କ୍ଷେତ୍ରରେ ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ଯୁବଗୋଷ୍ଠୀ ଅଧିକ ସମ୍ପୃକ୍ତ ହେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଆର୍ଥିକ ବର୍ଷରୁ ଆଗାମୀ ୨୦୨୮-୨୯ ବର୍ଷ ପାଇଁ ୨୨୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭ଟି ଉପଯୋଜନା ବିଶିଷ୍ଟ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ରାଜ୍ୟରେ ମତ୍ସ୍ୟକ୍ଷେତ୍ର ଅଭିବୃଦ୍ଧି ଦିଗରେ ସହାୟକ ହେବ। ୨୦୨୩-୨୪ ବର୍ଷରେ ୧୧.୩୩ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ କରି ଓଡ଼ିଶା ସର୍ବଭାରତୀୟ ସ୍ତରରେ ସର୍ବାଧିକ ମାଛ ଉତ୍ପାଦନରେ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ଗୁଣ ବୃଦ୍ଧି ପାଇବା ସହ ୪୫୪୬ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ ହୋଇପାରିଛି। ସେହି ସମୟ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୧୦ଗୁଣ ବୃଦ୍ଧିପାଇଛି। ୨୦୨୩-୨୪ରେ ୩୧୦ କୋଟି ମାଛ ଯାଆଁଳ ଉତ୍ପାଦିତ ହୋଇଛି। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ରୋଜଗାରକୁ ବହୁଗୁଣିତ କରିବା ସହିତ ଜୀବିକାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ନାବାର୍ଡର ଜିଏମ୍ ସଞ୍ଜୟ କୁମାର ତାଲୁକଦାର ମଧ୍ୟ ବକ୍ତବ୍ୟ ରଖିଥିଲେ। ପ୍ରାଣୀପାଳନ, ପ୍ରାଣୀଚିକିତ୍ସା ଓ ମତ୍ସ୍ୟ ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ (ବୈଷୟିକ) ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ମତ୍ସ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୯ ଜଣଙ୍କୁ ସମ୍ମାନିତ କରାଯାଇଛି।


**ଆଜିର ସମ୍ପାଦକୀୟ**

ଟ୍ରମ୍ପ୍ ଓ କପ୍ ସମ୍ମିଳନୀ


## ମୋବାଇଲ କଳହରୁ ଦମ୍ପତିଙ୍କ ଆତ୍ମହତ୍ୟା

### ୧୧ ମାସର ଶିଶୁକନ୍ୟା ଏବେ ଅନାଥ

ଫୁଲବାଣୀ/ବାଲିଗୁଡା/କୋଟଗଡ, ୨୧।୧୧ (ରାକେଶ କୁମାର ରାଉତ/ ସଞ୍ଜୟ କୁମାର ପାଣିଗ୍ରାହୀ/ସରୋଜ ବଳିଆରସିଂ)

ମୋବାଇଲ୍ ଫୋନ୍ ପାଇଁ ପାରିବାରିକ କଳହ ଓ ପରେ ୧୧ ମାସର ଶିଶୁକନ୍ୟାକୁ ଛାଡ଼ି ଦମ୍ପତି ଚରମ ନିଷ୍ପତ୍ତି ନେଇଛନ୍ତି। ବାପଘରୁ ଆଣିଥିବା ମୋବାଇଲ ଫୋନ ବନ୍ଧା ପଡ଼ିବାରୁ ସ୍ତ୍ରୀ ଆତ୍ମହତ୍ୟା କରିବା ପରେ ସ୍ୱାମୀ ଜୀବନ ହାରିଛନ୍ତି। କନ୍ଧମାଳ ଜିଲା ବାଲିଗୁଡା ଥାନା ବୁଡ୍ଡୁକିଆ ପଞ୍ଚାୟତର ମଝିସାହିରେ ବୁଧବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ଉକ୍ତ ଗ୍ରାମର ପ୍ରମୋଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ପୁଆରୀ ମଲ୍ଲିକ। ବାଲିଗୁଡା ପୋଲିସ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ଉପସ୍ଥିତିରେ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ବନ୍ଦଘରୁ ଦମ୍ପତିଙ୍କ ମୃତଦେହ ଜବତ କରିଛି।

ବୁଡ୍ଡୁକିଆ ଗ୍ରାମର ପ୍ରମୋଦ ୨ ବର୍ଷ ହେବ ପୁଆରୀଙ୍କୁ ବିବାହ କରିଥିଲେ। ବିବାହ ସମୟରେ ପୁଆରୀ ବାପାଘରୁ ଏକ ମୋବାଇଲ ଫୋନ୍ ଆଣିଥିଲେ। କିଛିଦିନ ସେମାନେ ଭଲରେ ଚଳିଥିଲେ। ପରେ ଅଭାବରେ ପଡ଼ି ପ୍ରମୋଦ ସ୍ତ୍ରୀଙ୍କ ମୋବାଇଲ ଫୋନ୍‌କୁ ବନ୍ଧା ରଖିବାରୁ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟ ଝଗଡ଼ା ହେଉଥିଲା। ବୁଧବାର ରାତିରେ ଏହାକୁ ନେଇ ପୁଣି ବଚସା ହୋଇଥିଲା। ପରେ ପୁଆରୀ ଗୋଟିଏ କୋଠରିକୁ ଯାଇ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଏହାଦେଖି ପ୍ରମୋଦ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସ୍ତ୍ରୀଙ୍କ ମୃତ୍ୟୁକୁ ସହ୍ୟ କରି ନ ପାରି ପ୍ରମୋଦ ମଧ୍ୟ ନିଜ ୧୧ ମାସର ଶିଶୁକନ୍ୟାକୁ ଛାଡ଼ି ଅନ୍ୟ ଏକ କୋଠରିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଶିଶୁକନ୍ୟା କାନ୍ଦ ଶୁଣି ପଡ଼ୋଶୀମାନେ ଆସି ଦମ୍ପତି ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଶିଶୁକନ୍ୟା ଏବେ ଅଜାଙ୍କ ଘରେ ଅଛନ୍ତି।

## ୨୪ରେ ମିଳିବ ସୁଭଦ୍ରା ଟଙ୍କା

### ସମସ୍ତ ଅଙ୍ଗନୱାଡ଼ି କର୍ମୀ ସାମିଲ ହେବେ

ଭୁବନେଶ୍ୱର, ୨୧।୧୧(ସୁନିତ୍ ମିଶ୍ର)

'ସୁଭଦ୍ରା' ଯୋଜନାରେ ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଟଙ୍କା ଆସନ୍ତା ୨୪ ତାରିଖରେ ମିଳିବ। ଏଥର ତୃତୀୟ ପର୍ଯ୍ୟାୟରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ସାମିଲ ହେବେ। ସମସ୍ତଙ୍କ ଯାଞ୍ଚ ସରିଛି। ଏଥିସହ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଗୁରୁବାର ସନ୍ଧ୍ୟାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ୨୪ ତାରିଖରେ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ସୁନ୍ଦରଗଡ଼ ଜିଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ପୂର୍ବ ଦୁଇଟି ପର୍ଯ୍ୟାୟରେ ☞ପୃଷ୍ଠା-୨

## ସିଙ୍ଗାପୁର ଗସ୍ତରୁ ସୁଫଳ ମିଳିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୧(ଅନିଲଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ସିଙ୍ଗାପୁର ଗସ୍ତରେ ଯାଇଥିବା ପ୍ରତିନିଧି ଦଳଙ୍କ ୪ ଦିନିଆ ଶେଷ ହୋଇଛି। ଏହି ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସହ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ଅଂଶିଦାର ହେବାକୁ ଆମନ୍ତ୍ରଣ କରିଛନ୍ତି। ଏଣ୍ଟରପ୍ରାଇଜ ସିଙ୍ଗାପୁର (ଇଏସଜି), ସିଙ୍ଗାପୁରରେ ଥିବା ଭାରତର ହାଇକମିଶନର ଏବଂ ଏଫଆଇସିସିଆଇ ସହଯୋଗରେ ଆୟୋଜିତ ଏହି ଗସ୍ତରେ ୨୫ଟି ଉଚ୍ଚସ୍ତରୀୟ ବି୨ଜି ଏବଂ ଜି୨ଜି ରାଉଣ୍ଡ ଟେବଲ ବୈଠକ, ଇଣ୍ଟରାକ୍ଟିଭ ସେଶନ, ପ୍ରବାସୀ ଓଡିଆ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ବିଭିନ୍ନ ଶିଳ୍ପନାଷ୍ଠାନ ପରିଦର୍ଶନ ରାଜ୍ୟ ପାଇଁ ରୂପାନ୍ତରୀକରଣ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଛି।

ରୋଡ ସୋ ଓ ଇନଭେଷ୍ଟର୍ସ ମିଟ୍‌ରେ

### ଗ୍ରୀନ୍ ଏନର୍ଜି, ଦକ୍ଷତା ବିକାଶ, ବନ୍ଦରଭିତ୍ତିକ ଶିଳ୍ପ, ସେମିକଣ୍ଡକ୍ଟର କ୍ଷେତ୍ରରେ ହେବ ବ୍ୟାପକ ପୁଞ୍ଜିନିବେଶ

ସିଙ୍ଗାପୁର ବିଜିନେଶ ଫେଡେରେଶନ, ସିଙ୍ଗାପୁର ମ୍ୟାନୁଫ୍ୟାକ୍ଚରିଂ ଫେଡେରେଶନ, ସିଙ୍ଗାପୁରର ବିଭିନ୍ନ କମ୍ପାନୀ, ମାଲେସିଆ, ଥାଇଲାଣ୍ଡ, ଭିଏତନାମ ଏବଂ ଜାପାନର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇ ଓଡିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଛନ୍ତି। ଓଡିଶାରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଏଜୁକେଶନ ଆଣ୍ଡ ଏଜୁକେଶନ ସର୍ଭିସେସ(ଆଇଟିଇଏସ) ଦ୍ୱିତୀୟ ପର୍ଯ୍ୟାୟରେ ଏଆଇ, ଏମଏଲ .ଏଆର, ଭିଆର କୋର୍ଷ ପ୍ରଦାନ ସହ ସିଙ୍ଗାପୁରରେ ଦକ୍ଷତା କେନ୍ଦ୍ରର ଗ୍ରାଜୁଏଟମାନଙ୍କୁ ଦୀର୍ଘକାଳୀନ ଇଣ୍ଟର୍ନସିପ ଦେବା ପାଇଁ ଆଲୋଚନା ହୋଇଛି। ସେହିପରି ପ୍ରତିନିଧି ଦଳ ଜୁରୋଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ (ଜେପିସି) ପରିଦର୍ଶନ କରି ଓଡିଶାର ପାରାଦୀପ ପିସିପିଆଇଆର ଠାରେ ସମନ୍ୱିତ ଶିଳ୍ପ ପ୍ରକଳ୍ପ କରିବାକୁ ଯୋଜନା କରିଛି। ଏଥିସହିତ ସେମବକର୍ପ ଆଣ୍ଡ ରିନ୍ୟୁଏବଲ କମ୍ପାନୀ ପାରାଦୀପ ଠାରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ଦେଖାଇଛନ୍ତି। ସେହିପରି ଏହି ଗସ୍ତ କାଳରେ ଓଡିଶାକୁ ପୂର୍ବଭାରତର ଲଜିଷ୍ଟିକ ହବ କରିବା ପାଇଁ ସିପ ରିସାଇକ୍ଲିଂ, କଣ୍ଟେନର ମାନୁଫାକ୍ଚରିଂ ଇତ୍ୟାଦି ପାଇଁ ଏପିମୋଲର ମାଏସ୍କ ଓ ଭୋପାକ ଏବଂ ସିଙ୍ଗାପୁର ବନ୍ଦର କର୍ତ୍ତୃପକ୍ଷ ସହ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ପାଇଁ ପିଇପି ଇନୋଭେସନ ପ୍ରାଇଭେଟ ଲିମିଟେଡ ଆଗ୍ରହ ଦେଖାଇଛି। ସେହିପରି ସନଟେକ କନଭେନସନ ସେଣ୍ଟର ଭୁବନେଶ୍ୱର ଠାରେ ଏକ ବିଶ୍ୱ ସ୍ତରୀୟ ଏକଜିବିସନ ସେଣ୍ଟର ସ୍ଥାପନ କରିବା ନେଇ ଆଲୋଚନା ହୋଇଛି। ସିଙ୍ଗାପୁରରେ ରହୁଥିବା ପ୍ରବାସୀ ଓଡିଆମାନେ ସିଙ୍ଗାପୁର ଏବଂ ଦକ୍ଷିଣପୂର୍ବ ଏସିୟ ରାଷ୍ଟ୍ର ସମୁହ(ଆସିଆନ) ଦେଶ ଗୁଡ଼ିକ ସହିତ ଅର୍ଥନୈତିକ ଓ ସାମାଜିକ ସମ୍ପର୍କ ଉପରେ ☞ପୃଷ୍ଠା-୨



ମୋହନ ଚରଣ ମାଝୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ୟୁନିଟ୍-୧ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସମୟ: ସକାଳ ୮ଟା ଏବଂ କଳିଙ୍ଗ ହସ୍‌ପିଟାଲ ଛକ, ସମୟ: ସକାଳ ୮ଟା ୩୦। -ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: କଳିଙ୍ଗ ହସ୍‌ପିଟାଲ ଛକ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ୟୁନାଇଟେଡ୍ ରିଲିଜିଅନ୍‌ସ ଇନିସିଏଟିଭ୍ ଇଣ୍ଡିଆ ପକ୍ଷରୁ ସମ୍ମିଳନୀ, ସ୍ଥାନ: ସିଓ୍ୱାଇଏସ୍‌ଡି, ସମୟ: ଅପରାହ୍ନ ୪ଟା ୩୦।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକ ବେଣ୍ଟପୁର ପଞ୍ଚାୟତ ଅଧୀନ ପୁରୁଣା ପାଟଣାସ୍ଥିତ ମା' ଜାଗୁଳାଇଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଓୟୁଏଟି ଭେଟେରିନାରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ମରଣୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ ସାକ୍ଷୀଗୋପାଳ, ସମୟ : ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଏନ୍‌ଡିଆରସି ସରକାରୀ ହାଇସ୍କୁଲ ପରିସର, ଜଟଣୀ, ସମୟ: ସକାଳ ୯ଟା ୩୦।
- ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ୨୬ତମ ଜିଲା କାମ୍ପୋରୀ, ସ୍ଥାନ: ବିଜେବି ହାଇସ୍କୁଲ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଜିଲାସ୍ତରୀୟ ଛାତ୍ର ମହୋତ୍ସବ 'ସରଗି ଫୁଲ ଉତ୍ସବ ୨୦୨୪', ସ୍ଥାନ: ତେଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ, ନୀଳଗିରି, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କଟିସାହି ସରକାରୀ ଉଚ୍ଚ ବିଦ୍ୟାଳୟ, କଟିସାହି, ଭୋଗରାଇ, ସମୟ: ସକାଳ ୮ରୁ ଦିବସବ୍ୟାପୀ।
- ବିଜେଡି ପକ୍ଷରୁ ଗଣଧାରଣାର ଚତୁର୍ଥ ଦିବସ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ

- ଭଦ୍ରକ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବାଂଶଡ଼ା ଥାନା, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବନ୍ତଛକ ଦିଲୀପ ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜନ ଜାତି ଗୌରବ ଦିବସ ପାଳନ, ସ୍ଥାନ: ଢେଙ୍କା, ଧନୁର୍ଜୟପୁର, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ସରଗି ଫୁଲ, ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା, ସ୍ଥାନ: ନରଣପୁର ହାଇସ୍କୁଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ରିଭ୍ୟୁ ମିଟିଂ, ସ୍ଥାନ: ଓଏମ୍‌ସି ଗେଷ୍ଟ ହାଉସ କନଫରେନ୍ସ ହଲ, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ବଣିଆପାଟ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ବଣିଆପାଟ, କେନ୍ଦୁଝର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ପୂର୍ବ ଭାରତ ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ୍ କ୍ରୀଡ଼ା ମହାକୁମ୍ଭ, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ,ସ୍ଥାନ: ଏ.କେ. ସରକାରୀ ବିଦ୍ୟାପୀଠ, ହାତୀମଡ଼ା, କୁଳିଅଣା, ସମୟ: ପୂର୍ବାହ୍ନ ୧୦ଟା।
- ଧାନକ୍ରୟ ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସର,ସାନ ବେଲାକୁଟୀ, ପସୁଦା ପଞ୍ଚାୟତ, ଗୋପବନ୍ଧୁ ନଗର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ:ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ନିରୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟପାଳଙ୍କ ମୟୂରଭଞ୍ଜ ଗସ୍ତ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନ ପକ୍ଷରୁ ପ୍ରତିଯୋଗିତା, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୫ଟା ୩୦।
- ନଂ.୧ ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ କର୍ମଶାଳା,ସ୍ଥାନ: ଗଂଜାମ କଳା ପରିଷଦ,ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ, ସ୍ଥାନ: ବ୍ରହ୍ମପୁର ମଣ୍ଡଳ କାରାଗାର, ସମୟ: ପୂର୍ବାହ୍ନ ୧୧ଟା।
- ବିଏମସି କାଉନସିଲ ବୈଠକ, ସ୍ଥାନ: ବିଏମସି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ୭୨ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ଆସିକା ହରିହର ହାଇସ୍କୁଲ ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ ବିଶ୍ୱକର୍ମା ଯୋଜନା କର୍ମଶାଳା, ସ୍ଥାନ: ପାତ୍ରପୁର ବ୍ଲକ ଜରଡ଼ାଗଡ଼ ରଥଦାଣ୍ଡ, ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ମାଣ୍ଡିଆ ବ୍ୟବହାର ପାଇଁ ସଚେତନ ରଥ ଉଦଘାଟନ,ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଏଚଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ୪ ସ୍ଥାନରେ ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଲୋକାର୍ପଣ, ସ୍ଥାନ: ବିଶ୍ୱାଳି, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ସ୍ୱାସ୍ଥ୍ୟସେବା ଶିବିର ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ମଣ୍ଡିରେ ଧାନର ମାନ ପରୀକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋଲର ସେବା ସମବାୟ ସମିତି ପରିସର, ନାଗପୁରା, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।
- ପୂର୍ବତନ ମନ୍ତ୍ରୀ ପ୍ରଭାତ କୁମାର ସାମନ୍ତରାୟଙ୍କ ଉଦ୍ଦେଶ୍ୟରେ ଉତ୍କଳ ପୋର୍ଟ ଆଣ୍ଡ ଡକ ୱାର୍କର୍ସ ୟୁନିୟନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଚିଙ୍କିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ଯାଜପୁର

- କୋରେଇ ବ୍ଲକ ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ଗଣବିକ୍ଷୋଭ,ସ୍ଥାନ : କୋରେଇ ବ୍ଲକ ସମ୍ମୁଖ,ସମୟ : ପୂର୍ବାହ୍ନ ୧୦ଟା୩୦।
- ୩୫ତମ ନ୍ୟାଶନାଲ ଟ୍ରେଡ ଫେୟାର ସମ୍ପର୍କରେ ଖବରଦାତା ସମ୍ମିଳନୀ,ସ୍ଥାନ: ଗୋଶାଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ:ସକାଳ ୮ଟା।
- ମ୍ୟୁନିସିପାଲିଟି ବୈଠକ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଓଡ଼ଗାଁ ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଘାଟିକିଆ ବଜରଙ୍ଗବାଲି ଫୁଟବଲ ଦଳ ବନାମ ଆଠଗଡ ଦିବ୍ୟଜ୍ୟୋତି ଦଳ , ସ୍ଥାନ: ନୂଆଗାଁ ବ୍ଲକର ମାଳିସାହି ଖେଳପଡିଆ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଶାସ୍ତ୍ରୀ ନଗର, ରାୟଗଡା, ସମୟ: ସକାଳ ୮ଟା ୩୦।
- ଉପଖଣ୍ଡସ୍ତରୀୟ ତ୍ରିଦିବସୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେବା ସମାଜ ସମ୍ମୁଖ ପଡ଼ିଆ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ସମାରୋହ, ସ୍ଥାନ: ନବରଙ୍ଗପୁରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମ୍, କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବ୍ଲକସ୍ତରୀୟ ପରବ, ସ୍ଥାନ: ସଙ୍ଗାନା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୁର, ସମୟ: ସକାଳ ୯ଟା ୩୦।
- କୁନ୍ଦୁରା ବ୍ଲକସ୍ତରୀୟ ପରବ, ସ୍ଥାନ: ଶାସ୍ତ୍ରୀ ମଇଦାନ, ସମୟ: ସକାଳ ୯ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଟାଉନହଲ, ସମୟ: ସକାଳ ୧୦ଟା।
- ବ୍ଲକ୍‌ସ୍ତରୀୟ ପରବ ଉଦ୍‌ଘାଟନ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲାରେ ଧାନ ସଂଗ୍ରହ ପାଇଁ ଯୋଗାଣ ବିଭାଗ ପକ୍ଷରୁ ପୂଜାର୍ଚ୍ଚନା, ସ୍ଥାନ : ବରେଇପାଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସର, ସମୟ : ସକାଳ ୮ଟା।
- ଭାଲୁବାହାଲ ମା' ଲକ୍ଷ୍ମୀ କ୍ଲବ ଆୟୋଜନରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ , ସ୍ଥାନ : ପି ଟିଙ୍କିରା ଖେଳପଡିଆ, ସମୟ : ସକାଳ ୯ଟା।
- ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ : ସାକ୍ଷୀପଡା ସ୍ଥିତ ରଥ କମ୍ପ୍ଲେକ୍ସ, ସମୟ : ସନ୍ଧ୍ୟା ୭ଟା।
- ଗୋକୁଳାଷ୍ଟମୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ, କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଲୋକକଳା ସଙ୍ଗମ ୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୁରଙ୍ଗମ ନାଟ୍ୟ ମଣ୍ଡପ,ଲୋଇସିଂହା, ସମୟ : ସକାଳ ୮ଟା।
- ଚତୁରଙ୍ଗର ସମ୍ପାଦନା ମଣ୍ଡଳୀ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଉଫୁଲା ଖେଳ ପଡିଆ,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲର ଉଦ୍‌ଘାଟନୀ, ସ୍ଥାନ: ବରଡ଼ୋଲ ଆଶ୍ରମ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- କୋଶଳ ସେନାର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ: ପି.ଏସ୍ କଲେଜ, ଗାଇସିଲେଟ୍, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବରଗଡ଼ ବିଜ୍ଞାନ କେନ୍ଦ୍ର, ଗୁରୁଡ଼ା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍
- ବିବିଏସ୍‌ଏ କ୍ୟାମ୍ପ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଗାଇସିଲେଟ୍, ସମୟ- ପୂର୍ବାହ୍ନ ୧୦ଟା ୩୦।
- ଧନୁଯାତ୍ରା ଉପଦେଷ୍ଟା ଓ କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଧାନ ସଂଗ୍ରହ ସମୀକ୍ଷା ଓ ଚାଷୀଙ୍କ ସହିତ ଆଲୋଚନା, ସ୍ଥାନ: ସର୍କିଟ୍ ହାଉସ, ବରଗଡ଼, ସମୟ: ରାତି ୮ଟା।
- ବରଗଡ଼ ପୁସ୍ତକ ମେଳାରେ ନାରୀକବି ସମ୍ମିଳନୀ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ମନମୋହନ ସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରାମପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ମାଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ୨ ଦିନିଆ ୪ର୍ଥ ଇଏମଆରଏସ ନ୍ୟାସନାଲ ସ୍ପୋର୍ଟସ ମିଟ,ସ୍ଥାନ:ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,କୁଆଁରମୁଣ୍ଡା,ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ପାନପୋଷ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବେଦବ୍ୟାସ ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟଜୋନ୍ ୟୁନିଭର୍ସିଟି ପୁରୁଷ ହକି ମ୍ୟାଚ୍, ସ୍ଥାନ: ପାନପୋଷ ସ୍ପୋର୍ଟସ ହଷ୍ଟେଲ ସମୟ: ପୂର୍ବାହ୍ନ ୧୧ଟା।
- ଗାୟତ୍ରୀ ପୀଠରେ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୮ଟା।
- ଡାଇମଣ୍ଡ ଟାୱାରରେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଦେବଗଡ଼

- ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ସିନିୟର ମେନ ଇଣ୍ଡ କ୍ଲବ କ୍ରିକେଟ୍, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଟମନ ଭେରା, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ମଣ୍ଡି ପଡିଆ ତରବୋଡ଼, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲି ପରି ଆଜିର ପରିସ୍ଥିତିରେ କୌଣସି ପରିବର୍ତ୍ତନ ସୂଚନା ନାହିଁ। ଉପସ୍ଥିତବୁଦ୍ଧି ଅନ୍ୟମାନଙ୍କୁ ଆପଣାର କରିବାରେ ସହାୟକ ହେବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ପାରସ୍ପରିକ ସହମତି ନେବା ଭଲ। କୌଣସି ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ** ବିଳାସବ୍ୟସନ ଦିଗକୁ ମନ ଢଳିବ କିନ୍ତୁ ପାପଗ୍ରହ ପ୍ରଭାବରେ ପରିସ୍ଥିତି ଗୋଳମାଳିଆ ରହିବ। ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିପାରନ୍ତି। ଅଫିସରେ କାମର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଶିଳ୍ପ, ବ୍ୟବସାୟ ଭଲରେ ଚାଲିଲେ ମଧ୍ୟ ପରିବହନରେ କ୍ଷତି, କିମ୍ବା ଆକସ୍ମିକ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ପ୍ରତିକୂଳ ପରିସ୍ଥିତି ସହ ଲଢ଼େଇ କରି କାର୍ଯ୍ୟ ହାସଲରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେବାରୁ ପାରିବାରିକ ସମ୍ପର୍କ ହାନି ଘଟିବ। ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ଆଜି ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ଓ ସୁଯୋଗ ବିଷାଦିତ ମନକୁ ଆହ୍ଲାଦିତ କରିବାରେ ସହାୟକ ହେବ। ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ନେଇପାରନ୍ତି। ସଭାସମିତିରେ ଆଲୋଚନା ଅମୀମାଂସିତ ରହିପାରେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପାଇବା ଦ୍ୱାରା କର୍ମକ୍ଷେତ୍ରର ସମସ୍ୟା ସମାଧାନରେ ସଫଳ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ମଧୁମୟ କରିବ। ସଭାସମିତିରେ କିମ୍ବା ଆଲୋଚନା କ୍ଷେତ୍ରରେ ସତକଥା କହି ବିବାଦୀୟ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ସଙ୍ଗୀତ ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଆଜିର ଗ୍ରହସ୍ଥିତି ଆପଣଙ୍କ ସାମଗ୍ରିକ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିପାରେ। ଭଲ ସମ୍ପର୍କ ନ ଥିବା କୌଣସି ବନ୍ଧୁଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ଆତ୍ମୀୟଙ୍କ ଅସହଯୋଗ ଏବଂ ଅସମ୍ମାନ ପାଇ ଦୁଃଖିତ ହେବେ। ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** ଆଜି ଶନିଙ୍କ ଦୃଷ୍ଟି ସପ୍ତମସ୍ଥାନକୁ ଥିବାରୁ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବା ସହ ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ସ୍ୱାତୀ ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ବିଛା** ଦୀର୍ଘଦିନ ହେଲା ଯାହା ପାଉ ନ ଥିଲେ ଆଜି ତାହା ପାଇ ଖୁସି ହୋଇଯିବେ। ହାତକୁ ନେଇଥିବା କାର୍ଯ୍ୟ କୌଶଳ ପୂର୍ବକ ସମ୍ପନ୍ନ କରିନେବେ। ଯେକୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। କଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଅର୍ଥଲାଭ, ବନ୍ଧୁମିଳନ, ନୂତନ ସ୍ଥାନ ଭ୍ରମଣ ସୁଯୋଗ ପାଇବେ। ପ୍ରଶାସନିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହିବାରୁ ସମସ୍ୟା ଉପୁଜିପାରେ। ପୁରାତନ ରୋଗପୀଡ଼ା କାରଣରୁ ମାନସିକ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ମକର** ଦୁଶ୍ଚିନ୍ତା କାରଣରୁ ଟେନ୍ସନ ଲାଗିରହିଥିଲେ ମଧ୍ୟ ଦୃଢ଼ତା ଓ ଧୈର୍ଯ୍ୟର ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। ବାଣିଜ୍ୟ, ପରିବହନ, ପ୍ଲଟିଂ କାରବାର, ମାଲିମକଦ୍ଦମା ପ୍ରଭୃତି କ୍ଷେତ୍ରରେ ଅଭିଳଷିତ ଫଳ ପାଇବେ। ଧନିଷ୍ଠା ନକ୍ଷତ୍ର ସ୍ୱାସ୍ଥ୍ୟହାନି ସାଙ୍ଗକୁ ଆର୍ଥିକ ଅନଟନ କାରଣରୁ କରଜ କରିବାକୁ ବାଧ୍ୟ ହେବେ।

**କୁମ୍ଭ** ପରିସ୍ଥିତି ପ୍ରତି ନଜର ଦେଲେ କୌଣସି କାମ ଅଟକିବ ନାହିଁ। ପୁରୁଣା ଜିନିଷ ବିକ୍ରୟ କରି ନୂତନ ଜିନିଷ କ୍ରୟ ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସନ୍ତୁ ନାହିଁ ନଚେତ୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଅଦଳବଦଳ ହୋଇଯିବାର ବହୁତ ସମ୍ଭାବନା ରହିଛି।

**ମୀନ** ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ରାଜନୈତିକ କ୍ଷେତ୍ରରେ, ସାଂଗଠନିକ ସ୍ତରରେ କିମ୍ବା ପ୍ରଶାସନିକ ନିଷ୍ପତ୍ତି ନେବା କ୍ଷେତ୍ରରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ନଭେମ୍ବର ୨୨ ତାରିଖ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ, ମାର୍ଗଶିର କୃଷ୍ଣ ସପ୍ତମୀ ଶୁକ୍ରବାର, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୩ ଗତେ ଘ.୦୬.୪୭ ମଧ୍ୟେ, ଘ.୦୭.୩୧ ଗତେ ଘ.୦୮.୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୦ ମି. ଗତେ ଘ. ୧୧.୩୨ ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ୨୦୨୧: ଓଡ଼ିଶା...

ଅନ୍ୟ ୬ ଜଣଙ୍କ ବିରୋଧରେ ଲାଞ୍ଚ ଦେବା ଓ ଷ୍ଟକ୍ସ ଜାଲିଆତି ନେଇ ଦୁଇଟି ପୃଥକ୍ ଅଭିଯୋଗ ଆଣିଥିବାବେଳେ ନ୍ୟୁୟର୍କସ୍ଥିତ ଏକ କୋର୍ଟରେ ଆପରାଧିକ ମାମଲା ଦାଏର କରିଛି। ସେହିପରି ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ଗୌତମ ଓ ସାଗରଙ୍କ ସମେତ ଏହି ଠିକା ପ୍ରଦାନ ପାଇଁ ଅନୁକୂଳ ବାଟ ବାହାର କରିଥିବା ଆଜ୍ୟୁର ପାୱାର ଏକ୍‌ଜିକ୍ୟୁଟିଭ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିଲାଗି ଆମେରିକାରେ ଆଦାନୀ ଏବଂ ଅନ୍ୟ ଅଭିଯୁକ୍ତଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଛି।

ଅଭିଯୋଗ ଅନୁଯାୟୀ, ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ୨୦୨୧ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କୁ ଭେଟି ୭,୦୦୦ ମେଗାୱାଟ୍ ବିଦ୍ୟୁତ୍ କିଣିବା ପାଇଁ ରାଜି କରାଇଥିଲେ। ଆନ୍ଧ୍ର ଅଧିକାରୀମାନେ ମେଗାୱାଟ୍ ପିଛା ୨୫ ଲକ୍ଷ ଟଙ୍କା ହିସାବରେ ମୋଟ ୧,୭୫୦ କୋଟିଟଙ୍କା ଲାଞ୍ଚ ନେଇଥିଲେ। ସେହିବର୍ଷ ଓଡ଼ିଶା(ବିଜେଡି ସରକାର ସମୟରେ) ମଧ୍ୟ ସମାନ ଉପାୟରେ ୫୦୦ ମେଗାୱାଟ୍ ବିଦ୍ୟୁତ୍ କିଣିଥିଲା ବୋଲି ଆମେରିକୀୟ ସରକାରୀ ଓକିଲଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି। ଅଭିଯୋଗରୁ ଜଣାପଡ଼ିଛି ଯେ, ଆଦାନୀ ଉକ୍ତ ସୋଲାର ପାୱାର ଠିକା ହାସଲ କରିବା ଲାଗି ସେଥିରେ ଥିବା ସର୍ତ୍ତକୁ କୋହଳ କରାଇବା ନିମନ୍ତେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଏବଂ ଜମ୍ମୁ-କଶ୍ମୀର ସରକାରଙ୍କ ଅଧିକାରୀମାନଙ୍କୁ ମୋଟ ୨,୨୦୦ କୋଟି ଟଙ୍କାର ଲାଞ୍ଚ ଦେଇଥିଲେ। ଏହି ଠିକା ଯୋଗୁ ଆଦାନୀ ଗ୍ରୁପ୍‌କୁ ଆଗାମୀ ୨୦ ବର୍ଷରେ ୨୦୦ କୋଟି ଡଲାରରୁ ଅଧିକ ଲାଭ ହେବା ଅନୁମାନ କରାଯାଉଛି।

ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଉକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି ଦର୍ଶାଇଛି। ଏଥିସହ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଦ୍ୱାରା ଜାରି ୬୦୦ ନିୟୁତ ଡଲାର ମୂଲ୍ୟର ବଣ୍ଡକୁ ରଦ୍ଦ କରିଦେଇଛି। ଅଭିଯୋଗ ଆସିବାର କିଛି ଘଣ୍ଟା ପୂର୍ବରୁ ଏହି ଇସ୍ୟୁକୁ ୩ ଗୁଣା ଅଧିକ ସବ୍‌ସ୍କ୍ରାଇବ୍ କରାଯାଇଥିଲା। ଏହି ଘଟଣାକ୍ରମ ପରେ ଆମ ସବ୍‌ସିଡିଆରି କମ୍ପାନୀଗୁଡ଼ିକ ପ୍ରସ୍ତାବିତ ବଣ୍ଡଗୁଡ଼ିକରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଆଦାନୀ ଗ୍ରୀନ୍ ଏନର୍ଜି ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ଦର୍ଶାଯାଇଛି। ଏଥିସହ ସବୁ ପ୍ରକାର ସମ୍ଭାବ୍ୟ ଆଇନଗତ ପଦକ୍ଷେପ ନିଆଯିବା ପାଇଁ ପ୍ରସ୍ତୁତି ଚାଲିଥିବା ଗ୍ରୁପ୍ ମୁଖପାତ୍ର ଏକ ବିବୃତିରେ ଜଣାଇଛନ୍ତି। ସେପଟେ ଉକ୍ତ ଅଭିଯୋଗ ଆସିବା ପରେ ଭାରତୀୟ ପୁଞ୍ଜି ବଜାରରେ ଆଦାନୀ ଗ୍ରୁପ୍‌ର ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ୨୩% ଅର୍ଥାତ୍ ୨.୮ ଲକ୍ଷ କୋଟି ଟଙ୍କା ଖସିଛି। ୨୦୨୩ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ କରିବା ପରେ ଆଦାନୀ ଶେୟାରଗୁଡ଼ିକର ଯେତିକି କ୍ଷତି ହୋଇଥିଲା, ବର୍ତ୍ତମାନର କ୍ଷତି ତା'ର ଦୁଇଗୁଣାରୁ ଅଧିକ ହେବ। ସଦ୍ୟ ଷ୍ଟକ୍ସ ଅବମୂଲ୍ୟାୟନ ପୂର୍ବରୁ ୮୫.୫ ବିଲିୟନ୍ ଡଲାର ସମ୍ପତ୍ତିର ଅଧିକାରୀ ଆଦାନୀ ବିଶ୍ୱର ଅଷ୍ଟାଦଶ ଧନୀ ବ୍ୟକ୍ତି ରୂପେ ପରିଗଣିତ ହେଉଥିଲେ। ଆଦାନୀ ଗ୍ରୁପ୍ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ପରେ ରେଟିଂ ଏଜେନ୍ସିଗୁଡ଼ିକ ଏହାପ୍ରତି ପୂର୍ବରୁ ଥିବା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଛନ୍ତି। ମୁଡିଜ୍ ଆଦାନୀ ଗ୍ରୁପ୍‌କୁ ପୂର୍ବରୁ ପଜିଟିଭ ବର୍ଗରେ ରଖିଥିବାବେଳେ ଅଭିଯୋଗ ଆସିବା ପରେ ଏହାକୁ ନେଗେଟିଭ୍ କରିଦେଇଛି। ଫଳରେ ଭାରତୀୟ ପୁଞ୍ଜିବଜାରରେ ତାଲିକାଭୁକ୍ତ ଆଦାନୀ ଗ୍ରୁପ୍‌ର ୧୦ଟି କମ୍ପାନୀରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମାନଙ୍କ ନିବେଶ ବହୁଳ ମାତ୍ରାରେ ହ୍ରାସ ପାଇବା ଆଶଙ୍କା କରାଯାଉଛି।

## ଆଦାନୀଙ୍କୁ ତୁରନ୍ତ...

ସେ ଏହି ପ୍ରସଙ୍ଗ ଉଠାଇବେ। ଏହା ଉପରେ ପୂରା ବିରୋଧୀ ଏକାଠି ଅଛନ୍ତି। ବିରୋଧୀଙ୍କ ପକ୍ଷରୁ ମିଳିତ ଭାବେ ଏହି ପ୍ରସଙ୍ଗ ଉଠାଯିବ। ଆଦାନୀ ଗ୍ରୁପ୍‌ର କାରବାର ଉପରେ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ବିରୋଧୀ ଏବେ ମଧ୍ୟ ଅଟଳ। ଆଦାନୀଙ୍କୁ ମୋଦି ସରକାର ସୁରକ୍ଷା ଦେଉଥିବାରୁ ଭାରତରେ ତାଙ୍କୁ ଗିରଫ କରାଯିବ ନାହିଁ କି ତାଙ୍କ ବିରୋଧରେ ତଦନ୍ତ କରାଯିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସନୀୟତା ଧ୍ୱଂସ ହୋଇଯାଇଛି। ଆଦାନୀ ଓ ମୋଦି ଏକ ବୋଲି ସାରା ଦେଶ ଜାଣିଗଲାଣି। ସେମାନଙ୍କ ସମ୍ପୂର୍ଣ୍ଣ (ରାଜନୈତିକ-ଅମଲାତନ୍ତ୍ରୀ) ନେଟ୍‌ୱର୍କ ଉପରୁ ଆମେ ପରଦା ହଟାଇବୁ। ମାଧବୀ ପୁରୀ ବୁଚ୍ ଏହାର ପ୍ରଥମ ଦୃଷ୍ଟାନ୍ତ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଆଦାନୀ ଗ୍ରୁପ୍‌ର କାର୍ଯ୍ୟକଳାପ, ବିଦେଶରେ ପୁଞ୍ଜିନିବେଶ ସମେତ ସବୁ ଦିଗକୁ ନେଇ ଜେପିସି ତଦନ୍ତ ଦାବି କରିଛନ୍ତି। ମୋଦି ସରକାର ଅହେତୁକ ଅନୁକମ୍ପା ଗ୍ରହଣ କରି ଅଳ୍ପ କେତେଜଣଙ୍କ ହାତରେ ଠିକା ଟେକିଦେବା ପାଇଁ ନୀତି ପ୍ରଣୟନରେ ସ୍ୱେଚ୍ଛାଚାରିତା ଅବଲମ୍ବନ କରୁଥିବା ଖାର୍ଗେ ଅଭିଯୋଗ ଆଣିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନଙ୍କ ପଦକ୍ଷେପ ତାଙ୍କ ଭାରତୀୟ ପ୍ରତିପକ୍ଷ ସେବିର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଛି। ସେବି ଆଦାନୀ ଗ୍ରୁପ୍ ବିରୋଧରେ ପୂର୍ବରୁ ଆଗତ ଷ୍ଟକ୍ସ ଜାଲିଆତି ଓ ଶେଲ୍ କମ୍ପାନୀ କାରବାର ଅଭିଯୋଗର ଉପଯୁକ୍ତ ତଦନ୍ତ କରି ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ମୋଦନୀ (ମୋଦି+ଆଦାନୀ) ଦୁର୍ନୀତିର ଜେପିସି ତଦନ୍ତ କରାଯାଉ ବୋଲି ସେ ଏକ୍ସ'ରେ ଦାବି କରିଛନ୍ତି।

ସିପିଆଇଏମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ମୋଦି ସରକାର ଆଉ ନିଜକୁ ଘଣ୍ଟ ଘୋଡ଼ାଇପାରିବେ ନାହିଁ। ଗୌତମ ଆଦାନୀଙ୍କ ବିରୋଧରେ ଆମେରିକାରେ ଆଗତ ଲାଞ୍ଚ ଅଭିଯୋଗର ସିବିଆଇ ତଦନ୍ତ କରାଯାଉ। ତୃଣମୂଳ କଂଗ୍ରେସ ଏମ୍‌ପି ସାକେତ ଗୋଖଲେ କହିଛନ୍ତି, ଆମେରିକାରୁ ଖବର ଆସିବା ପରେ ଭାରତୀୟ ଶେୟାର ମାର୍କେଟ ଧରାଶାୟୀ ହେବାରେ ଲାଗିଛି। ପୁଞ୍ଜି ବଜାରରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ବେଳେ ଭାରତ ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ଏହି ମାମଲାରେ ମୋଦି ସରକାର ସମ୍ପୃକ୍ତ କି ତାହାର ତଦନ୍ତ କରାଯାଉ। ଅନ୍ୟପକ୍ଷେ କଂଗ୍ରେସ ଓ ରାହୁଲ ୨୦୦୨ରୁ ମୋଦିଙ୍କୁ ଟାର୍ଗେଟ କରିଆସିଥିବା ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି।

## ପାକିସ୍ତାନରେ ଆତଙ୍କବାଦୀ...

କୁରାମରେ ସୁନ୍ନୀ ଏବଂ ଶିୟା ସମ୍ପ୍ରଦାୟର ଲୋକମାନେ ମଝିରେ ମଝିରେ ମୁହାଁମୁହିଁ ହେଉଛନ୍ତି। ଗତ ଅକ୍ଟୋବରରେ ଏହି ସାମ୍ପ୍ରଦାୟିକ ସଂଘର୍ଷରେ ୩ ମହିଳା ଓ ୨ ଛୋଟ ପିଲାଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜୁଲାଇ ଓ ସେପ୍ଟେମ୍ବରରେ ମଧ୍ୟ ଅନେକେ ପ୍ରାଣ ହରାଇଥିଲେ।

## ନେତାନ୍ୟାହୁଙ୍କ ନାଁରେ...

ଉଭୟ ନେତାନ୍ୟାହୁ ଏବଂ ଗାଲାଣ୍ଟ ହତ୍ୟା, ଉତ୍ପୀଡ଼ନ ଏବଂ ଅମାନବୀୟ କାର୍ଯ୍ୟରେ ସମ୍ପୃକ୍ତ ବୋଲି ଆଇସିସି ଅଭିଯୋଗ କରିଛି। ଯୁଦ୍ଧ ଯୋଗୁ ଗାଜାର ଅନେକ ଲକ୍ଷ ଲୋକ କ୍ଷୁଧାରେ ଦିନ କାଟୁଛନ୍ତି। ସେମାନଙ୍କ ପାଖରେ ମାନବୀୟ ସହାୟତା ପହଞ୍ଚାଇବାରେ କଟକଣା ଜାରି ହୋଇଛି। ଫଳରେ ଗାଜାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଅନେକ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିବା ସହ ଭୟଙ୍କର ମାନବୀୟ ସଙ୍କଟ ଦେଖାଦେଇଛି।

## ୨୪ରେ ମିଳିବ ସୁଭଦ୍ରା...

୬୦ ଲକ୍ଷ ୨୭ ହଜାର ଜଣଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଥିବା ବେଳେ ଏଥର ମିଶିଲେ ଏହି ସଂଖ୍ୟା ୮୦ ଲକ୍ଷ ପାର୍ ହୋଇଯିବ। ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଆବେଦନକାରୀଙ୍କ ସଂଖ୍ୟା ୧ କୋଟି ୧୬ ଲକ୍ଷରେ ପହଞ୍ଚିଲାଣି। ନଭେମ୍ବର ୨୪ ପରେ ଡିସେମ୍ବରରେ ଆଉ ଏକ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯିବ। ଏହାପରେ ଜାନୁଆରୀ ଓ ଫେବୃଆରୀରେ ଯେଉଁମାନେ ଆବେଦନ କରିବେ ସେମାନେ ମାର୍ଚ୍ଚ ୮ରେ ଏକାସଙ୍ଗେ ୨ଟି କିସ୍ତି ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ କହିଛନ୍ତି, ଏଥିସହ ଏକାଧିକ ଆକାଉଣ୍ଟ ଯୋଗୁ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ୫ ଲକ୍ଷ ଆବେଦନକାରୀଙ୍କୁ ସିଙ୍ଗଲ ଆକାଉଣ୍ଟ ଦେବାକୁ ଉପମୁଖ୍ୟମନ୍ତ୍ରୀ ପୁଣି ଅପିଲ କରିଛନ୍ତି। ଗୋଟିଏ ମୋବାଇଲ ନମ୍ବର ସହ ଏକାଧିକ ଆକାଉଣ୍ଟ ଲିଙ୍କ୍ ରହୁଛି। ଫଳରେ ଟଙ୍କା ପହଞ୍ଚିବାରେ ଅସୁବିଧା ହେଉଛି। ଏଥର ଯାହାର ମୋବାଇଲ ନମ୍ବର ସହ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ସହ ଲିଙ୍କ୍ ଥିବ ସେମାନେ ନିହାତି ଭାବେ ଏଥର ସୁଭଦ୍ରା ଟଙ୍କା ପାଇବେ। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେବେନାହିଁ। ସମସ୍ତ ହକ୍‌ଦାରଙ୍କୁ ଟଙ୍କା ପ୍ରଦାନ କରାଯିବ। ଗତ ସେପ୍ଟେମ୍ବର ୧୭ରେ ଓ ଅକ୍ଟୋବର ୯ ରେ ୨ଟି ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇସାରିଛି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ଟାର୍ଗେଟ ରଖିଛନ୍ତି।

## ସିଙ୍ଗାପୁର ଗସ୍ତରୁ...

ଗୁରୁତ୍ୱ ଦେଇଥିଲେ। ଏଥିସହିତ ଓଡିଶାର ପ୍ରତିନିଧି ଦଳ ସିଙ୍ଗପୁର ସରକାରଙ୍କ ଉପ ପ୍ରଧାନମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଦୀର୍ଘ ମିଆଦି ଶିଳ୍ପ ବିକାଶ, ପରିବେଶ ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି। ଗସ୍ତ ଶେଷରେ ଗୁରୁବାର ନୂଆଦିଲ୍ଲୀ ଠାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସିଙ୍ଗାପୁର ଗସ୍ତ ସଫଳ ହୋଇଛି। ବିଶ୍ୱସ୍ତରୀୟ ଶିଳ୍ପ ମହାନାୟକମାନଙ୍କୁ ଓଡିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରାଯାଇଛି। ଏଥିସହିତ ସେମାନଙ୍କୁ ଆସନ୍ତା ଜାନୁୟାରୀରେ ହେବାକୁ ଥିବା ଉତ୍କର୍ଷ ଓଡିଶା: ମେକ ଇନ ଓଡିଶା କନକ୍ଲେଭ-୨୦୨୫କୁ ଆମନ୍ତ୍ରଣ କରାଯାଇଛି। ରାଜ୍ୟରେ ବନ୍ଦର, ସବୁଜ ଶକ୍ତି ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କ୍ଷେତ୍ର ପ୍ରଶସ୍ତ ହୋଇଛି।



ମହାନ ଜନନାୟକ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ବାହାରିଥିବା ପାଇକ ରାଲି।

# ବିବାଦ ଘେରରେ ପେଣ୍ଠାରେ ଇକୋ ରିଟ୍ରିଟ୍ ସ୍ଥାନ

**କେନ୍ଦ୍ରାପଡ଼ା, ୨୧।୧୧ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠାରେ ଡିସେମ୍ବର ୧ ଠାରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଇକୋ ରିଟ୍ରିଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଟେଣ୍ଟଠାରୁ ଆରମ୍ଭ କରି ଆବଶ୍ୟକ ଭିତ୍ତିଭୂମିକୁ ସଜଡ଼ା ଯାଇଛି। ଏହି ସମୟରେ ଇକୋ ରିଟ୍ରିଟ ସ୍ଥାନକୁ ନେଇ କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭାଗୀୟ ସହକାରୀ ପ୍ରମୁଖ ସଚିବଙ୍କ ନିକଟକୁ ଗୁରୁବାର ଆସିଥିବା ଚିଠି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ଉଦ୍ୟାନ ଭିତରକନିକାର ପେଣ୍ଠ ସମୁଦ୍ର ତଟରେ ହେବାକୁ ଥିବା ଇକୋ ରିଟ୍ରିଟ କାର୍ଯ୍ୟକ୍ରମ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ପ୍ରଭାବ ସମ୍ପର୍କରେ ସ୍ପଷ୍ଟୀକରଣ

### କେନ୍ଦ୍ରରୁ ରାଜ୍ୟ ମନ୍ତ୍ରଣାଳୟକୁ ଆସିଲା ଚିଠି

ଦେବାକୁ ଏହି ଚିଠି (୭/୨୪)ରେ ଉଲ୍ଲେଖ ଅଛି। ଇକୋ ରିଟ୍ରିଟ ସ୍ଥାନ ଉପରେ ଜିଲାର ମାର୍ଶାଘାଇ ବ୍ଲକ ଅଞ୍ଚଳର ଆଳୟ ସାମନ୍ତରାୟ କେନ୍ଦ୍ର ମନ୍ତ୍ରଣାଳୟକୁ ଗତ ୧୨ ତାରିଖରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ପର୍ଯ୍ୟଟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ଅଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଇକୋ ରିଟ୍ରିଟ ଆବଶ୍ୟକ। ତେବେ ଏହା ପରିବେଶ ସମ୍ବେଦନଶୀଳ ସ୍ଥାନରୁ ସାମାନ୍ୟ ଦୂରରେ ହୋଇପାରିବ। ପେଣ୍ଠ ସମୁଦ୍ର ତଟ ଜାତୀୟ ଉଦ୍ୟାନ ଭିତରକନିକାର ଏକ ଅଂଶ। ଏହାବ୍ୟତିତ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ଏହାର ପରିସୀମା ଥିବା ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ସାମୂହିକ ଭାବେ ଅଣ୍ଡାଦାନ ପାଇଁ ଏଠାକୁ ଆସନ୍ତି। ପ୍ରତିବର୍ଷ ପ୍ରାୟ ୫ରୁ ୬ ଲକ୍ଷ ପର୍ଯ୍ୟନ୍ତ ଆସୁଥିବା ଏହି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ବନ ବିଭାଗଠାରୁ ଆରମ୍ଭ କରି ଜିଲା ପୋଲିସ, ସମୁଦ୍ର ତଟରକ୍ଷା ବାହିନୀ ସଜାଗ ରହିଥାନ୍ତି। ଅଲିଭ୍‌ରିଡ୍‌ଲେଙ୍କ ଆଗମନ, ମିଳନ, ଅଣ୍ଡାଦାନ, ଶାବକ ଜନ୍ମ, ସମୁଦ୍ରକୁ ଗମନ ପାଇଁ ବନ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମତ୍ସଜୀବୀଙ୍କୁ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ନ ଯିବା ପାଇଁ କଟକଣା ହୋଇଛି। କଟକଣା ସମୟରେ ପେଣ୍ଠାରେ ଇକୋ ରିଟ୍ରିଟ ଆୟୋଜିତ କରାଗଲେ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ। କେନ୍ଦ୍ର ମନ୍ତ୍ରଣାଳୟଠାରୁ ରାଜନଗର ବନଖଣ୍ଡ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଲିଖିତ ପତ୍ର ମାଧ୍ୟମରେ ଅବଗତ କରାଇଥିବା ଅଭିଯୋଗକାରୀ ଆଳୟ କହିଛନ୍ତି।

# ପତଞ୍ଜଳି ଆୟୁର୍ବେଦ କଲେଜକୁ 'ଏ' ଗ୍ରେଡ୍

**ଭୁବନେଶ୍ୱର,୨୧।୧୧ (ଅନୁରାଧା ମହାରଣା)**

ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ ଅଫ୍ ମେଡିସିନ (ଏନ୍‌ସିଆଇଏସ୍‌ଏମ୍) ଆୟୁର୍ବେଦ କଲେଜଗୁଡ଼ିକର ଜାତୀୟ ମୂଲ୍ୟାୟନ ପ୍ରକାଶ କରିଛି। ଏଥିମଧ୍ୟରୁ ହରିଦ୍ୱାରସ୍ଥିତ ପତଞ୍ଜଳି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ପତଞ୍ଜଳି ଆୟୁର୍ବେଦ କଲେଜ) 'ଏ' ଗ୍ରେଡ୍ ମାନ୍ୟତା ସହ ଦେଶରେ ଶ୍ରେଷ୍ଠ ୨୦ ସ୍ଥାନରେ ରହିଛି। ଏ ସମ୍ପର୍କରେ ସୂଚନା ଦେଇ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା ଗଣମାଧ୍ୟମକୁ କହିଛନ୍ତି, ୫୫୨ ଆୟୁର୍ବେଦ କଲେଜ ମଧ୍ୟରୁ ଶ୍ରେଷ୍ଠ ୨୦ରେ ସ୍ଥାନ ପାଇବା ଅତ୍ୟନ୍ତ ଗର୍ବର ବିଷୟ। ଏହି ତାଲିକାରେ ସ୍ଥାନ ପାଇବାରେ ଉତ୍ତରାଖଣ୍ଡର କଲେଜଗୁଡ଼ିକ ମଧ୍ୟରୁ ପତଞ୍ଜଳି ଆୟୁର୍ବେଦ କଲେଜ ଏକମାତ୍ର ଶିକ୍ଷାନୁଷ୍ଠାନ। ଏକାଡେମିକ ଗୁଣବତ୍ତା, ଲାଇବ୍ରେରି ସୁବିଧା, ଅଧ୍ୟାପକ ଓ ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା, ଉପଲବ୍ଧ ଉତ୍ସ, ଅନୁସନ୍ଧାନ ଭିତ୍ତିଭୂମି ଏବଂ ଏକ ଜଡ଼ିବୁଟି ବଗିଚା ଆଦି ପାରାମିଟର ଆଧାରରେ ଏହି ମୂଲ୍ୟାଙ୍କନ କରାଯାଇଥିବା ସୂଚନା ଦିଆଯାଇଛି।

# ମହତାବ ବିଚକ୍ଷଣ ରାଜନେତା ଥିଲେ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୧।୧୧ (ଅନିଲ ଦାସ)**

ଡକ୍ଟର ହରେକୃଷ୍ଣ ମହତାବ ଜଣେ ବିଚକ୍ଷଣ ରାଜନେତା ଓ ପ୍ରଶାସକ ଥିଲେ। ଗୁରୁବାର ନୂଆଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ରାଜନୀତିରେ ନାମ ଅର୍ଜନ କରିଥିବା ଅନେକ ଯୁବ ରାଜନେତାମାନଙ୍କର ମହତାବ ଗୁରୁ ଥିଲେ। ରାଜନୀତି ବ୍ୟତୀତ ସେ ଜଣେ ଲେଖକ ଓ ସାମ୍ବାଦିକ ଭାବେ ଜଣାଶୁଣା ଥିଲେ। ଆଜି ମଧ୍ୟ ମହତାବଙ୍କର ଅବଦାନ ରାଜ୍ୟରେ ପ୍ରତିଫଳିତ ହେଉଛି।

### ମହତାବଙ୍କ ଜନ୍ମଶତବାର୍ଷିକୀ ସମାରୋହ ପାଳିତ

ସ୍ୱାଧୀନତାର ଘଡ଼ି ସନ୍ଧି ସମୟରେ ସେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ସେ ଥିଲେ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଓ ପ୍ରଥମ ମୁଖ୍ୟମନ୍ତ୍ରୀ। କରଦ ରାଜ୍ୟଗୁଡ଼ିକୁ ଭାରତରେ ମିଶାଇବା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କର ଯେପରି ଭୂମିକା ରହିଥିଲା, ସେହିପରି ମହତାବ ୨୬ଟି ଅଞ୍ଚଳକୁ ଓଡ଼ିଶାରେ ମିଶାଇଥିଲେ। ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହୀରାକୁଦ ଡ୍ୟାମ୍‌ଠାରୁ ଆରମ୍ଭ କରି ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତର କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଏହି ଉତ୍ସବରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ଏମ୍‌ପି ଭର୍ତ୍ତୃହରି ମହତାବ ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ହରେକୃଷ୍ଣ ମହତାବଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରାଯାଇଥିଲା।

# ଖଣିଜ ପରିବହନକାରୀ ଟ୍ରକ ଧର୍ମଘଟ ପ୍ରତ୍ୟାହୃତ

**ଭୁବନେଶ୍ୱର,୨୧।୧୧(ଅନିଲ ଦାସ)**

ଗତ ୧୦ ତାରିଖରୁ ଚାଲିଥିବା ଲଘୁ ଖଣିଜ ଦ୍ରବ୍ୟ ପରିବହନକାରୀ ଟ୍ରକ ଧର୍ମଘଟ ଗୁରୁବାର ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ପ୍ରତ୍ୟାହୃତ ହୋଇଛି। ମିଳିତ ଟ୍ରକ ମାଲିକ ସଂଘ କ୍ରିୟାନୁଷ୍ଠାନ କମିଟି ତରଫରୁ ବିଭିନ୍ନ ପ୍ରକାର ଲଘୁ ଖଣିଜ ଦ୍ରବ୍ୟ ବିଶେଷ କରି ନଦୀ ବାଲି ପରିବହନରେ ଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ୧୧ଦଫା ଦାବି ରାଜ୍ୟ ସରକାରଙ୍କଠାରେ ଉପସ୍ଥାପିତ କରାଯାଇ ନଭେମ୍ବର ୯ ତାରିଖ ସୁଦ୍ଧା ସମାଧାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାର ଧାର୍ଯ୍ୟ ସମୟସୀମା ମଧ୍ୟରେ କୌଣସି ପ୍ରକାର ଆଲୋଚନା କିମ୍ବା ସମାଧାନ ପାଇଁ ପ୍ରୟାସ ନ କରିବାରୁ ବାଧ୍ୟ ହୋଇ ରାଜ୍ୟର ୧୩ ଜିଲାରେ ଲଘୁ ଖଣିଜ ପରିବହନକାରୀ ଟ୍ରକ ଧର୍ମଘଟ ଚାଲୁ ରହିଥିଲା। ଶେଷରେ ରାଜ୍ୟ ସରକାରଙ୍କ ତରଫରୁ ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କ୍ରିୟାନୁଷ୍ଠାନ କମିଟି ସହ ୩ ଥର ବୈଠକ କରି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧର୍ମଘଟ ପ୍ରତ୍ୟାହାର ହୋଇଛି ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରଣବ କୁମାର ପରିଜା କହିଛନ୍ତି।

# ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର,୨୧।୧୧ (ଅନୁରାଧା ମହାରଣା)**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୩ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାକୁ ଥିବାବେଳେ ଏହାକୁ ୬ମାସ ପାଇଁ ବୃଦ୍ଧି କରାଯାଇଛି। କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ଏହି କାର୍ଯ୍ୟକାଳ ବୃଦ୍ଧି କରିଥିବା ନେଇ ରାଜଭବନ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ କାର୍ଯ୍ୟକାଳ ଚଳିତମାସ ୨୬ ତାରିଖରେ ଶେଷ ହେବାକୁ ଥିଲା। ସେହିପରି ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ୨୩ରେ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ କାର୍ଯ୍ୟକାଳ ୨୫ ତାରିଖରେ ସରୁଥିଲା। ତେବେ ବର୍ଦ୍ଧିତ କାର୍ଯ୍ୟକାଳ ଅଥବା ନୂଆ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଏମାନେ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଥାଉକି, ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ଆଧାରରେ ନିଯୁକ୍ତି ପାଇଥିବା ଏହି ୩ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କୁଳପତି ଚୟନ ପ୍ରକ୍ରିୟା କରିବାକୁ ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଚଳିତ ମାସ ୮ ତାରିଖରେ ଉଚ୍ଚଶିକ୍ଷା ସଚିବଙ୍କୁ ଚିଠି ଲେଖିଥିଲେ। ଚୟନ କମିଟିର ସଂଯୋଜକ ଭାବେ ଉଚ୍ଚଶିକ୍ଷା ସଚିବ ବିଜ୍ଞାପନ ଜାରି କରିବା ପରେ ନୂଆ କୁଳପତି ଚୟନ କରାଯାଇଥା'ନ୍ତା। ଚୟନ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡ଼ିବା ପୂର୍ବରୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୧୯୮୯ ଆଧାରରେ ଭାରପ୍ରାପ୍ତ କୁଳପତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।




# ଓପିଏସ୍‌ସି ସଚିବଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

**କଟକ,୨୧।୧୧ (କାର୍ତ୍ତିକ ସାହୁ)**

ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ(ଓପିଏସ୍‌ସି) ସଚିବଙ୍କୁ ବ୍ୟକ୍ତିଗତ ହାଜର ପାଇଁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଓପିଏସ୍‌ସିର କାର୍ଯ୍ୟଧାରା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାରମ୍ବାର ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ମଧ୍ୟ ଓପିଏସ୍‌ସି ପକ୍ଷରୁ ରିଭାଇଜଡ୍ ମେରିଟ୍ ଲିଷ୍ଟ ପ୍ରଦାନ କରାଯାଉନାହିଁ। ତେଣୁ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖରେ ସମ୍ପୂର୍ଣ୍ଣ ରିଭାଇଜଡ୍ ମେରିଟ୍ ଲିଷ୍ଟ ସହ ଅଦାଲତରେ ବ୍ୟକ୍ତିଗତ ହାଜର ପାଇଁ ଓପିଏସ୍‌ସି ସଚିବଙ୍କୁ ନିର୍ଦ୍ଦେଶ ରହିଛି।

### ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତା ମାମଲା

ଡେଣ୍ଟାଲ ସର୍ଜନ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ଓପିଏସ୍‌ସି ପକ୍ଷରୁ ୧୭୧ ଜଣଙ୍କ ମେରିଟ୍ ଲିଷ୍ଟ ପଠାଯାଇଥିଲା। ସେଥିମଧ୍ୟରୁ ୫ ଜଣ ଚାକିରିରେ ଯୋଗ ଦେଇ ନ ଥିଲେ। ଫଳରେ ରାଜ୍ୟ ସରକାର ଆଉ ୫ ଜଣଙ୍କ ନାମ ପଠାଇବା ନିମନ୍ତେ ଓପିଏସ୍‌ସିକୁ ଚିଠି ଲେଖିଥିଲେ। ତଦନୁସାରେ ଓପିଏସ୍‌ସି ଆଉ ୫ ଜଣଙ୍କ ନାମ ସରକାରଙ୍କୁ ପଠାଇଥିଲା। ହେଲେ ୨୦୨୨ରେ ବିଶେଷଜ୍ଞ କମିଟି ପରାମର୍ଶରେ ସଂଶୋଧନ କରାଯାଇ ୮ ଜଣଙ୍କ ନାମ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟରୁ ବାଦ୍ ପଡ଼ିଥିଲା। ଏଥିସହ ପୁଣି ୩ ଜଣଙ୍କ ନାମ ଦ୍ୱିତୀୟ ପର୍ଯ୍ୟାୟରେ ୫ ଜଣଙ୍କ ତାଲିକା ମଧ୍ୟରୁ ବାଦ୍ ଦିଆଯାଇଥିଲା। କଟ୍ ଅଫ୍ ମାର୍କ ଆଧାରରେ ବାଦ୍ ପଡ଼ିଥିବା ୧୧ ଜଣ ୨୦୧୭-୧୮ରୁ ବିଭିନ୍ନ ହସ୍ପିଟାଲରେ ସର୍ଜନ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଏହି ୧୧ ଜଣଙ୍କ ନିଯୁକ୍ତି ଉପରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଓପିଏସ୍‌ସିକୁ ଆଦେଶ ଦେଇଥିଲେ। ଏହି ୧୧ ଜଣ ସର୍ଜନଙ୍କୁ ଚାକିରିରୁ ଛଟେଇ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ନେଇ ଓପିଏସ୍‌ସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ବୁଧବାର ହାଇକୋର୍ଟ ମାମଲାର ଶୁଣାଣି କରି ରିଭାଇଜଡ୍ ମେରିଟ୍ ଲିଷ୍ଟ ପ୍ରଦାନ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ବଣାଇଁ ସ୍ୱତନ୍ତ୍ର କାରାଗାରରେ ପୁଣି ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବଣାଇଁ, ୨୧।୧୧ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ସ୍ୱତନ୍ତ୍ର କାରାଗାରରେ ଗୁରୁବାର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ମହିଷିଛାପଲ ଗ୍ରାମର ଜୋହାନ ମିଞ୍ଜ(୬୪)। ଏନେଇ ବଣାଇଁ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୩୬/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଆବଶ୍ୟକ ଭିଡିଓ ଗ୍ରାଫି କରାଯିବା ପରେ ମୃତଦେହ ପରିବାର ଲୋକଙ୍କୁ

### ଗୋଟିଏ ବର୍ଷରେ ଗଲାଣି ୬ ଜୀବନ

ହସ୍ତାନ୍ତର କରାଯିବ ବୋଲି ବଣାଇଁ ସ୍ୱତନ୍ତ୍ର କାରାଗାରର କାରାଧକ୍ଷ ସୁଧାଂଶୁ ଶେଖର ବେଉରା ସୂଚନା ଦେଇଛନ୍ତି। ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି କାରାଗାର ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରୁ ପ୍ରକାଶ, ଜୋହାନ ଓ ତାଙ୍କ ପୁଅ ଆଦମ ଏକ ହତ୍ୟା ମାମଲାରେ ୨୦୨୧ ଜାନୁଆରୀ ୧ରୁ ବିଚାରାଧୀନ କଏଦୀଭାବେ କାରାବାସରେ ଥିଲେ। ଗୁରୁବାର ସକାଳେ ଜୋହାନ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୧ ତାରିଖରେ ସନ୍ଦେହଜନକଭାବେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ଗୋଟିଏ ବର୍ଷରେ ୬ ଜଣ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଜରୁରୀ ବୋଲି ଦାବି ହେଉଛି।



“ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା

# ଟ୍ରମ୍ପ୍ ଓ କପ୍ ସମ୍ମିଳନୀ



ଜୟତି ଘୋଷ

ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିଜୟ ବକୁରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୯) ଉପରେ କଳାବାଦଲ ଛାଇ ଦେଇଛି। ଏକଥା ସ୍ପଷ୍ଟ ଯେ, ଜଳବାୟୁ ପରିବର୍ତ୍ତନ ଏକ ପ୍ରତାରଣା ବୋଲି ଟ୍ରମ୍ପ୍ ବିଶ୍ୱାସ କରନ୍ତି ଏବଂ ସେ କ୍ଷମତାକୁ ଫେରିବା ଯୋଗୁ ଜଳବାୟୁ ସଙ୍କଟର ମୁକାବିଲାରେ ହୋଇଥିବା ଅଗ୍ରଗତି ବିପରୀତ ହେବାର ଆଶଙ୍କା ରହିଛି। ଏହା ସହ ବିଶ୍ୱର ନେତା ତଥା ନୀତିନିର୍ଦ୍ଧାରଣକାରୀଙ୍କୁ ନିରାଶ ହେବାର ଯଥେଷ୍ଟ କାରଣ ରହିଛି। ଘରୋଇ ଜୀବାଶ୍ମ ଇନ୍ଧନ ଉତ୍ପାଦନକୁ ଟ୍ରମ୍ପ୍ ବୃଦ୍ଧି କରିବେ ବୋଲି ଆଶା କରାଯାଉଛି। ମେ ମାସରେ ମାର୍–ଏ–ଲାଗୋରେ ଅନୁଷ୍ଠିତ ବୈଠକରେ ସେ ନିର୍ବାଚନ ପ୍ରଚାର ପାଇଁ ଖୋଲାଖୋଲି ଭାବେ ତୈଳ ଏବଂ ଗ୍ୟାସ୍ କାର୍ଯ୍ୟନିର୍ବାହୀମାନଙ୍କୁ ୧ ବିଲିୟନ ଡଲାର ଦେବାକୁ କହିଥିଲେ ଏବଂ ଏହା ବଦଳରେ ସେମାନଙ୍କ ଲାଭ ପ୍ରତି ବିପଦ ସୃଷ୍ଟି କରୁଥିବା ନିୟମାବଳୀକୁ ବଦଳାଇ ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ)ର ନେତୃତ୍ୱ ନେବା ପାଇଁ ଟ୍ରମ୍ପ୍ ଚୟନ କରିଥିବା ପୂର୍ବତନ କଂଗ୍ରେସ ସଦସ୍ୟ ଲି ଜେଲ୍‌ଡିନ ଇପିଏକୁ ସରକାରୀ ନିୟମରୁ ମୁକ୍ତ କରିବାକୁ କହିଛନ୍ତି। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ଆମେରିକା ୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଓହରି ଯାଇଥିଲା। କିନ୍ତୁ ଜୋ ବାଇଡେନ ରାଷ୍ଟ୍ରପତି ହେବା ପରେ ଏହି ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ। ଟ୍ରମ୍ପ୍ ପୁନର୍ବାର ଏହି ଚୁକ୍ତିରୁ ଓହରିଯିବେ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ୍‌ଙ୍କ ରାଜନୈତିକ ସହଯୋଗୀ ଆର୍ଜେଣ୍ଟିନାର ରାଷ୍ଟ୍ରପତି ଜାଭିୟର୍ ମିଲି ତାଙ୍କ ଦେଶର ପ୍ରତିନିଧିଙ୍କୁ କପ୍୨୯ରୁ ଫେରାଇ ନେଇଛନ୍ତି ଏବଂ ଏହା ଆର୍ଜେଣ୍ଟିନା ଚୁକ୍ତିରୁ ଦୂରେଇଯିବାର ଏହା ଏକ ସଙ୍କେତ ବୋଲି କୁହାଯାଇପାରେ।

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲଜ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ପରି ବିଶ୍ୱସ୍ତରୀୟ ନେତାଙ୍କ ଅନୁପସ୍ଥିତି ଯୋଗୁ କପ୍୨୯ରେ ମନୋବଳ ଆହୁରି ଦୁର୍ବଳ ହୋଇଗଲା। ବଢୁଥିବା ଜଳବାୟୁ ସଙ୍କଟ ଆନୁପାତିକ ଭାବରେ ବିଶ୍ୱର ଗରିବ ଜନସଂଖ୍ୟାକୁ ପ୍ରଭାବିତ କରୁଥିବାରୁ ଏବଂ ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍‌ରେ ଲାଗିରହିଥିବା ଯୁଦ୍ଧ ଯୋଗୁ ସବୁଜ ଗୃହ ନିର୍ଗମନ ବଢୁଥିବାରୁ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ପଦକ୍ଷେପର ଆଶା କ୍ଷୀଣ ହେବାର ସମ୍ଭାବନା ରହିଛି। ତଥାପି ଏହା ନିଶ୍ଚିତ ଯେ, ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇ ଶେଷ ହେବ ନାହିଁ। ମହାବିପତ୍ତିକୁ ଟାଳିବାକୁ ହେଲେ ଟ୍ରମ୍ପଙ୍କ ପ୍ରତିରୋଧ




ଉପରେ ବିଶ୍ୱର ପ୍ରତିକ୍ରିୟା ଲୋଡ଼ା। ଆମେରିକାର ନେତୃତ୍ୱ ବିନା ଅନ୍ୟ ଦେଶମାନେ ଏହି ସଙ୍କଟର ମୁକାବିଲା କ୍ଷେତ୍ରରେ ଏକାଠି ହୋଇପାରିବେ କି ନାହିଁ ତାହା ଉପରେ ବିଚାର କରାଯିବା ଉଚିତ। ହ୍ୱାଇଟ ହାଉସକୁ ଯିଏ ଦଖଲ କଲେ ମଧ୍ୟ ଆମେରିକା ଦୀର୍ଘଦିନ ଧରି ବିଶ୍ୱ ଜଳବାୟୁ ପଦକ୍ଷେପଗୁଡ଼ିକରେ ଅନିଚ୍ଛା ପ୍ରକାଶ କରିଆସିଛନ୍ତି। ବିଶ୍ୱରେ ସବୁଠୁ ଅଧିକ ଜୀବାଶ୍ମ ଇନ୍ଧନର ଉତ୍ପାଦନକାରୀ ଓ ରପ୍ତାନିକାରୀ ଦେଶ ଆମେରିକାର ଏଭଳି ଅନାଗ୍ରହକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ।

ବାଇଡେନଙ୍କ ଅଧୀନରେ ଆମେରିକାର ସବୁଜ ନୀତିରେ ବିକାଶ ହୋଇଆସିଛି। ସେ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତୀୟ ସାମ୍ବାଦିକ ନିତୀନ ସେଠୀ ଉଲ୍ଲେଖ କରିଛନ୍ତି, ଜଳବାୟୁ ବୁଝାମଣା ଉପରେ ଆମେରିକାର ଆଭିମୁଖ୍ୟ ଭିନ୍ନ। ଜାତୀୟ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଜଳବାୟୁ ପରିଭାଷାକୁ ଏକ ସାଧନ ଭାବରେ ବ୍ୟବହାର କରି ଏହା ନୂତନ ପ୍ରତିଯୋଗିତାମୂଳକ ଅର୍ଥନୈତିକ ସୁବିଧା ବଜାୟ ରଖିବା, ଦୃଢ଼ କରିବା ଏବଂ ଲାଭ କରିବାକୁ ଚାହେଁ। ଅନେକ ବର୍ଷ ଧରି ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଥିବା କ୍ଷତି ଓ ତାହାର ଭରଣା ପାଇଁ ଆବଶ୍ୟକ ଅର୍ଥ ସମ୍ପର୍କିତ ଆଲୋଚନାକୁ ବିରୋଧ କରିଛି। ଏହାସହ ଜଳବାୟୁ ପ୍ରଭାବ ହ୍ରାସ କରିବା ଏବଂ ପାଣ୍ଠି ଯୋଗାଡ଼ର ବୋଝକୁ ଚାଇନା ଏବଂ ଭାରତ ଆଡ଼କୁ ଠେଲି ଦେଇଛି। ଏହା ମଧ୍ୟ ନିଶ୍ଚିତ କରିଛି ଯେ, ଅର୍ଥ ସଂଗ୍ରହ ଏବଂ ଜଳବାୟୁ ବିରୋଧୀ ପଦକ୍ଷେପ ବାଧ୍ୟତାମୂଳକ କରାଯିବା ପରିବର୍ତ୍ତେ ସ୍ୱେଚ୍ଛାକୃତ ହେବା ଦରକାର। ଅନ୍ୟପକ୍ଷରେ ଆମେରିକା ସବୁଜ କମ୍ପାନୀଗୁଡ଼ିକର ବିସ୍ତାର ଉପରେ ବୌଦ୍ଧିକ–ସମ୍ପତ୍ତି (ଆଇପି) ଅଧିକାର ଲାଗୁ କରି ଆମେରିକୀୟ କମ୍ପାନୀଗୁଡ଼ିକୁ ଲାଭ ଦେବାକୁ ଚେଷ୍ଟା କରିଛି। ଏହା ଜାତୀୟସ୍ତରରେ ଜଳବାୟୁ ପ୍ରଭାବ ହ୍ରାସ କରିବାର ଲକ୍ଷ୍ୟ, ସହାୟତା ଗ୍ରହଣ କରିବା ଏବଂ ଜଳବାୟୁଜନିତ କ୍ଷତି ଓ ତାହାର ଭରଣା ସମ୍ପର୍କିତ ଅନ୍ତର୍ଜାତୀୟ ଚୁକ୍ତିନାମାକୁ କମ୍ ସମର୍ଥନ କରୁଛି ଏବଂ ଆଇନଗତ ଭାବେ ମାନିବ ନାହିଁ ବୋଲି କହୁଛି। ଏ ଦୃଷ୍ଟିରୁ ଅନେକ ଚୁକ୍ତିଭୁକ୍ତ ଦେଶ ବିଶ୍ୱାସ କରନ୍ତି ଯେ ଜଳବାୟୁ ପରିବର୍ତ୍ତନର ଜାତିସଂଘର ଫ୍ରେମୱର୍କ କନ୍‌ଭେନଶନ (ୟୁଏନ୍‌ଏଫ୍‌ସିସିସି)ରେ ଆମେରିକାର ସମ୍ପୃକ୍ତି କମ୍ ରହିଛି ଏବଂ ବହୁପକ୍ଷୀୟ ସହଯୋଗର ପ୍ରତିବଦ୍ଧତାକୁ ଗୁରୁତ୍ୱ ନ ଦେଇ ନିଜ ସ୍ୱାର୍ଥକୁ ଦେଖୁଛି। ତେବେ ଆମେରିକା ବାରମ୍ବାର ଜାତିସଂଘ ବ୍ୟବସ୍ଥାକୁ ଅଣଦେଖା କରି ଏହାର ଅର୍ଥନୈତିକ ଏବଂ ଭୂରାଜନୈତିକ ସ୍ୱାର୍ଥ ଲାଗି ଦ୍ୱିପାକ୍ଷିକ ଚୁକ୍ତି ସପକ୍ଷରେ ରହୁଛି।

୨୦୧୫ ପାରିସ୍ ଚୁକ୍ତିରୁ ଟ୍ରମ୍ପ୍ ଓହରିଗଲେ ବି ବର୍ତ୍ତମାନ ଅଧିକ ପ୍ରଭାବୀ ଚୁକ୍ତି ପାଇଁ ବାଟ ଫିଟିବାର ସମ୍ଭାବନା ରହିଛି। ଚଳିତ ମାସ ପ୍ରାରମ୍ଭରେ, ମୁଁ ଅନ୍ୟ ଶିକ୍ଷାବିତ୍ ଏବଂ ଜଳବାୟୁ କର୍ମକର୍ତ୍ତାମାନଙ୍କ ସହିତ ୟୁଏନ୍‌ଏଫ୍‌ସିସିସିର କାର୍ଯ୍ୟନିର୍ବାହୀ ସଚିବ ସିମନ ଷ୍ଟିଲ ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କୁ ଏକ ଖୋଲା ଚିଠି ପଠାଇ ଯୁକ୍ତି ବାଢ଼ିଥିଲୁ ଯେ, ଏବକାର ଢାଞ୍ଚା ପରିବର୍ତ୍ତନ ଆଣିପାରିବ ନାହିଁ ଏବଂ ମାନବ ସମାଜ ପାଇଁ ଏକ ସୁରକ୍ଷିତ ଜଳବାୟୁ ଗଠନକୁ ନିଶ୍ଚିତ କରିବାକୁ ଚାହୁଁ। ଜୀବାଶ୍ମ ଇନ୍ଧନ ସପକ୍ଷବାଦୀ ଓ ଦଲାଲଙ୍କ ପକ୍ଷରେ ଚୁକ୍ତି କରିବାକୁ ବୃହତ୍ ବାର୍ଷିକ ସମ୍ମିଳନୀ କରିବା ପରିବର୍ତ୍ତେ ନିୟମିତ ଭାବେ ଛୋଟ ତଥା ସମାଧାନ କରିପାରୁଥିବା ବୈଠକ ଲାଗି ଆମେ ଦାବି କରିଥିଲୁ।

ଯେ କୌଣସି ସହଯୋଗୀ ଜଳବାୟୁ ପଦକ୍ଷେପ ପାଇଁ ଉଚ୍ଚ ଆୟ ଏବଂ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ମଧ୍ୟରେ ବିଶ୍ୱାସ ରହିବା ଦରକାର। ଏଥିରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ, ସରକାରମାନେ ଦୀର୍ଘ ମିଆଦୀ ତଥା ଅର୍ଥହୀନ ଲକ୍ଷ୍ୟ ବଦଳରେ ସ୍ୱଳ୍ପ ମିଆଦୀ ସହଜ ଲକ୍ଷ୍ୟଗୁଡ଼ିକ ଉପରେ ପ୍ରାଥମିକତା ଦେବା ଆବଶ୍ୟକ। ଧନୀ ଦେଶଗୁଡ଼ିକ ସ୍ୱଚ୍ଛ, ବାସ୍ତବ ଏବଂ ସୁନିର୍ଦ୍ଦିଷ୍ଟ ଜଳବାୟୁ ପାଣ୍ଠିର ପ୍ରତିଶ୍ରୁତି ଦେବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜଳବାୟୁ ପାଣ୍ଠି ଋଣ ଆକାରରେ ସଂଗ୍ରହ କରାଯିବା ଉଚିତ ନୁହେଁ। କାରଣ ଯୋଗୁ ବହୁ ସମୟରେ ବିକାଶଶୀଳ ଦେଶଗୁଡ଼ିକ ଋଣଫାଶରେ ପଡ଼ି ଦୁର୍ଦ୍ଦଶା ଭୋଗନ୍ତି। ସମାନ ଭାବରେ ପଦକ୍ଷେପ ଗ୍ରହଣ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରିବା ପାଇଁ ପରସ୍ପର ମଧ୍ୟରେ ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦେବା ଉଚିତ।

ରାଷ୍ଟ୍ରପତି ଭାବେ ଦ୍ୱିତୀୟ ପାଳିରେ ଟ୍ରମ୍ପ ଯଦି ବହୁରାଷ୍ଟ୍ରୀୟ ବ୍ୟବସ୍ଥାରେ ବାଧା ସୃଷ୍ଟି କରନ୍ତି, ତେବେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ବୃହତ୍ ଅନ୍ତର୍ଜାତୀୟ ମିଳିତ ମଞ୍ଚ ପାଇଁ ଅଧିକ ସମ୍ଭାବନା ରହିଛି। ଚାଇନା ଏବଂ ଅନ୍ୟାନ୍ୟ ଦେଶ ପୂର୍ବରୁ ଯେଭଳି ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି ତାହା ଗ୍ରହଣ କରିବା ଅପରିହାର୍ଯ୍ୟ। କୌଣସି ପରିସ୍ଥିତିରେ ଏହି ପରିବର୍ତ୍ତନକୁ ଅଣଦେଖା କରାଯାଇପାରିବ ନାହିଁ। ଏପରି କି ଆମେରିକାର ପ୍ରଶାସନ ସର୍ବୋତ୍ତମ ଚୁକ୍ତିରୁ ଓହରି ନ ଯାଇ ଅଧିକ ଆଗ୍ରହୀ ହେଲେ ଜଳବାୟୁ କ୍ଷେତ୍ରରେ ଏହା ପଛରେ ନାହିଁ ବୋଲି ଅନୁଭବ କରିପାରିବ।

**ମାସାଚୁସେଟ୍ସ ଆମହର୍ଷ୍ଟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ**

## ସଦ୍‌ଗୁରୁ ଓ ସତ୍‌ନାମ



ପ୍ର. ଉମେଶ ଚନ୍ଦ୍ର ପାତ୍ର

ଆମର ଗୋଟାଏ ଦୋଷ ଯେ, କିଛି ନ ବୁଝି, ମହାପୁରୁଷଙ୍କ ଉପରେ ମୂଳରୁ ଭରଷା କରୁ। ଭଗବତ୍ ଶକ୍ତିରେ ଅଲୌକିକ ଭାବରେ ସବୁ ସେ କରିଦେବେ – ଏଇ ଆଶାରେ ନିଶ୍ଚିନ୍ତ ହୋଇ ବସିଯାଉ। ଏହାଠାରୁ ବଡ଼ ଭୁଲ୍ ଆଉ କିଛି ନାହିଁ। ଭଗବାନ୍ ହେଲେ ବି ସିଏ ଯେ ଜଣେ ମଣିଷ ଏବଂ ମଣିଷ ଜଗତରେ ମଣିଷକୁ ଯାହା କରିବାକୁ ହୁଏ ସେହି ମାନବୀୟ ଭାବରେ କାର୍ଯ୍ୟସିଦ୍ଧି କରିବା ଛଡ଼ା ତାଙ୍କର ମଧ୍ୟ ଯେ ଉପାୟ ନାହିଁ, ଏହା ବୁଝି, ଖଟିଖାଟି ଚାହିଦା ପୂରଣ କରିବା ଦରକାର। ମହାପୁରୁଷଗଣ ଇଚ୍ଛା କରିଲେ ହିଁ ଅନେକ କିଛି କରିପାରନ୍ତି। ଏଇ କଥାର ତାତ୍ପର୍ଯ୍ୟ ଏଇ ଯେ, ସେମାନଙ୍କର ବିରାଟ ପରିପୂରଣକାରୀ ଓ ନିୟନ୍ତ୍ରଣକାରୀ ଶକ୍ତି, ପ୍ରେମ ଓ ଚରିତ୍ରବଳ ଥାଏ। ସେଇ କାରଣରୁ ଅନେକେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର କଲ୍ୟାଣକର ଇଚ୍ଛାକୁ ରୂପଦେବାକୁ ଚେଷ୍ଟା କରନ୍ତି ଏବଂ ବହୁ ଲୋକଙ୍କ ସମବେତ ଓ ସୁସଂଗଠିତ ଚେଷ୍ଟା ଫଳରେ ଅନେକ ଅସାଧ୍ୟ ସାଧନ ହୋଇଥାଏ। ଯାହାହେଉ, ଅବତାର ମହାପୁରୁଷଙ୍କ ଭୂତ–ମହେଶ୍ୱର ଭାବ କିନ୍ତୁ ତାଙ୍କୁ ଅନୁସରଣ କରିଲେ ହିଁ ବୁଝାଯାଏ। ମନୁଷ୍ୟତ୍ୱରୁ ଈଶ୍ୱରତ୍ୱକୁ ଅଗ୍ରସର ନ ହେଲେ ଈଶ୍ୱରତ୍ୱ ବୁଝାଯାଏ ନାହିଁ, ତତ୍ ସମ୍ବନ୍ଧରେ ଅଳୀକ ମନଗଢ଼ା କଳ୍ପନା ହିଁ ସାର ହୋଇଥାଏ।

ଜୀବନ ଗତିଶୀଳ, ଏକ ପ୍ରବହମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବଜଗତ, ମାତ୍ର ଧାବମାନ ଜୀବନକୁ ସୁନିୟନ୍ତ୍ରିତ କରି ନ ପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦ୍‌ଗୁରୁଙ୍କ ଶରଣାପନ୍ନ ହେବା ଅପରିହାର୍ଯ୍ୟ। ସଦ୍‌ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇପାରିଲେ ଜୀବନ ହୋଇଉଠେ ସମୁନ୍ନତ, ସୁମଧୁର। ପରମ ପ୍ରେମମୟ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ‘ସତ୍ୟାନୁସରଣ’ରେ ଉଲ୍ଲେଖ କରିଛନ୍ତି – ‘ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟକରି କହୁଛି ତୁମର ଉନ୍ନୟନ ପାଇଁ ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।’ ଏ ଉନ୍ନୟନ ଉଭୟ ଭୌତିକ ଓ ଆତ୍ମିକ। ଆତ୍ମିକ ଉନ୍ନତି ବିନା କେବଳ ଭୌତିକ ଉନ୍ନତି ମୂଳହୀନ। ପୁଣି ଉଚ୍ଚ ବା ଶ୍ରେଷ୍ଠଜନଙ୍କ ପ୍ରତି ଶ୍ରଦ୍ଧାଭକ୍ତି ବିନା ଉନ୍ନତି ସମ୍ଭବ ନୁହେଁ। କେତେକେ କହନ୍ତି, ‘ପ୍ରଭୁ ତୁମେ ମୋର’। ଏହାର ଅର୍ଥ ପ୍ରଭୁ ତୁମେ କେବଳ ମୋର, ତୁମେ ଆଉ କାହାର ନୁହଁ। ଅବଶ୍ୟ ଏଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଝଲକ ଫୁଟିଉଠେ। କାରଣ ଏଭଳି କହୁଥିବା ବ୍ୟକ୍ତି ଚାହେଁ ପ୍ରଭୁ କେବଳ ତା’ରି କଥା ଶୁଣନ୍ତୁ, ତାରି ଅଭୀଷ୍ଟ ପୂରଣ କରନ୍ତୁ। ଅପରପକ୍ଷରେ ‘ମୁଁ ତୁମର’ କହିଲେ – ସମର୍ପଣର ଭାବ ପ୍ରକଟିତ ହୁଏ। ତେଣୁ ଠାକୁରଙ୍କ ପାଖରେ ସମର୍ପିତ ହେବାକୁ ହେଲେ – ‘ମୁଁ ତୁମର’ ଭାବଟିକୁ ନିଜ ଭିତରେ ଆରୋପିତ କରିବାକୁ ପଡ଼ିବ। ଏହା ହୋଇପାରିଲେ ଅହଂକାର, ଆତ୍ମମ୍ଭରିତା ଉପରେ ନିୟନ୍ତ୍ରଣ ଆସିପାରିବ, ନିଜ ଭିତରେ ବିନୟ ସମନ୍ୱିତ ଭାବ ଗଢ଼ି ଉଠିବ। ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିବ।

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତିକରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଧାରଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହାର, ନିଦ୍ରା ଓ ମୈଥୁନ ମଧ୍ୟରେ ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ୍ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ। ଏହି ଧର୍ମ କିନ୍ତୁ ଜୀବନ୍ତ ହୋଇଥାଏ ସଦ୍‌ଗୁରୁଙ୍କଠାରେ। ଅତଏବ ସଦ୍‌ଗୁରୁଙ୍କୁ ବାଦ୍ ଦେଇ ଓ ଧର୍ମକୁ ବାଦ୍ ଦେଇ କେବେ ପ୍ରକୃତ ଉନ୍ନତି ହୋଇପାରେନା। ଶ୍ରୀ ଶ୍ରୀ ଠାକୁର ପୁଣ୍ୟପୋଥିରେ ଭାବସମାଧି ଅବସ୍ଥାରେ ଅମୋଘ ଆଶ୍ୱାସନା ଦେଇ କହିଛନ୍ତି, ‘ଥରେ ପରମାତ୍ମାଙ୍କ ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୋ ହାତ ଦେଇ ପୋଛି ଦେବି।’ ‘ଚଲାର ସାଥୀ’ରେ ଉଲ୍ଲେଖ ରହିଛି ଦୁଃଖ ଓ ଅଭାବକୁ ଅତିକ୍ରମ କରି ସହଜ ସରଳ ଜୀବନ ଯାପନ କରିବା ଓ ସୁଖଶାନ୍ତିରେ ବଞ୍ଚିବା ସମ୍ଭବ ହୁଏ ସଦ୍‌ଗୁରୁଙ୍କୁ ନିଜ ଜୀବନର କେନ୍ଦ୍ର କରି। ସଦ୍‌ଗୁରୁଙ୍କର ପ୍ରତିଷ୍ଠା ଭିତର ଦେଇ ଧର୍ମର ପ୍ରତିଷ୍ଠା ହୁଏ ଓ ସମାଜର ମଙ୍ଗଳ ହୁଏ। ସେଥିପାଇଁ ନିଜକୁ ତିଆରି କରିବା ନିତାନ୍ତ ଆବଶ୍ୟକ।

**ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ବୟସ ୭୪, ତଥାପି ଜଣେ ସଫଳ ଡ୍ରାଗନ ଚାଷୀ ହୋଇପାରିଛନ୍ତି କେରଳର ଜୋଶେଫ କରାକାଡ୍ଡୁ। ସେ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି। ଜୋଶେଫ ବିଶେଷକରି ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆରୁ ଏହି ସବୁ କିସମର ଡ୍ରାଗନଫ୍ରୁଟ୍ସ ସଂଗ୍ରହ କରିଛନ୍ତି। ଫଳ ବିକ୍ରିକରି ସେ ଯେତିକି ରୋଜଗାର କରୁନାହାନ୍ତି, ତାହାଠାରୁ ଅଧିକ ଲାଭ ପାଉଛନ୍ତି ଚାରା ବିକ୍ରି କରି। ଏଥିରୁ ସେ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଜୋଶେଫ ମଧ୍ୟ ନିଜ ପ୍ରଚେଷ୍ଟାରେ ନୂଆ କିସମର ଡ୍ରାଗନଫ୍ରୁଟ୍ସ ଉଦ୍ଭାବୁଛନ୍ତି। ଏଗୁଡ଼ିକ ମଧ୍ୟରେ ରେଡ୍ ଚିଲି ଓ ୱାଣ୍ଡ ବୟ ଅନ୍ୟତମ। ଚାଷ କରିବା ପୂର୍ବରୁ ଜୋଶେଫଙ୍କର ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। ବ୍ୟବସାୟରୁ ବାହାରି ଆସି ସେ ଏହି ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୨ ନଭେମ୍ବର ୧୯୭୫**

- କନ୍ନଡ଼ ଭାଷାରେ କର୍ନାଟକ ଲୋକସଙ୍ଗୀତ ଉପରେ ଆଧାରିତ ଏକ ରୂପକ କାର୍ଯ୍ୟକ୍ରମ ‘କର୍ନାଟକଡ଼ା ବ୍ରି ଥିଗ୍ୟାକାରୁ’ ପାଇଁ ଏସିଆ ପ୍ରଚାର ୟୁନିୟନ ପକ୍ଷରୁ ହୋସୋବଙ୍କ ଫାଉଣ୍ଡେସନ ପୁରସ୍କାର ଆକାଶବାଣୀକୁ ମିଳିଛି।
- ଭାରତର ଦ୍ୱିତୀୟ ଉପଗ୍ରହକୁ ସୋଭିଏତ ଉପଗ୍ରହ ଉତ୍କ୍ଷେପଣ ଘାଟିରୁ ମହାକାଶକୁ ଉତ୍କ୍ଷେପଣ କରାଯିବା ସଂକ୍ରାନ୍ତରେ ଭାରତ ଓ ରୁଷିଆର ମହାକାଶ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଲିବ୍ୟାରେ ଭାରତ ତୈଳ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯିବା ସଂକ୍ରାନ୍ତରେ ଭାରତ ଓ ଲିବ୍ୟା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| 2 | | 7 | | 1 | | | | |
| | | | 2 | | | | | 8 |
| | | | 6 | | | 4 | | |
| 1 | 8 | 5 | 9 | | | | | |
| | 6 | 3 | | | 5 | | | |
| 9 | | | | 7 | | | | 2 |
| | | | 8 | | | | | 5 |
| | | | 5 | | 4 | 1 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 7 | 6 | 9 | 8 | 3 | 4 |
| 6 | 7 | 8 | 4 | 3 | 2 | 1 | 5 | 9 |
| 9 | 4 | 3 | 1 | 5 | 8 | 7 | 6 | 2 |
| 4 | 3 | 6 | 5 | 9 | 7 | 2 | 8 | 1 |
| 2 | 8 | 7 | 6 | 4 | 1 | 3 | 9 | 5 |
| 1 | 5 | 9 | 2 | 8 | 3 | 4 | 7 | 6 |
| 3 | 1 | 4 | 9 | 7 | 5 | 6 | 2 | 8 |
| 8 | 6 | 5 | 3 | 2 | 4 | 9 | 1 | 7 |
| 7 | 9 | 2 | 8 | 1 | 6 | 5 | 4 | 3 |

ଗତକାଲିର ଉତ୍ତର

# ବିଷମୁକ୍ତ ହେବ କି ଭାତହାଣ୍ଡି



ଡି. ଶୁଭମ୍

ସାମ୍ପ୍ରତିକ ସମୟକୁ ଲକ୍ଷ୍ୟକଲେ କୃଷି ହିଁ ଆମ ଭବିଷ୍ୟତ ବୋଲି କୁହାଯାଇପାରେ। ଏହି କୃଷି ଆମ ଅର୍ଥନୀତିର ସଂସ୍କାରକ। ଆମ ରାଜ୍ୟରେ ସତୁରି ଭାଗରୁ ଅଧିକ ଲୋକ ଚାଷ ଉପରେ ନିର୍ଭରଶୀଳ। ତେବେ ଯେବେ ସାର, ବିଷର ଦୁନିଆ ନ ଥିଲା, ସେବେ ଚାଷ ହେଉ ଥିଲା। ସେ ଚାଷରେ ଥିଲା ଏକ ସ୍ୱତନ୍ତ୍ର ଉତ୍ସାହ। ନିଜ ଘରୁ ପ୍ରସ୍ତୁତ ହେଉଥିଲା ଜୈବସାର ଆଉ ବିଷ, ଯାହା ଜମିରେ ଗୁଣବତ୍ତା ବଢ଼ାଇବା ସହ ଉତ୍ପାଦନ ବଢ଼ାଉଥିଲା। ନା ଥିଲା ସ୍ୱାସ୍ଥ୍ୟ ସମସ୍ୟା ନା ପରିବେଶ ପ୍ରଦୂଷଣ। ଜୈବବିବିଧତାର ରକ୍ଷାହେବା ସହ ଜୈବିକ କୃଷି ସମସ୍ତଙ୍କ ଜମିରେ ସୁନା ଫଳାଉଥିଲା। ପ୍ରକୃତି ସହ ବଞ୍ଚିବାର ବାର୍ତ୍ତା ଦେଉଥିଲା ଜୈବକୃଷି। ଏକ ସ୍ୱଚ୍ଛ ପରିବେଶ ମଧ୍ୟରେ ଜୀବନ ଜିଇବାର ମୁହୂର୍ତ୍ତକୁ ଅନୁଭବ କରୁଥିଲୁ। କିନ୍ତୁ ଏଭଳି ପରିବେଶକୁ ଏବେ ନଷ୍ଟକରୁଛି ବିଷଯୁକ୍ତ ଚାଷ। ଆମ ପାକଶାଳା ବିଷରେ ଭର୍ତ୍ତି। ଆମ ଅଜାଣତରେ ଆମେ ବିଷ ଖାଇଚାଲୁଛେ। ଏ କଥାକୁ ଆମକୁ ସ୍ୱୀକାର କରିବାକୁ ହେବ।

ଓଡ଼ିଶାରେ ଅର୍ଗାନିକ୍ ଚାଷ ବା ଜୈବିକ କୃଷିର ନାରା ବିଷୟରେ ସମସ୍ତେ ଜାଣନ୍ତି। ଏହା ଏଲୋପାଥିକ୍ ମେଡିସିନ୍ ଭଳି ଗଛର ରୋଗପୋକକୁ ଏତେଶୀଘ୍ର ଦମନ କରିପାରେନି କିନ୍ତୁ ଏହା ସତ ଯେ ଏହା ପରିବେଶରେ ହାନି ଘଟାଏନି। ଆମ ଚାରିପାଖର ପରିବେଶକୁ ନେଇ ଆମେ ବଞ୍ଚିଛେ। ଏହା ଆମ ମାଟି, ପାଣି, ପବନକୁ ହାନି ପହଞ୍ଚାଏନି। ଜୀବାମୃତ, ଘନଜୀବାମୃତ, ଆଗ୍ନେୟାସ୍ତ୍ର କୁହନ୍ତୁ ଅବା ଜିଆଖତ, କମ୍ପୋଷ୍ଟ ଏବେ ସମସ୍ତେ ଏହି ଜୈବସାର ଓ ଜୈବକୀଟନାଶକ ପ୍ରସ୍ତୁତକରି ପ୍ରୟୋଗ କରିବା ଦେଖିବାକୁ ମିଳୁଛି। ଆମକୁ ଆମ ମାଟିକୁ ବଞ୍ଚାଇବାକୁ ହେବ। ଆମ ପୁରୁଣା ଚାଷ ପ୍ରଣାଳୀକୁ ବଞ୍ଚାଇବାକୁ ହେବ।

ଓଡ଼ିଶାର ଚାଷୀଙ୍କ ଜୈବ ଉତ୍ପାଦ ଏବେ କମିବାରେ ଲାଗିଛି। ଆପଣ ମାଣ୍ଡିଆରୁ ପ୍ରସ୍ତୁତ ଜୈବଉତ୍ପାଦ କଥା କୁହନ୍ତୁ ଅବା ପନିପରିବା ଓ ଶସ୍ୟସାମଗ୍ରୀ କୁହନ୍ତୁ, ସବୁଠି ଏବେ ଓଡ଼ିଶା ଚାଷୀଙ୍କ ଜୈବବିପ୍ଳବ ସହଜରେ ବାରିହୋଇପଡୁଛି। ଓଡ଼ିଶା ସରକାର ଜୈବିକ ଚାଷ ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଇ କିଛିଦିନ ତଳେ କ୍ଷେତ୍ର ପରିଦର୍ଶନ ସମୟରେ ବିଭିନ୍ନ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳିଥିଲା। ସେଠାରେ ଜାଣିପାରିଥିଲି ଯେ ସତରେ ଓଡ଼ିଶାରେ ଏ ଦିଗରେ ବିପ୍ଳବ ଏକ ମାଇଲଖୁଣ୍ଟ ସାଜିବ। କାରଣ କେବଳ ଚାଷୀ ନୁହେଁ ବରଂ ଘରର ମା’ମାନେ ନିଜ ପାକଶାଳା ବଗିଚାରେ ମଧ୍ୟ ଜୈବିକ ସାର ବ୍ୟବହାର କରୁଛନ୍ତି। ଗାଁ ଗାଁରେ ଜମୁଛି ଭିଡ଼, ଜୈବଚାଷର ଭାରି ଆଦର। ଏ ଉକ୍ତିରେ ପ୍ରତିଫଳନ ହେଉଛି ଓଡ଼ିଶାର ଅନେକ ଗାଁରେ। ରାସାୟନିକ ସାର ଓ କୀଟନାଶକର ପ୍ରଭାବ ବିଷୟରେ ଆଉ କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। ମାଟିର ମାନ ସହ ସ୍ୱାସ୍ଥ୍ୟହାନି ଯେ ରାସାୟନିକ ଚାଷର ଲକ୍ଷ୍ୟ ଏହା ସଭିଏଁ ବୁଝିସାରିଲେଣି। ସମୟ ଆସିବ ଏ ବିପ୍ଳବ ଯେବେ ଶେଷହେବ, ସେବେ ସମ୍ପୂର୍ଣ୍ଣ ଓଡ଼ିଶା ଜୈବ ପ୍ରଦେଶ ଭାବରେ ପରିଗଣିତ ହୋଇସାରିଥିବ।

ଏଫ୍.ଆଇ.ବି.ଏଲ୍.ର ସର୍ଭେ ଅନୁସାରେ ଭାରତ ୧୮୭ଟି ଦେଶ ମଧ୍ୟରେ ଜୈବ କୃଷି ଉତ୍ପାଦନ ଦିଗରେ ଏକ ସଫଳ ଭୂମିକା ନିଭାଇଛି। ସାରା ବିଶ୍ୱର ଜୈବ ଉତ୍ପାଦରେ ଭାରତର ୩୦ ପ୍ରତିଶତ



ଭାଗୀଦାରି ରହିଛି। କିନ୍ତୁ ପ୍ରକାଶିତ ରିପୋର୍ଟ ଅନୁସାରେ ରାସାୟନିକ ସାର ବ୍ୟବହାର ୨୦୧୫–୧୬ରୁ ୨୦୨୦–୨୧ ମଧ୍ୟରେ ପାଖାପାଖି ୧୬% ବଢ଼ିଛି। ୨୦୧୫–୧୬ରେ ଭାରତରେ ରାସାୟନିକ ସାରର ବ୍ୟବହାର ୫୧୦ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୦–୨୧ରେ ଏହା ୫୯୦ ଲକ୍ଷ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି। ହାରାହାରି ଭାରତରେ ଗତ ୧୦ ବର୍ଷ ମଧ୍ୟରେ ୫୦୦ ଲକ୍ଷ ମେଟ୍ରିକ୍ ଟନ୍ ସାର ବ୍ୟବହୃତ ହୋଇସାରିଛି। ଜମିରେ ବ୍ୟବହାର କରାଯାଉଥିବା ବିଭିନ୍ନ ରାସାୟନିକ ସାର ମଧ୍ୟରୁ ୫୫–୬୦% କେବଳ ୟୁରିଆ ବ୍ୟବହୃତ ହେଉଛି। ତେବେ ଦାନାଦାର ୟୁରିଆ ବ୍ୟବହାର ଜମିରେ ଗୁଣାତ୍ମକ ମାନ କମାଇବା ସହ ମାଟିର ପୋଷକତତ୍ତ୍ୱ ନଷ୍ଟ କରୁଛି। ୨୦୧୬–୧୭ରୁ ୨୦୨୦–୨୧ ଭିତରେ ରାସାୟନିକ ସାରର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି। ଏପରିକି ଭାରତର ପଞ୍ଜାବ, ତେଲଙ୍ଗାନା, ହରିୟାଣା, ବିହାର ଓ ପଣ୍ଡିଚେରୀରେ ଆଶାତୀତ ଭାବରେ ରାସାୟନିକ ସାର ବ୍ୟବହାର କରାଯାଉଛି। ଏପରିକି ୨୦୧୫–୨୧ ମଧ୍ୟରେ ରାସାୟନିକ କୀଟନାଶକର ବ୍ୟବହାର ୮–୯% ବୃଦ୍ଧି ପାଇଛି। ତେବେ କୀଟନାଶକ ବ୍ୟବହାର ବଢ଼ି ୬୧,୭୦୨ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଭାରତରେ ଏମିତି ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଉତ୍ପାଦନ ବଢ଼ାଇଛି ସତ କିନ୍ତୁ ପରୋକ୍ଷରେ ଆଶାତୀତ କ୍ଷତି କରୁଛି, ଏକଥା କାହାକୁ ଅଛପା ନାହିଁ।

ଏହା ଭିତରେ ଓଡ଼ିଶାରେ ଆରମ୍ଭ ହୋଇଛି ଜୈବବିପ୍ଳବ। ଆଜି ଚାଷୀ ନିମାସ୍ତ୍ର ହେଉ ଜୀବାମୃତ କି ବୀଜାମୃତ ଏସବୁ ବିଷୟରେ ଭଲଭାବରେ ଜାଣି ଜମିରେ ପ୍ରୟୋଗ କରୁଛନ୍ତି। ବିହନ ବିଶୋଧନଠୁ ଆରମ୍ଭକରି ରୋଗପୋକ ଦମନ ଯାଏଁ ସବୁଠି ଜୈବକୃଷିର ସ୍ୱତନ୍ତ୍ରତା ରହିଛି। ଏ ବିଷମୁକ୍ତ ସମାଜକୁ ପୁଣି ଥରେ ସୁସ୍ଥ ତଥା ସାବଲୀଳ କରିବାରେ ଆମେ ସମସ୍ତେ ହାତ ମିଶାଇବା। ଅନ୍ତତଃ ଆମେ ଯେଉଁ ଖାଦ୍ୟ ଖାଉଛନ୍ତି ସେତକ ସୁସ୍ଥ ହୋଇଥିବା ଆବଶ୍ୟକ। ଅଧିକ ଉତ୍ପାଦନ ଆଶାରେ ଆମେ ରାସାୟନିକ ଚାଷ କରୁଛନ୍ତି ସତ କିନ୍ତୁ ଆଜି ନ ହେଲେ କାଲି ଆମେ ପୁଣି ଆମ ମୂଳକୁ ଫେରିବା। ଏହା ନିରାଟ ସତ୍ୟ। ଆପଣ ଅନୁଭବ କରୁଥିବେ ଏବେ ଛାତ ଉପରେ ଯେଉଁମାନେ ରୁଫ୍‌ଟପ୍ ଗାର୍ଡେନିଂ କରୁଛନ୍ତି ଅର୍ଦ୍ଧାଧିକ ଲୋକ କୌଣସି ରାସାୟନିକ ସାର କିମ୍ବା ବିଷ ବ୍ୟବହାର କରୁନାହାନ୍ତି। ସୋସିଆଲ ମିଡିଆରେ ସେମାନଙ୍କର ପୋଷ୍ଟ: ଉଇ ଲଭ୍ ଅର୍ଗାନିକ୍‌ରୁ ଏହା ସ୍ପଷ୍ଟ ଭାବରେ ଜଣାପଡ଼େ।

ସମୟ ଆସିଛି ପାରମ୍ପରିକ ଜ୍ଞାନକୌଶଳକୁ ପୁଣିଥରେ ଜମିରେ ଦୋହରାଇବାକୁ। ଜୈବଖାଦ୍ୟ ପାଇଁ ସଭିଙ୍କ ଭିତରେ ଉତ୍କଣ୍ଠା। ରାସାୟନିକ ବସ୍ତୁରୁ ମୁକ୍ତ ରହି ସୁସ୍ଥ ଖାଦ୍ୟ ନିଶାରେ ଏବେ ସଭିଏଁ ବ୍ୟସ୍ତ। ଆମେ ଆମ ଭାତହାଣ୍ଡିକୁ ବିଷମୁକ୍ତ କରିବାକୁ ପ୍ରତିଜ୍ଞା କରିବା ଆବଶ୍ୟକ। କାରଣ ଆମ ଚାଷଜମି ଆମ ହାତରେ ଅଛି। ନିଜେ ସଚେତନ ହେଲେ ଏହାକୁ ସହଜରେ ଆପଣାଇପାରିବା। ନାଶ ନୁହେଁ ନିୟନ୍ତ୍ରଣ କରି ଜୈବବିବିଧତାକୁ ବଜାୟ ରଖିବାକୁ ପଣ କରିବା। ଏକ ସୁସ୍ଥ ସମାଜ ଗଠନରେ ଭାଗୀଦାରି ହେବା। ଆମ ଭବିଷ୍ୟତ ପିଢ଼ି ପାଇଁ ଆମେ ମାର୍ଗଦର୍ଶକ ହେବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୭୮୪୭୦୧୩୧୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନରେ ମୋବାଇଲ ବନ୍ଦ କରାଯାଉ

ମହାଶୟ,

ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ହାତରେ ମୋବାଇଲ ଫୋନ ଦେଖିବାକୁ ମିଳୁଛି। ଶିକ୍ଷା ଅନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି। ବିଗତ ଦିନ ଉତ୍ତର ପ୍ରଦେଶରେ ଗୋଟିଏ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟିତ୍ରୀଙ୍କର ଏକ ଭିଡିଓ ଉଠାଇ ତାଙ୍କୁ ବ୍ଲାକମେଲ କରିଥିଲେ। ସେହିପରି ଅନେକ ସ୍ଥାନରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମଧ୍ୟ ମିଳୁଛି। ଶିକ୍ଷାନୁଷ୍ଠାନରେ ପ୍ରଶ୍ନପତ୍ର ଲିକ୍ ହେବା ଖବର ବିଭିନ୍ନ ଗଣମାଧ୍ୟମରେ ଅନେକ ଥର ପ୍ରକାଶ ପାଉଛି। ତେଣୁ ମୋବାଇଲ ଫୋନକୁ ଶିକ୍ଷାନୁଷ୍ଠାନରେ ବନ୍ଦ କରାଗଲେ ଫୋନଜନିତ ଅଘଟଣ ରୋକାଯାଇପାରନ୍ତା। ବିଶ୍ୱରେ ଆମେରିକା ଏବଂ ଅନ୍ୟ କିଛି ୟୁରୋପୀୟ ଦେଶରେ ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ ମନା। ଶିକ୍ଷାନୁଷ୍ଠାନରେ କେବଳ ପିଲାଙ୍କ ମୋବାଇଲ ଫୋନ ବ୍ୟବହାରରେ କଟକଣା କଲେ ହେବନାହିଁ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଏହି ନିୟମକୁ ମାନିବାକୁ ପଡ଼ିବ। ଯଦି ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍କୁଲ କଲେଜକୁ ମୋବାଇଲ ଫୋନ ନେବେ ତା’ହେଲେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ମୋବାଇଲଜନିତ ଅପରାଧ ଉପରେ ଆମେ କେମିତି କଟକଣା ଆଣିପାରିବା।

**–କାଳୀ ଦାସ, ବ୍ରହ୍ମପୁର, ଖୋଡ଼ାସିଙ୍ଗି, କଳିଙ୍ଗନଗର**

### ଚିରନ୍ତନୀ

ଚକିତେ ବଧିର ହିୟା
ଲଭିଲା ଶ୍ରବଣ,
ମଣିଲା ଏ କ୍ଷତରାଶି
ନୁହେ ଅକାରଣ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱରକୁ ବଢ଼ାଏ ସଙ୍ଗୀତ: ରୁମିତ୍ ୱାଲିଆ

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

**ଭାରତର ଲୋକପ୍ରିୟ ଏବଂ ପରିବେଶ ସଚେତନଧର୍ମୀ ବ୍ୟାଣ୍ଡ ମଧ୍ୟରେ 'ବିରାହ' ଅନ୍ୟତମ। ଏହି ବ୍ୟାଣ୍ଡର ନିଜସ୍ୱ ପରିବେଷଣ ଶୈଳୀ ସାରା ଦେଶରେ ସଙ୍ଗୀତପ୍ରେମୀଙ୍କୁ ଅନେକ ବର୍ଷ ଧରି ବାନ୍ଧି ରଖିପାରିଛି। ଗ୍ଲୋବାଲ ପିସ୍ ଲିଡରଶିପ୍ କନ୍‌ଫରେନ୍ସ, ଆଇଟିପିଓ ପ୍ରଗତି ମଇଦାନ, ଆମେରିକାନ ସେଣ୍ଟର-ୟୁନାଇଟେଡ୍ ଷ୍ଟେଟ୍‌ସ ଏମ୍ବାସି ଏବଂ ରକ୍ ଭିୟୁ ଏୟାରଫୋର୍ସ ଷ୍ଟେଶନ ଭଳି ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ ମାଧ୍ୟମରେ ଏହି ବ୍ୟାଣ୍ଡ ଅନେକ ଲକ୍ଷ ସଙ୍ଗୀତପ୍ରେମୀଙ୍କୁ ଅନୁଗାମୀ କରିପାରିଛି। ବ୍ୟାଣ୍ଡର ମୁଖ୍ୟ ଗାୟକ ରୁମିତ୍ ୱାଲିଆ, ପ୍ରଚ୍ଛଦ ଭୋକାଲିଷ୍ଟ ତଥା ଗିଟାର ବାଦକ ଉତ୍ସବ ଭରଦ୍ୱାଜ ଏବଂ ଯନ୍ତ୍ରବାଦକ ତରୁନ୍ କୁମାର ଧରିତ୍ରୀ ୟୁଥ୍ କନ୍‌କ୍ଲେଭ -୨୦୨୪ 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ' କାର୍ଯ୍ୟକ୍ରମ ଅବସରରେ ଆସନ୍ତା ୨୩ତାରିଖରେ ହେବାକୁ ଥିବା 'ଗ୍ରୀନ୍ ହିରୋଜ୍ ସ୍ୱିକ୍ ମ୍ୟୁଜିକ୍' କନ୍‌ସର୍ଟରେ ସଙ୍ଗୀତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ବିରାହ ବ୍ୟାଣ୍ଡର ଗାୟକ ରୁମିତ୍ ୱାଲିଆ ଧରିତ୍ରୀ ସହ ତାଙ୍କ ସଙ୍ଗୀତ ଯାତ୍ରା ଏବଂ ପରିବେଶ ସୁରକ୍ଷା ପାଇଁ ସଙ୍ଗୀତର ଗୁରୁତ୍ୱ ଉପରେ ଆଲୋଚନା କରିଛନ୍ତି।**

**ବିରାହ ବ୍ୟାଣ୍ଡ**



**ପ୍ର.୧- ପରିବେଶ ସମ୍ପର୍କିତ ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଆପଣଙ୍କୁ କ'ଣ ପ୍ରେରିତ କରିଛି?**
ଉ- ଅନ୍ୟମାନଙ୍କ ଭଳି ଆମେ ରକ୍ ମ୍ୟୁଜିକ୍ ଆରମ୍ଭ କରିଥିଲୁ। ସୁଫି ରକ୍ ଉପରେ ଆମର ସ୍ୱତନ୍ତ୍ରତା ଥିଲା। ଆମେ ମଧ୍ୟ ଏନ୍‌ଭାଇରନ୍‌ମେଣ୍ଟାଲ ଗ୍ରୁପ୍ 'ଟିୟର୍ସ ଅଫ୍ ଦ ଆର୍ଥ'ର ଏକ ଅଂଶ। ପ୍ରାରମ୍ଭରୁ ଆମେ ଲୋକପ୍ରିୟ ବଲିଉଡ୍ ଗୀତର ସ୍ୱରର ତାଳରେ ପରିବେଶ ସମ୍ପର୍କିତ ସଙ୍ଗୀତ ଗାନ କରୁଥିଲୁ। ପରେ ଆମେ ପରିବେଶ ସଂରକ୍ଷଣ ଉପରେ ଧ୍ୟାନ କେନ୍ଦ୍ରିତ ହେଲୁ।

**ପ୍ର.୨- ଆପଣଙ୍କ ସୃଜନଶୀଳତାକୁ କ'ଣ ସର୍ବାଧିକ ପ୍ରଭାବିତ କରିଛି?**
ଉ- ଏହି ବ୍ୟାଣ୍ଡରେ ଆମେ ୩ଜଣ ରହିଛୁ। ପ୍ରତ୍ୟେକ ଭିନ୍ନ ଭିନ୍ନ ଶୈଳୀର ମ୍ୟୁଜିକ୍ ଦ୍ୱାରା ଆମେ ପ୍ରଭାବିତ। ବିଭିନ୍ନ ଯନ୍ତ୍ରବାଦ୍ୟ ବ୍ୟବହାର କରି କୀର୍ତ୍ତନ କରୁଥିବା ପରିବାରର ପରିବେଶ ଭିତରେ ତରୁନ୍ କୁମାର ବଢ଼ିଥିଲେ। ଗିଟାର ବାଦକ ଉତ୍ସବ ଭରଦ୍ୱାଜ କନ୍‌ଭେଣ୍ଟ ସ୍କୁଲରେ ପଢ଼ିବା ବେଳେ ବିବିଧ ବାଦ୍ୟଯନ୍ତ୍ରର ଶବ୍ଦ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ମଧ୍ୟ ଅନେକ ବାଦ୍ୟଯନ୍ତ୍ର ପରିଚାଳନାରେ ସିଦ୍ଧହସ୍ତ। ମୁଁ ମଧ୍ୟ ରକ୍ ଆଣ୍ଡ ବ୍ୟାଣ୍ଡ ଗୀତ ଦ୍ୱାରା ପ୍ରଭାବିତ ହୋଇ ଆସିଛି। ଆମେ ୩ଜଣ ଏକତ୍ରିତ ହେବା ପରେ ସୁଫି ଏବଂ ରକ୍ ମ୍ୟୁଜିକ ଜରିଆରେ ଯୋଡ଼ିହେଲୁ।

**ପ୍ର.୩- ପରିବେଶ ସଂରକ୍ଷଣରେ ସଙ୍ଗୀତ କି ଭୂମିକା ନେଇପାରେ?**
ଉ- ଜୀବନରେ ସଙ୍ଗୀତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ଘଣ୍ଟା ଧରି କହିବା ଏବଂ ଆଲୋଚନା କରିବା ଦ୍ୱାରା ଯାହା ପ୍ରକାଶ କରାଯାଇପାରେ ନାହିଁ, ସେ ସମ୍ପର୍କିତ ପ୍ରସଙ୍ଗର ସ୍ୱରକୁ ଏହା ବହୁଗୁଣିତ କରିଥାଏ। ଯଦି ଆପଣ ପଛକୁ ଚାହିଁ ଦେଖିବେ ଅନେକ ଅଭିଯାନ ଓ ଆନ୍ଦୋଳନ ମ୍ୟୁଜିକ୍ ଯୋଗୁ ସଫଳ ହୋଇଥିବା ଜାଣିପାରିବେ।

**ପ୍ର.୪- ରୋମାନ୍ସ କିମ୍ବା ଅବସାଦ ଉପରେ ଅଗଣିତ ଗୀତ ରଚନା କରାଯାଇଛି। କିନ୍ତୁ ପରିବେଶ ଉପରେ କାହିଁକି କ୍ୱଚିତ ଗୀତ ଲେଖା ବା ଗାନ କରାଯାଇଥାଏ?**
ଉ: ଆପଣଙ୍କ କଥା କେତେକାଂଶରେ ଠିକ୍। ପୃଥିବୀ ଏବଂ ପ୍ରକୃତି ଉପରେ ଗ୍ରାମାଞ୍ଚଳରେ ଅନେକ ଗୀତ ଶୁଣିବାକୁ ମିଳିଥାଏ। କିନ୍ତୁ ଯୋଗାଯୋଗ ଅଭାବରୁ ଲୋକେ ସେଥିସହିତ ନିଜକୁ ଯୋଡ଼ି ପାରୁନାହାନ୍ତି। ଆମେ ସେହି ସୁମଧୁର ଗୀତ ସହିତ ଯୋଡ଼ିହୋଇଗଲେ, ଏହାଦ୍ୱାରା ବୃହତ୍ ସ୍ୱାର୍ଥ ସାଧନ ହୋଇପାରିବ। ଆମେ ସେହି ଦିଗରେ କାର୍ଯ୍ୟରତ।

**ପ୍ର.୫- ଭାରତୀୟ ଶ୍ରୋତାଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**
ଉ- ପରିବେଶ ପ୍ରସଙ୍ଗକୁ ବୋଝ କରିଦିଅନ୍ତୁ ନାହିଁ। ନିଜ ଦାୟିତ୍ୱ ତୁଲାଇବା ସହ ଜୀବନ ଏବଂ ସଙ୍ଗୀତକୁ ଉପଭୋଗ କରନ୍ତୁ।


**ପ୍ର.୬- ଧରିତ୍ରୀ ୟୁଥ୍ କନ୍‌କ୍ଲେଭ ସମ୍ପର୍କରେ କ'ଣ କହିବେ?**
ଉ- ଏହା ଏପରି ଏକ କାର୍ଯ୍ୟକ୍ରମ, ଯେଉଁଥିରେ ସ୍ଥାନୀୟ ପରିବେଶ କର୍ମୀମାନେ ସମ୍ପୃକ୍ତ ରହିବା ସହିତ ତୃଣମୂଳ ସ୍ତରର ଲୋକେ ମଧ୍ୟ ଯୋଡ଼ିହେଉଛନ୍ତି। ସେମାନେ ନିଜ ଉଦ୍ୟମରେ ସ୍ୱୀକୃତି ଲାଭ କରୁଛନ୍ତି।

# ମଣିଷ-ପ୍ରାଣୀ ସଂଘର୍ଷ ଏଡ଼ାଇବାରେ ପ୍ରୟାସରତ

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

**ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏ କ୍ଷେତ୍ରରେ ସହଭାଗୀ କରାଇପାରିବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ:ବିଲ୍ଡିଂ ରିଜିଲିଆନ୍ସ'। ଆସନ୍ତା ୨୪ ତାରିଖରେ ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଯୁବ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।**

### ପରିବେଶ ବିଜ୍ଞାନୀ ରମଣ ସୁକୁମାର



ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ବରିଷ୍ଠ ପରିବେଶ ବିଜ୍ଞାନୀ ରମଣ ସୁକୁମାର। ଏସୀୟ ହାତୀଙ୍କ ସୁରକ୍ଷା ଏବଂ ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ଉପରେ ନିଜ ଗବେଷଣା ଓ କାର୍ଯ୍ୟକୁ ନେଇ ସୁକୁମାର ବେଶ୍ ଜଣାଶୁଣା। ସେ ଜଳବାୟୁ ପରିବର୍ତ୍ତନ ଏବଂ ବିଷୁବ ମଣ୍ଡଳୀୟ ଜଙ୍ଗଲ ପରିବେଶ ବିଜ୍ଞାନ ଉପରେ ମଧ୍ୟ ଗବେଷଣା ଜାରି ରଖିଛନ୍ତି। ୧୯୫୫ରେ ମାଡ୍ରାସରେ ଜନ୍ମିତ ସୁକୁମାର ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଲାଭ କରିବା ପରେ ସେହିଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିଥିଲେ। ୧୯୮୫ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ପି.ଏଚ୍‌ଡି ଲାଭ କରିଥିଲେ। ୧୯୯୭ରେ ସୁକୁମାର ଏସିଆନ୍ ନେଚର କଞ୍ଜରଭେଶନ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ। ଏସୀୟ ହାତୀ ଗବେଷଣା ଓ ସଂରକ୍ଷଣ ଉପରେ ଆଧାରିତ ଏହି ପ୍ରତିଷ୍ଠାନ ଭାରତ ତଥା ଏସୀୟ ରାଷ୍ଟ୍ରଗୁଡ଼ିକରେ ହାତୀ ଏବଂ ସେମାନଙ୍କ ସହାବସ୍ଥାନ ଉପରେ କାର୍ଯ୍ୟ କରିଆସୁଛି। ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସେସରେ ସେଣ୍ଟର ଫର୍ ଇକୋଲୋଜିକାଲ୍ ସାଇନ୍ସେସର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧ୍ୟୟନଗୁଡ଼ିକ ବିଶେଷକରି ପରିବେଶ ସଂରକ୍ଷଣ ଆଧାରିତ ବୈଜ୍ଞାନିକ ଗବେଷଣା ଉପରେ ପର୍ଯ୍ୟବସିତ। ସେ ଜାତୀୟ, ଅନ୍ତର୍ଜାତୀୟ ସ୍ତରୀୟ ବିଭିନ୍ନ କମିଟିରେ ଭାରତୀୟ ବନ୍ୟପ୍ରାଣୀ ବିଜ୍ଞାନୀ ଭାବେ ପ୍ରତିନିଧିତ୍ୱ କରିଛନ୍ତି। ୨୦୦୬ରେ ସେ ପ୍ରଥମ ଭାରତୀୟ ଭାବେ ଜାପାନର ଇଣ୍ଟରନ୍ୟାଶନାଲ କସ୍‌ମସ୍ ପୁରସ୍କାର ପାଇଥିଲେ। ୨୦୦୭ରେ ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ(ଆଇପିସିସି) ସଂଗଠନ ସହ ଜଡ଼ିତଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଛନ୍ତି।

ହାଇସ୍କୁଲରେ ପଢୁଥିବାବେଳେ ସୁକୁମାରଙ୍କ ପରିବେଶ ସଂରକ୍ଷଣ ଉପରେ ଆଗ୍ରହ ବଢ଼ିଥିଲା। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ଡକ୍ଟରେଟ ଡିଗ୍ରୀ ପାଇବା ପରେ ସେ ହାତୀ ଏବଂ ମଣିଷ ମଧ୍ୟରେ ଦେଖାଯାଉଥିବା ସଂଘର୍ଷର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ନଷ୍ଟ ଯୋଗୁ ଗୋଟିଏ ସ୍ଥାନରେ ରହିବା ପାଇଁ ହାତୀ ଓ ମଣିଷ ମଧ୍ୟରେ କିପରି ସଂଘର୍ଷ ଚାଲିଛି, ତା' ଉପରେ ସେ ଅନେକ ଗବେଷଣା କରିଛନ୍ତି। ଏପରି କି ହାତୀମାନଙ୍କୁ ଏକ ସୁରକ୍ଷିତ ବାସସ୍ଥଳୀ କିପରି ମିଳିପାରିବ ସେଥିପାଇଁ ବିଭିନ୍ନ ସର୍ଭେ କରିଥିଲେ। ଜନବସତିର ଚାରିପଟେ ସୁରକ୍ଷିତ ତାରବାଡ଼ ଲଗାଯାଇ ଲୋକଙ୍କଠାରୁ ହାତୀମାନଙ୍କୁ ଦୂରେଇ ରଖିବା ପାଇଁ ସୁକୁମାର ଅନେକ ପ୍ରୟାସ କରିଛନ୍ତି। ୧୯୯୩ରେ ସୁକୁମାର ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ଷ୍ଟିଅରିଂ କମିଟିର ସଦସ୍ୟ ହୋଇଥିଲେ। ଏହି କମିଟି ଭାରତ ସରକାରଙ୍କୁ ହାତୀ ସୁରକ୍ଷା ପାଇଁ ବୈଷୟିକ ସହଯୋଗ କରିଥାଏ। ସେ ୧୯୯୭ରୁ ୨୦୦୪ ପର୍ଯ୍ୟନ୍ତ ୱାର୍ଲ୍ଡ କଞ୍ଜରଭେଶନ ୟୁନିୟନର ଏସିଆନ ଏଲିଫ୍ୟାଣ୍ଟ ସ୍ପେଶିଆଲିଷ୍ଟ ଗ୍ରୁପ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ସେ ଏସିଆନ୍ ଏଲିଫ୍ୟାଣ୍ଟ ରିସର୍ଚ୍ଚ ଆଣ୍ଡ କଞ୍ଜରଭେଶନ ସେଣ୍ଟର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ହାତୀ ସୁରକ୍ଷା କ୍ଷେତ୍ରରେ ସୁକୁମାରଙ୍କ ନିରନ୍ତର ପ୍ରୟାସ ତାଙ୍କ ପାଇଁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେଇଛି। ୧୯୮୯ରେ ଶିକାଗୋ ଜୁଲୋଜିକାଲ ସୋସାଇଟିର ପ୍ରେସିଡେନ୍ସିଆଲ ଆୱାର୍ଡ, ୧୯୯୭ରେ ଅର୍ଡର ଅଫ୍ ଦି ଗୋଲ୍‌ଡେନ୍ ଆର୍କ ପାଇଥିଲେ। ୨୦୦୦ରେ ଇଣ୍ଡିଆନ୍ ଏକାଡେମିକ ଅଫ୍ ସାଇନ୍ସେସ୍ ସଦସ୍ୟ ହୋଇଥିଲେ। ୨୦୦୩ରେ ହ୍ୱାଇଟ୍‌ଲି ଗୋଲ୍ଡ ଆୱାର୍ଡ ପାଇଥିଲେ।






# ଡିସେମ୍ବର ୨୬ରୁ ଆରମ୍ଭ ହେବ ଚଇତି

■ ଲୋକ ମହୋତ୍ସବ ଚଇତି, ବିକାଶ ମେଳା ପ୍ରସ୍ତୁତି ବୈଠକ
■ ଅକ୍ଷରବ୍ରହ୍ମ ମନ୍ଦିରରୁ ଶୁଭାରମ୍ଭ ହେବ ଚଇତି

ରାୟଗଡ଼ା,୨୧।୧୧(ଆଶିଷ ରଞ୍ଜନ ପଣ୍ଡା)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି, ବିଧାୟକ ଓ ଅନ୍ୟ ଅଧିକାରୀମାନେ।

ରାୟଗଡ଼ା ଜିଲାର ଲୋକ ମହୋତ୍ସବ ଚଇତି ଓ ବିକାଶ ମେଳା ଆସନ୍ତା ଡିସେମ୍ବର ୨୬ରୁ ୫ ଦିନବ୍ୟାପୀ ପାଳନହେବ। ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ପାରୁଲ ପଟୱାରିଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତଥର ଆଡମ୍ବର ସହକାରେ ଉତ୍ସବ ପାଳନ ସହ ଏଥର ପଦ୍ମପୁର ବ୍ଲକ୍‌ର ମରିଚଗୁଡ଼ାଠାରେ ଥିବା ଅକ୍ଷରବ୍ରହ୍ମ ମନ୍ଦିରରୁ ଚଇତି ଶୁଭାରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଏସ୍‌ପି ସ୍ୱାଥୀ ଏସ୍. କୁମାର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା, ଏମ୍‌ପି ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଗତବର୍ଷ ଚଇତି ପାଳନର ହିସାବ ପ୍ରଦାନ କରିଥିଲେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା। ଗତବର୍ଷ ୮୧ ଲକ୍ଷ ୨୦ ହଜାର ୧୧୭ ଟଙ୍କା ଆଦାୟ ହୋଇଥିଲା ଓ ୮୦ ଲକ୍ଷ ୭୭ ହଜାର ୮୦୩ ଟଙ୍କା ଖର୍ଚ୍ଚ ହୋଇଛି। ୪୨ ହଜାର ୩୧୪ ଟଙ୍କା ବଳକା ରହିଛି ବୋଲି ସେ ସୂଚନା ଦେଇଥିଲେ । ଯଦି କେହି ସମ୍ପୂର୍ଣ୍ଣ ବିବରଣୀ ଚାହାନ୍ତି ତେବେ ଜିଲା ସଂସ୍କୃତି କାର୍ଯ୍ୟାଳୟରୁ ନେଇପାରିବେ ବୋଲି ସୂଚନା ଦିଆଯାଇଥିଲା । ତେବେ ବିଧାନସଭାରେ ବିଧାୟକ କାଡ୍ରାକା ଚଇତି ପାଳନକୁ ନେଇ ପ୍ରଶ୍ନ କରିବାରୁ ୯୪ ଲକ୍ଷ ଆଦାୟ ହୋଇଥିବା ସଂସ୍କୃତି ମନ୍ତ୍ରୀ ସୂଚନା ଦେଇଥିଲେ। ଯାହାକୁ ନେଇ କେଉଁ ତଥ୍ୟ ଠିକ୍ ବୋଲି ଖବରଦାତା ବାଦଲ କୁମାର ପ୍ରଶ୍ନ କରିଥିଲେ। ହେଲେ ଏହାର ଠିକ୍ ଉତ୍ତର ମିଳି ନ ଥିଲା। ଏନେଇ ତଦନ୍ତ କରାଯିବ ବୋଲି ଜିଲାପାଳ ପାରୁଲ କହିଥିଲେ।

ଅପରପକ୍ଷରେ, ରାୟଗଡ଼ା ସହରର ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଜିସିଡି ପଡିଆରେ ନ କରି ବାଇପାସ୍ ରାସ୍ତାରେ ଥିବା ଏକ ପଡିଆରେ ଚଇତି ପାଳନ ପାଇଁ ପ୍ରସ୍ତାବ ଆସିବାରୁ ଏହାକୁ ନେଇ ଆଲୋଚନା ହୋଇଥିଲା। ଶେଷରେ ଜିସିଡି ପଡିଆରେ ପାଳନ କରିବାକୁ ସମସ୍ତେ ଦାବି କରିବାରୁ ତାହା ଗ୍ରହଣ ହୋଇଥିଲା। ତେବେ ଚଳିତ ଥର ଆର୍ଥିକ କାରବାର ସିଧା ସଂସ୍କୃତି ବିଭାଗ ଦ୍ୱାରା ନ କରି ଉପଜିଲାପାଳଙ୍କ ଜରିଆରେ କରିବାକୁ ପ୍ରସ୍ତୁତି ବୈଠକରେ ପ୍ରେସ୍ କ୍ଲବ ସଭାପତି ଯୋଗେଶ୍ୱର ଦାସ ଦାବି ଉପସ୍ଥାପନ କରିଥିଲେ। ଏହା ହେଲେ ହିଁ ସ୍ୱଚ୍ଛତା ରହିପାରିବ ବୋଲି ସେ କହିଥିଲେ। ଚଇତି ଅବସରରେ ସ୍ମରଣିକା 'ଚଇତାଳି' ପ୍ରିଣ୍ଟ ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଏହାକୁ ଲୋକଙ୍କୁ ବଣ୍ଟନ କରାଯାଉନାହିଁ ବୋଲି ବରିଷ୍ଠ ଖବରଦାତା ରଞ୍ଜନ ରଥ ପ୍ରକାଶ କରିଥିଲେ । ଚଳିତ ଥର ଚଇତି ଅବସରରେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଚଇତି ପାଳନ ପାଇଁ ବିଭିନ୍ନ କମିଟି ଓ ସବ୍ କମିଟି ଗଠନ ହୋଇଥିଲା। କମିଟିରେ ପରିବର୍ତ୍ତନ କରିବା ପାଇଁ ଦାବି ହେବାରୁ ଗ୍ରହଣ ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ କମିଟି ସେମାନଙ୍କ ବୈଠକ କରିବେ ବୋଲି ସୂଚନା ମିଳିଛି। ପ୍ରସ୍ତୁତି ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବ୍ଲକ ଅଧକ୍ଷା ତୁନି ହୁଇକା, ଉପାଧକ୍ଷ ହରପ୍ରସାଦ ହେପ୍‌ରୁକା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଓକିଲ ସଂଘ ସଭାପତି ପଦ୍ମନାଭ ଦାସ, ସାମାଜକ କର୍ମୀ ସନ୍ତୋଷୀ ସେନାପତି, ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ସମେତ ଝୁନା ପଣ୍ଡା, ଉମେଶ ଖୋସ୍‌ଲା ଓ ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦାନ୍ତ ପକ୍ଷରୁ ସ୍ୱର୍ଣ୍ଣ ପ୍ରାସନ କାର୍ଯ୍ୟକ୍ରମ

ରାୟଗଡ଼ା,୨୧।୧୧(ଆଶିଷ ରଞ୍ଜନ ପଣ୍ଡା)

ଆୟୁଷ ମନ୍ତ୍ରଣାଳୟ ସହଭାଗିତାରେ ବେଦାନ୍ତ ଆଲୁମିନା ରାୟଗଡ଼ା ଜିଲାରେ ସ୍ୱର୍ଣ୍ଣ ପ୍ରାସନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଛାତ୍ରୀଛାତ୍ରଙ୍କ ସ୍ମରଣଶକ୍ତି ବୃଦ୍ଧି, ଇମ୍ୟୁନିଟି ବୃଦ୍ଧି ପାଇଁ ସ୍ଥାନୀୟ ଜିସିଡି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ୧୫ଟି ସରକାରୀ ବିଦ୍ୟାଳୟର ୬୪୦୦ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପ୍ରାସନ ଡ୍ରପ୍ ପ୍ରଦାନର ଲକ୍ଷ୍ୟ ରଖିଛି ବେଦାନ୍ତ ଆଲୁମିନା । ଜିସିଡି ହାଇସ୍କୁଲଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ବିଇଓ ସୁଦୀପ୍ତ କୁମାର ଦାସ, ଜିସିଡି ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ, ଆୟୁଷ ଡାକ୍ତର ଭିଜେପି ରାଓ ଏବଂ ଅଟଳ ବିହାରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ସ୍ୱର୍ଣ୍ଣ ପ୍ରାସନ କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ କରାଯିବ ବୋଲି ବେଦାନ୍ତ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସ୍ୱର୍ଣ୍ଣ ପ୍ରାସନ ଡ୍ରପ୍ ସମ୍ପୂର୍ଣ୍ଣ ଆୟୁର୍ବେଦିକ ଏବଂ ଏହା ଛାତ୍ରୀଛାତ୍ରଙ୍କ ସ୍ମରଣଶକ୍ତି ବୃଦ୍ଧି, ଇମ୍ୟୁନିଟି ବୃଦ୍ଧି ଭଳି ବିଭିନ୍ନ ପ୍ରକାର ସହାୟତା କରିବ ବୋଲି ଡାକ୍ତର ଭିଜେପି ରାଓ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବେଦାନ୍ତ ଆଲୁମିନାର ବିଭିନ୍ନ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।



ଜିସିଡି ହାଇସ୍କୁଲର ଜଣେ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପ୍ରାସନ ଡ୍ରପ୍ ଦିଆଯାଉଛି।

## ଘରେ ପଶି ମହିଳାଙ୍କୁ ହତ୍ୟା ଉଦ୍ୟମ
### କୁରାଢ଼ି ଜବତ, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୨୧।୧୧(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ ତିଳେଶ୍ୱର ଗ୍ରାମର ଶିବା ଓରଫ ଶିବାନନ୍ଦ ବିଷୋୟୀଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗ୍ରାମର ସମ୍ପର୍କୀୟ ଭାଉଜ ଇନ୍ଦିରା ବିଷୋୟୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ଥାନା ମାମଲା ନଂ.୪୬୦/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଯାଇଛି।

ସୂଚନା ଅନୁସାରେ, ତିଳେଶ୍ୱର ଗ୍ରାମର ଇନ୍ଦିରା ଗତ ମଙ୍ଗଳବାର ରାତିରେ ତାଙ୍କ ପୁଅ ଝିଅଙ୍କ ସହିତ ଶୋଇଥିବା ବେଳେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ସମ୍ପର୍କୀୟ ଦିଅର ଶିବା ହାତରେ ଏକ କୁରାଡି ଧରି ଘରେ ପଶି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା। ଇନ୍ଦିରା ବାହାରକୁ ଯାଇ ପାଟି କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଆପତ୍ତି ଜନକ ଭାଷାରେ ଗାଳି ଗୁଲଜ କରି ତାଙ୍କ ବେକକୁ ହାଣି ଦେବାକୁ ଉଦ୍ୟମ କରିଥିଲେ। ଏହା ଜାଣିବା ପରେ ପଡୋଶୀ ଦୌଡ଼ି ଆସିବାରୁ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ଘଟଣାର ପରଦିନ ଇନ୍ଦିରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

## ମାଛ ସହ ସମନ୍ୱିତ ଚାଷକଲେ ଲାଭବାନ ହେବେ ଚାଷୀ


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ମହିଳା ଚାଷୀ।

ରାୟଗଡା,୨୧।୧୧
(ଆଶିଷ ରଞ୍ଜନ ପଣ୍ଡା)

**ବିଶ୍ୱ ମତ୍ସ୍ୟ ଦିବସ ପାଳିତ**

ରାଗଡ଼ା ଜଳଛାୟା ବିଭାଗ ସମ୍ମିଳନୀ କକ୍ଷରେ ବିଶ୍ୱ ମତ୍ସ୍ୟ ଦିବସ-୨୦୨୪ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଚାଷ ସହିତ ମତ୍ସ୍ୟ ଉତ୍ପାଦନର ଉତ୍ସର ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ ମାଛ ଖାଇବା ଦ୍ୱାରା ମିଳୁଥିବା ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ. ଦେବରାଜ ନାୟକ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ମାଛ ଚାଷ ସହ ସମନ୍ୱିତ ଚାଷ କଲେ ଚାଷୀ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ମତ୍ସ୍ୟ ପୋଖରୀ ଯୋଜନାର ଶ୍ରେଷ୍ଠ ଚାଷୀ ଭାବେ ବିଜୟ କୁମାର ପୁଆଲା, ଜୈବପୁଞ୍ଜି ମାଧ୍ୟମରେ ମାଛ ଚାଷରେ ଶ୍ରେଷ୍ଠ ଚାଷୀ ଭାବେ ଏମ୍. ଲାଲୁପ୍ରସାଦ ଯାଦବଙ୍କୁ ସମ୍ମାନିତ କରାଯାଇଥିଲା। ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛ ଚାଷରେ ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ, କଲ୍ୟାଣସିଂହପୁର ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ଏବଂ ଶ୍ରେଷ୍ଠ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଭାବେ ରାୟଗଡ଼ାର ମା' ଲକ୍ଷ୍ମୀ ସମବାୟ ସମିତିର ସଭ୍ୟାମାନଙ୍କୁ ପୁରସ୍କାର ଦେବା ସହିତ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୧୧ଟି ବ୍ଲକ୍‌ର ସହକାରୀ ମତ୍ସ୍ୟ ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଏବଂ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକମାନେ ଉପସ୍ଥିତ ରହି ସଭାକୁ ପରିଚାଳନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ବର୍ଷାରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିର ଦାନହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି

ଗଞ୍ଜାମ,୨୧।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାରେ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରି ଲୁଟ କରୁଛନ୍ତି। ବଟେଶ୍ୱର, ଝାଡ଼େଶ୍ୱର, ମୁକ୍ତେଶ୍ୱର ମନ୍ଦିରରୁ ଟଙ୍କା ଲୁଟ୍ ପରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରୟାଗି ଗ୍ରାମ ନିକଟରେ ଥିବା ଅଳେଶ୍ୱର ଶୈବ ପୀଠରୁ ଦାନ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ରମ୍ଭା ଥାନାରେ ମନ୍ଦିର ପରିଚାଳନା କମିଟି ତରଫରୁ ଅଭିଯୋଗ କରାଯାଇଛି। ମନ୍ଦିର ପୂଜକ ମଙ୍ଗଳବାର ସନ୍ଧ୍ୟା ୬ଟାରେ ମନ୍ଦିର କବାଟ ବନ୍ଦ କରି ପ୍ରତିଦିନ ପରି ଘରକୁ ଯାଇଥିଲେ। ବୁଧବାର ଭୋର ୫ଟାରେ ମନ୍ଦିର ଖୋଲିବାକୁ ଯିବାବେଳେ ମନ୍ଦିରରେ ରହିଥିବା ଦାନ ହୁଣ୍ଡି ଭାଙ୍ଗାଯାଇ ସମସ୍ତ ଦାନ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ।

## ଚାଷଜମିରେ ହତ୍ୟା ଘଟଣା, ୨ ଗିରଫ

ଧରାକୋଟ,୨୧।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ କୁସରାବ ଗାଁ କୋଠ ଜମିରେ ପାଣି ମଡାଇବାକୁ କେନ୍ଦ୍ରକରି ଗତ ୨ ତାରିଖରେ ପଞ୍ଚାନନ ଗୌଡ଼ ଓରଫ ପଞ୍ଚୁଙ୍କୁ ହତ୍ୟା କରାଯାଇଥିଲା। ଗ୍ରାମ ନିକଟ କାନ୍ଧୁଲ ଘାଇ ନିକଟରେ ଥିବା କୋଠ ଜମିରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଧରାକୋଟ ଥାନାରେ ପଞ୍ଚୁଙ୍କ ସ୍ତ୍ରୀ ବୁଲି ଗୌଡ଼ ଏତଲା ଦେଇଥିଲେ। ପୋଲିସ ନଂ.୩୫୭/୨୪ରେ ମାମଲା ରୁଜୁ କରିଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ସାଗରଙ୍କ ସଫଳତା

ପଦ୍ମପୁର, ୨୧।୧୧(ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ଏବଂ ବିଜ୍ଞାନ ପ୍ରଦର୍ଶନୀରେ ଉପର କୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ୫ମ ଶ୍ରେଣୀ ଛାତ୍ର ସାଗର ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପଦ୍ମପୁର ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ବିଭାଗ ତରଫରୁ ଅନୁଷ୍ଠିତ ବାଲ୍ ବୈଜ୍ଞାନିକ କାର୍ଯ୍ୟକ୍ରମରେ ସାଗରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର କର, ଶିକ୍ଷକ ହୃଷିକେଶ ପରିଡ଼ାଳା ପ୍ରମୁଖ କୁନି ବୈଜ୍ଞାନିକ ସାଗରଙ୍କୁ ଟ୍ରଫି ସହ ମାନପତ୍ର ଦେଇ ପୁରସ୍କୃତ କରିଛନ୍ତି। ବରିଷ୍ଠ ବିଭାଗରେ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସଲୋନୀ ଖାଡ଼ଙ୍ଗା ଓ ଧନଞ୍ଜୟ ଶବର ୧ମ ସ୍ଥାନ ପାଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିବା ପଦ୍ମପୁର କ୍ଲଷ୍ଟର ସିଆରସିସି ଅଜିତ ଚୌଧୁରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବରିଷ୍ଠ ବିଭାଗ ପାଇଁ ୭୬ଟି ଓ ବାଲ ବୈଜ୍ଞାନିକ ବର୍ଗରେ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।


ଅତିଥିମାନେ କୁନି ବୈଜ୍ଞାନିକ ସାଗର ସାହୁ ଙ୍କୁ ପୁରସ୍କୃତ କରୁଛନ୍ତି।

## ୨ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ, ଥାନାରେ ଏତଲା

ଧରାକୋଟ,୨୧।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ନନ୍ଦିଗୋର ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରୁ ଆସୁଥିବା ପାଣି ଓ ଭଙ୍ଗା ଟ୍ୟାପକୁ ନେଇ ୨ ପଡୋଶୀଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗକ୍ରମେ ପୋଲିସ ପୃଥକ ମାମଲା (୩୮୮ ଓ ୩୮୯/୨୪) ରୁଜୁ ତଦନ୍ତ ଚଳାଇଛି। ଗ୍ରାମର ଝିଲି ସେଠୀ ତାଙ୍କ ଘର ଆଗରେ ଥିବା ପାଣି ଟ୍ୟାପ ଭାଙ୍ଗି ଯାଇଥିବା ଦେଖି ପଡୋଶୀ ଲୋକନାଥ ବେହେରାଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଲୋକନାଥ ଓ ତାଙ୍କ ପୁଅ ଝିଲିକୁ ମାଡ ମାରିବାରୁ ସେ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ହୋଟେଲରେ ଖାଦ୍ୟର ମାନ ଯାଞ୍ଚକଲେ ଉପଜିଲାପାଳ

ରାୟଗଡ଼ା,୨୧।୧୧ (ଆଶିଷ ରଞ୍ଜନ ପଣ୍ଡା)

**୧୨ ରନ୍ଧନ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ**

ହୋଟେଲରେ ମିଳୁଥିବା ଖାଦ୍ୟ ଉନ୍ନତ ମାନର କି ନାହିଁ ଏବଂ ବେଆଇନ ଭାବେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରକୁ ବ୍ୟବସାୟରେ ବ୍ୟବହୃତ କରାଯାଉଥିବା ଅଭିଯୋଗକୁ ନେଇ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ବିଭିନ୍ନ ହୋଟେଲ ଯାଞ୍ଚ କରିଛନ୍ତି। ରାୟଗଡ଼ା ସହରର ରେଲୱେ ଷ୍ଟେଶନ ସମ୍ମୁଖରେ ଥିବା ହୋଟେଲ ବିଜୟଲକ୍ଷ୍ମୀ, କେଜିଏନ୍‌ରେ ଚଢ଼ାଉ କରିଥିବା ବେଳେ ଗାନ୍ଧୀନଗର ଅଞ୍ଚଳରେ ଥିବା ଏକ ମିଠା କାରଖାନା ଉପରେ ଚଢ଼ାଉକରି ଏହାକୁ ସିଲ୍ କରାଯାଇଥିଲା । ହୋଟେଲଗୁଡିକରେ ଚଢାଉ ବେଳେ ୧୨ଟି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିବା ବେଳେ ଛଣାଖାଦ୍ୟରେ ଅତ୍ୟଧିକ ରଙ୍ଗ ମିଶ୍ରଣକୁ ନେଇ ଜରିମାନା କରାଯାଇଛି । ଗଜପତି ଛକରେ ଥିବା ତୃପ୍ତି ହୋଟେଲରେ ମଧ ଖାଦ୍ୟର ମାନ ଯାଞ୍ଚ କରାଯାଇ ଜରିମାନା ଆଦାୟ ହୋଇଥିଲା । ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ହୋଟେଲଗୁଡିକ ପରିଷ୍କାର ପରିଚ୍ଛନ୍ନ ସହ ଗୁଣବତ୍ତା ମାନର ଖାଦ୍ୟ ଦେବାର ନିୟମକୁ ଉଲଂଘନ କଲେ ନିୟମ ଉଲ୍ଲଂଘନକାରୀ ବ୍ୟବସାୟୀଙ୍କ ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସୋରେନ, ସଦର ଅତିରିକ୍ତ ଯୋଗାଣ ଅଧିକାରୀ ସୁହାଂଶୁ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ ।


ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଅନ୍ୟମାନେ ହୋଟେଲ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ପ୍ରଶିକ୍ଷଣ ନେଲେ ୫୦ ଚାଷୀ

**ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା**

ଗୁଣପୁର,୨୧।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିନରେ ଗୁରୁବାର ୫୦ ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦାନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଷମକଟକ ବ୍ଲକ୍ ଉପାଧକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ବୃନ୍ଦାବନ ବେହେରା, ଚିତ୍ତ ରଞ୍ଜନ ଶତପଥୀ, ମୁଖ୍ୟବକ୍ତା ଭାବେ ସମ୍ପଦ ସ୍ୱରୂପ ସାମଲ ଏପିଡି ଯୋଗଦେଇଥିବା ବେଳେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଦୟାନିଧି ରାଉତ ସଭାପତିତ୍ୱ କରିଥିଲେ ।

ପ୍ରଦର୍ଶନୀରେ ୨୪ଟି ଷ୍ଟଲ ଖୋଲି କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ଦ୍ୱିତୀୟ ଦିନରେ ବିଷମକଟକ, ମୁନିଗୁଡ଼ା, ଚନ୍ଦ୍ରପୁର ଅଞ୍ଚଳର ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇପାରିଥିବା ଚାଷୀଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା । ଜି. ରାମରାଓ, କେଶବ କାଶୀ, ସିଦ୍ଧାର୍ଥ କୁମାର ଚୌଧୁରୀ, କେଶବ କିଲାକା, ପରିଆ ମଡସିକା, ହରିବନ୍ଧୁ ପିଡ଼ିସିକା, ନରି କୁଟୁରୁକା, ଜଗନ୍ନାଥ, ସିତ୍ରି ମୃଦ୍ରାଙ୍ଗା, ସୁବାସ କୁମାର ସିଂ, ରଞ୍ଜିତ ମାଦଳା, ରାମଚନ୍ଦ୍ର ବ୍ରେଡେକା ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଚାଷୀ ଧାନ, କପା ଆଦି ଚାଷ କରିବା ସହ ଅର୍ଥକରୀ ଫସଲ ଚାଷ କରିବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଭାରସିଂ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ର, ଏମ୍ ଆର୍ଟ ଅନୁଷ୍ଠାନର ଛାତ୍ରୀଛାତ୍ର, ବିଟବକ୍ସ ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଭାଗ୍ୟଶ୍ରୀ ମଲ୍ଲିକ, ଅକ୍ଷୟ ପଣ୍ଡା, ଉତ୍ତମ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଗୁଣପୁର କୃଷି ଜିଲା ଅଧିକାରୀ ବୃନ୍ଦାବନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


ମଞ୍ଚରେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଦିବାସୀଙ୍କ ଲୁକ୍କାୟିତ ପ୍ରତିଭା ସାମ୍ନାକୁ ଆଣୁଛି ପରବ



ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟ ଅତିଥିମାନେ ପରବ ମଶାଲ ଶୁଭାରମ୍ଭ କରୁଛନ୍ତି।

ପଟାଙ୍ଗି,୨୧।୧୧(ଶରତ ଧଳ)

■ବ୍ଲକ୍ସ୍ତରୀୟ ପରବ ଉଦ୍ଘାଟିତ
■ଢେମସା ତାଳେ ତାଳେ ନାଚିଲେ ବିଧାୟକ

କୋରାପୁଟ ଜିଲା ପଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାମଚନ୍ଦ୍ର କାଡାମ ଏହାକୁ ଉଦ୍ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୁଚି ରହିଥିବା ବିଭିନ୍ନ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ପରବ ମୁଖ୍ୟ ଭୂମିକା ଗ୍ରହଣକରି ଜାତୀୟସ୍ତରରେ ପହଞ୍ଚିଛି ବୋଲି ବିଧାୟକ କହିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗ୍ରାମଦେବୀ ମା' ଗାଙ୍ଗମାଁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଧାୟକ କାଡାମ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଏମ୍ପି ପ୍ରତିନିଧି ଶୁକ୍ରା ଖରା, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା,ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଜୋନ୍-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ବିଧାୟକ ଓ ଅନ୍ୟମାନେ ଛାତ୍ରୀଙ୍କ ସହ ଢେମସା ତାଳେ ତାଳେ ନାଚି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ବିଧାୟକ ପରବ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିବା ବେଳେ ସମସ୍ତ ଅତିଥି ମଞ୍ଚ ଉପରେ ଉପସ୍ଥିତ ଥିଲେ। କିନ୍ତୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ବାରମ୍ବାର ଆମନ୍ତ୍ରଣ କରାଯାଇଥିଲେ ବି ସେ ଅନୁପସ୍ଥିତ ଥିଲେ। ପରବ ନଭେମ୍ବର ୨୩ରେ ଦେଓମାଳି ପର୍ଯ୍ୟଟନ ସ୍ଥଳୀରେ ଉଦ୍ଯାପନ ହେବା ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା।

## କାଠିନାଚ, ଢେମସାରେ ଆକୃଷ୍ଟ ହେଲେ ଦର୍ଶକ

ଦଶମନ୍ତପୁର,୨୧।୧୧(ଅରବିନ୍ଦ ନାୟକ)

**ସରିଲା ବ୍ଲକସ୍ତରୀୟ ପରବ**

କୋରାପୁଟ ଜିଲା ଦଶମନ୍ତପୁରରେ ବ୍ଲକସ୍ତରୀୟ ପରବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ପରବ ସଭାପତି ମିଳନ କୁମାର ଝଙ୍କରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଏବଂ ଏସିପି ସାନ୍ତ୍ୱନୁ କୁମାର ନାହାକ ପରିଚାଳନା କରିଥିଲେ। ଏଥିରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଡିଏସ୍ପି ଶ୍ରାବଣୀ ନାୟକ, ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନୀ, ଉପାଧ୍ୟକ୍ଷ ଅରୁଣ ଚେଟି, ବିଆର୍ଏମ୍ସି ଅଧ୍ୟକ୍ଷ ନାରାୟଣ ବିଷୋୟୀ, ଥାନା ଅଧିକାରୀ ସୁକୁମା ହାସଦା, ସହକାରୀ ଯନ୍ତ୍ରୀ ଅଭିଷେକ ଶତ୍ରୁଘ୍ନି, ସିଡିପିଓ ଶକୁନ୍ତଳା ଦାଶ, ଏମ୍ପି ପ୍ରତିନିଧି ପଙ୍କଜ ବାଘ, ବ୍ଲକ ଶିକ୍ଷାଧିକାରୀ ଦୟାସିନ୍ଧୁ ବାଘ, ଜୋନ୍ ୧ ଓ ଜୋନ୍ ୨ର ଜିଲା ପରିଷଦ ସଭ୍ୟ, କଂଗ୍ରେସ ସମ୍ପାଦକ ମୋହନ ପାତ୍ର ହିଆଲ, ୧୬ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ଛାତ୍ରୀଛାତ୍ର ଏବଂ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଇଷ୍ଟଦେବୀ ମା' ଖମ୍ବେଶ୍ୱରୀ ପୀଠରୁ ଢେମସାର ତାଳେ ତାଳେ ମଶାଲ ଶୋଭାଯାତ୍ରା ଏବଂ ୧୦୮ କଳସ ଯାତ୍ରା ବାହାରି ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ପଡିଆରେ ପହଞ୍ଚିଥିଲା। ଅତିଥିମାନେ ପରବ ପଡ଼ିଆରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ପରବର କାଠି ନାଚ ଓ ଢେମ୍ସା ନୃତ୍ୟ ଅଧିକ ଆକୃଷ୍ଟ କରିଥିଲା। ବ୍ଲକସ୍ତରୀୟ ପରବରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଖବରଦାତାଙ୍କୁ ଉପେକ୍ଷା ଅଭିଯୋଗ

ସୁନାବେଡା/ସେମିଳିଗୁଡା,୨୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

■ପରବ ମହୋତ୍ସବ ଉଦ୍ଘାଟିତ
■ଭିନ୍ନ ଭିନ୍ନ ରଙ୍ଗରେ ଟି-ଶାର୍ଟକୁ ନେଇ ଅସନ୍ତୋଷ

କୋରାପୁଟ ଜିଲା ସୁନାବେଡା ପୌର ପ୍ରଶାସନ ପକ୍ଷରୁ ୩ ଦିନିଆ ପରବ ମହୋତ୍ସବ ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ପ୍ରଥମଦିନରେ ମଶାଲ ଶୋଭାଯାତ୍ରା ହୋଇଥିବା ବେଳେ ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ଡ଼ ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଡା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଓ ସମସ୍ତ କାଉନ୍ସିଲର ସାମିଲ ହୋଇଥିଲେ। ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ସୁନାବେଡା ଦଶହରା ପଡ଼ିଆରେ ସ୍ଥାପନା କରାଯାଇଥିଲା। ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପରବ ପଡ଼ିଆ ଖାଁ ଖାଁ ଲାଗୁଥିବା ବେଳେ ମହୋତ୍ସବରେ କିଛି ବ୍ୟତିକ୍ରମ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ୨ ଭିନ୍ନ ଭିନ୍ନ ରଙ୍ଗରେ ଟି-ଶାର୍ଟ କରାଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ପରବ ସମସ୍ତଙ୍କ ପାଇଁ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ଗୋଟିଏ ମଞ୍ଚରେ ଏକତ୍ର ରହିବା ନେଇ ପ୍ରଶାସନ ଯତ୍ନବାନ ହେବା ଜରୁରୀ ବୋଲି ଜଣେ ପୂର୍ବତନ କାଉନସିଲର କହିଛନ୍ତି। ସେହିପରି ଖବରଦାତାଙ୍କୁ ମଧ୍ୟ ପରବ ପ୍ରସ୍ତୁତି ବୈଠକକୁ ଡକା ନ ଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସମସ୍ତଙ୍କୁ ନିମନ୍ତ୍ରଣ ହୋଇଛି ଅନେକ ସାମିଲ ହୋଇଛନ୍ତି। ବୈଠକରେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭକରି ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ସେଠାରେ କୌଣସି ମିଡିଆ ନ ଥିବା ସେ ସ୍ୱୀକାର କରିଥିଲେ। ଟେଣ୍ଟ ବାନ୍ଧିବା ବିଷୟରେ ପଚାରିବାରୁ ସେହି ଟେଣ୍ଟ ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଓ ଟି-ସାର୍ଟ ଗୋଟିଏ ରଙ୍ଗର ହେବ। କିନ୍ତୁ କାଉନସିଲରମାନଙ୍କ ପାଇଁ ବକ୍ରମ ଥିବା ଟି-ସାର୍ଟ ବରାଦ ଥିଲା ଏବଂ ଏକା ରଙ୍ଗର ଟି-ସାର୍ଟ ନ ଥିବାରୁ ଅନ୍ୟ ରଙ୍ଗର କରାଯାଇଛି ବୋଲି ସେ କହିଛନ୍ତି।

ସେହିପରି ସେମିଳିଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ପରବ ବୁଧବାର ଶେଷ ହୋଇଛି। ଏଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିଡିଓ ଯସ୍ମୀନ ପ୍ରଧାନଙ୍କ ସହ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରବକୁ ପ୍ରତିଭା ଦେଖାଇବା ପାଇଁ ଆସିଥିବା ମୁହୁରୀ ବାଦକ ଅର୍ଜୁନ କୁଲଦୀପଙ୍କୁ ବସିବା ପାଇଁ ଚୌକି ନ ଥିଲା ଯାହା ତାଙ୍କୁ ଅସମ୍ମାନ କରିଛି ବୋଲି ଅଭିଯୋଗ ହୋଇଛି। ସମସ୍ତ ଅଧିକାରୀ ଓ କର୍ମଚାରୀ ଚୌକିଗୁଡ଼ିକୁ ମାଡି ବସିଥିବା ବେଳେ ଖବରଦାତାଙ୍କୁ ଅଣଦେଖା କରାଯାଇଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ସେମିଳିଗୁଡା ବିଡିଓ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଅପର ପକ୍ଷରେ ବ୍ଲକ ଅଧ୍ୟକ୍ଷା ବିରିଆଙ୍କୁ ପଚାରିବାରୁ ସବୁ ଠିକ୍ଠାକ ହୋଇଥିବା କହିବା ସହ ଖବରଦାତା ହେଉଛନ୍ତି ମୁଖ୍ୟ ତାଙ୍କ ବିନା କୌଣସି କାର୍ଯ୍ୟ ସଫଳ ହୁଏନି। ଯାହାବି ଭୁଲ ରହିଛି ତାହା ପୁନରାବୃତ୍ତି ନ ହେବା ନେଇ ଯଥେଷ୍ଟ ଧ୍ୟାନ ଦିଆଯିବ ଏବଂ ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି।



ଶୋଭାଯାତ୍ରାରେ ପରବ ମଶାଲ ଦଶହରା ପଡ଼ିଆକୁ ନିଆଯାଉଛି।

# ପରବରେ ଆଦିବାସୀ ନାଚ ଅପେକ୍ଷା ଅନ୍ୟକୁ ପ୍ରାଧାନ୍ୟ ଅଭିଯୋଗ

କୋରାପୁଟ,୨୧।୧୧(ଅମିତାଭ ବେହେରା)

କୋରାପୁଟ ଜିଲାର ଜିଲାସ୍ତରୀୟ ପରବ ଡିସେମ୍ବର ୧୪ ରୁ ୧୮ରେ ନୂତନ ପଡିଆରେ ଅନୁଷ୍ଠିତ ହେବ। ଏନେଇ ଜିଲାର ବିଭିନ୍ନ ପଞ୍ଚାୟତରୁ ଆରମ୍ଭ କରି ପୌର ପରିଷଦରେ ସ୍ଥାନୀୟ କଳାକାରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ଜିଲାର କଳା ସଂସ୍କୃତିକୁ ଆଗକୁ ନେବା ହେଉଛି ପରବର ମୁଖ୍ୟ ଉଦ୍ଦେଶ୍ୟ। ଢ଼ଙ୍ଗର ନାମରେ ନାମିତ ଥିବା ଏହି କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ ପରବରେ ନାମିତ ହୋଇଛି। କୋରାପୁଟରୁ ହଜି ଯାଉଥିବା ଆଦିବାସୀ କଳା ସଂସ୍କୃତି ପରମ୍ପରାକୁ ଆଗେଇ ନେବା ପାଇଁ ଉଦ୍ଦେଶ୍ୟ ଥିବା ବେଳେ ବିଭିନ୍ନ ମଞ୍ଚରେ କୋରାପୁଟ ନୃତ୍ୟ ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। କଳାକାର ଅନ୍ୟ ଜିଲାର ନାଚ ଗୀତକୁ ଆପଣେଇ ନେଉଥିବା ଏବଂ କୋରାପୁଟ କଳା ସଂସ୍କୃତି ପରମ୍ପରା ନୃତ୍ୟ ଗୀତର ଉପେକ୍ଷା ହୋଇଥିବା ନଜର ରହିଛି। ପରବରେ ଅନ୍ୟ ଜିଲାର ନାଚଗୀତ ଅପେକ୍ଷା ସ୍ଥାନୀୟ ନୃତ୍ୟଗୀତକୁ ପ୍ରାଧାନ୍ୟ ଦେବା ପାଇଁ ବୁଦ୍ଧିଜୀବି ଦାବି କରିଛନ୍ତି। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ପ୍ରୀତି ସୁଧା ଜେନାଙ୍କୁ ପଚାରିବାରୁ ପରବ ନେଇ ଆୟୋଜିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜିଲାର ପାରମ୍ପରିକ ପୋଷାକ ଓ ଢ଼େମସା ନୃତ୍ୟକୁ ପ୍ରାଧାନ୍ୟ ଦେବା ପାଇ ଅଂଶଗ୍ରହଣ କରୁଥିବା ବିଭିନ୍ନ ଟିମ୍କୁ କୁହାଯାଇ ଥିବା ବେଳେ କେତେକ ଦଳ ମାନୁ ନ ଥିବାରୁ ସେମାନଙ୍କୁ ତାଗିଦ କରାଯାଉଥିବା ସେ ପ୍ରକାଶ କରିଛନ୍ତି।




ପରବ କାର୍ଯ୍ୟକ୍ରମରେ ପ୍ରତିଭାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ନିଳାଗୁଡା, କଳାଗୁଡାରେ ଅବକାରୀ ଚଢ଼ାଉ

ଜୟପୁର,୨୧।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା, ନିଳାଗୁଡା ପାହାଡରେ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା,ସଦର ପୋଲିସ ଓ ଅବକାରୀ ସାଟେଲାଇଟ ୟୁନିଟ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ୭୦ ଲିଟର ମଦ ଓ ୧୪ ଶହ ୫୦ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି। ମଦ ରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୭ ବୁଲେଟ ଜବତ, ଜରିମାନା ଆଦାୟ

ଜୟପୁର,୨୧।୧୧(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବୁଲେଟ ସାଇଲେନ୍ସରକୁ ବଦଳାଇ ବିକଟାଳ ଶବ୍ଦ ସୃଷ୍ଟି କରି ଲୋକଙ୍କୁ ହଇରାଣ କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସହରର ଖ୍ରୀଷ୍ଟିଆନ ପେଟା, ମୁଖ୍ୟରାସ୍ତା ଓ ଗାନ୍ଧୀଛକରେ ଚଢାଉ କରି ୭ ବୁଲେଟ୍ ଜବତ କରି ଜରିମାନା ଆଦାୟ କରିଛି। ବୁଲେଟ ମାଲିକମାନେ ୨ ହଜାର ଟଙ୍କା ଜରିମାନା ଦେବା ସହ କମ୍ପାନୀ ଦେଇଥିବା ସାଇଲେନ୍ସର ଲଗାଇ ପୁଣି ବୁଲେଟ ନେଇଛନ୍ତି। ବିକଟାଳ ଶବ୍ଦ କରୁଥିବା ୭ ସାଇଲେନ୍ସର ଜବତ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

### ବିଶ୍ୱ ଦର୍ଶନ ଦିବସ ପାଳିତ

ଜୟପୁର,୨୧।୧୧(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଦର୍ଶନ ବିଭାଗ ପକ୍ଷରୁ ଦର୍ଶନ ଦିବସ ପାଳିତ ହୋଇଯାଇଛି। ଏଥିରେ ଏକ ଆଲୋଚନା ଚକ୍ର ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଗଣେଷ ପ୍ରସାଦ ଦାସ ଯୋଗ ଦେଇ ଦାର୍ଶନିକ ସାରମର୍ମ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଦେବାଶିଷ ବିଶ୍ୱାଳ, ଲକ୍ଷ୍ମଣ ପାତ୍ର ଓ ଅଧ୍ୟାପିକା ସକୁନ୍ତଳା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଆଦିବାସୀ ଜ୍ଞାନ ସଂସ୍କୃତି, ପରମ୍ପରା ଆଲୋଚନାଚକ୍ର

କୋରାପୁଟ,୨୧।୧୧(ଅମିତାଭ ବେହେରା)

କୋରାପୁଟ କୋଟସ୍ ସେମିନାର ହଲରେ ଜନଜାତି ଗୌରବ ଦିବସ ଉପଲକ୍ଷେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆଦିବାସୀ ଜ୍ଞାନ ସଂସ୍କୃତି ଓ ପରମ୍ପରା ନେଇ ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ନିର୍ଦ୍ଦେଶକ ଡ. ଲତିକା ମିଶ୍ର, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋଟସ ନିର୍ଦ୍ଦେଶକ ଡ. ପ୍ରଫୁଲ ଚନ୍ଦ୍ର ମହାପାତ୍ର ଓ ପ୍ରଫେସର ଡ. ଜଗବନ୍ଧୁ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ପ୍ରିନ୍ସିପାଲ ବୈଜ୍ଞାନିକ ଡ. ଭାରତୀ ସାହୁ, ପାରମ୍ପରିକ ସ୍ୱାସ୍ଥ୍ୟ ଗବେଷକ ହରି ପାଙ୍ଗି, ଆଦିବାସୀଙ୍କ ପରମ୍ପରା ଉପରେ କାର୍ଯ୍ୟ କରୁଥିବା ଗବେଷକ ସାଇମନ ବିଡ଼ିକା ଆଦିବାସୀ ପରମ୍ପରା, ସଂସ୍କୃତି, ଖାଦ୍ୟ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଇଗ୍ନୋ ଶିକ୍ଷାର୍ଥୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟକ୍ଷ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସହ ନିର୍ଦ୍ଦେଶକ ଡ. ବଂଶୀଧର ବାରିକ ଓ ମାଧବ କୁମାର ବିଷୋୟୀ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ଭୀମ ଭୋଇ ସାମର୍ଥ୍ୟ ଶିବିର, ୪୭୯ ପଞ୍ଜୀକୃତ

କୋରାପୁଟ,୨୧।୧୧
(ଅମିତାଭ ବେହେରା)

କୋରାପୁଟ ବ୍ଲକ୍ ଓ ପୌରପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ ଏବଂ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ. ଦେବାଶିଷ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍‌ର ଡାକ୍ତରୀ ବିଶେଷଜ୍ଞ ଟିମ୍ ଯୋଗ ଦେଇ ଅସ୍ଥିଶଲ୍ୟରେ-୧୫୮, ମୁକ ବଧିର -୯୨, ଦୃଷ୍ଟି ବାଧିତ -୮୯, ମାନସିକ ଅନଗ୍ରସର ୯୮, ରକ୍ତ ହୀନତା-୪୪ ଜଣଙ୍କୁ ମିଶାଇ ନୂତନ ଓ ପୁରୁଣା ମୋଟ ୪୭୯ ଜଣଙ୍କୁ ପଞ୍ଜିକୃତ କରିଥିଲେ। ଶିବିରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁର, କନିଷ୍ଠ ସହାୟିକା ପିଙ୍କି ଅଡାରି, ସହକାରୀ ପ୍ରୋଗ୍ରାମ ଅଧିକାରୀ ସୁଶାନ୍ତ ବିର ଦଳେଇ ଓ ନୀତିନ କୁମାର ଭୁକ୍ତାଙ୍କ ସହ ୧୪ ପଞ୍ଚାୟତ ଅଧିକାରୀ ଓ ବ୍ଲକ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଜୟପୁର ସେବା କାଗଜକଳ ଶ୍ରମିକଙ୍କ ବିକ୍ଷୋଭ

ଜୟପୁର,୨୧।୧୧(ପବନ ପାଣିଗ୍ରାହୀ)

ଜୟପୁର ସେବା କାଗଜକଳର ଶ୍ରମିକମାନେ ଏଆଇଟିୟୁସି ସହବନ୍ଧିତ ସଂଘ ନେତୃତ୍ୱରେ ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୨୦ ଫେବୃଆରୀରେ କାରଖାନା ନୂଆ କମ୍ପାନୀ ମଦର ଆର୍ଥକୁ ହସ୍ତାନ୍ତର ହେବା ପରେ ଶ୍ରମିକମାନଙ୍କ ପିଏଫ୍ ଦେୟ କମ୍ କରିଦେବାରୁ ଶ୍ରମିକମାନେ କ୍ଷତି ସହୁଛନ୍ତି ବୋଲି ଶ୍ରମିକ ସଂଘ ଦାବି କରିଛି। ପିଏଫ୍ କମିଶନର ଡକାଇବା ପରେ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ପ୍ରମୋଦ କୁମାର ତିୱାରୀ, କେ.ସତ୍ୟନାରାୟଣା ଓ ବସନ୍ତ ବେହେରା ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ସଂଖ୍ୟା, ହାଜିରା,ଦରମାର ଯାଞ୍ଚ କରିବା ପରେ ଉଭୟ ମ୍ୟାନେଜମେଣ୍ଟ ଓ ସଂଘର ଉପସ୍ଥିତିରେ ଆଲୋଚନା କରାଯିବ ବୋଲି କମିଶନର ଆଶ୍ୱାସନା ଦେବା ପରେ ଅପରାହ୍ନ ୨ଟା ୩୦ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିରେ ଗଞ୍ଜାମ ଏଆଇଟିୟୁସି ନେତା ପ୍ରବୀଣ ଦାସ, କାମଦେବ ନାହାକ, ଅଲେଖ ପାତ୍ର, ସୁଦର୍ଶନ ବିଷୋୟୀ, ପ୍ରହଲ୍ଲାଦ ମଲ୍ଲିକ, ଧ୍ରୁବ ମଲ୍ଲିକ,ସୁବାସ ବେହେରା ଓ ଭାସ୍କର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ କନଷ୍ଟେବଲ ମୃତ

ବୋରିଗୁମ୍ମା,୨୧।୧୧(ବିଜୟ ସାହୁ)

ବୋରିଗୁମ୍ମା ଥାନାର ଜଣେ କନଷ୍ଟେବଲ ଗୁରୁବାର ସକାଳୁ ପ୍ରାତଃଭ୍ରମଣରେ ଯିବା ବେଳେ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ କୋଟପାଡ଼ ବ୍ଲକ୍ ଅନ୍ତର୍ଗତ ଗୀର୍ଲା ଗ୍ରାମର ପୀତାମ୍ବର ପୂଜାରୀ (୫୯)। ସେ ଦୁଲ୍ଲାଗୁଡା ରାସ୍ତାରେ ପ୍ରାତଃଭ୍ରମଣରେ ଯାଇ ଫେରିବା ସମୟରେ ରାଣୀଗଡ଼ରୁ ବୋରିଗୁମ୍ମା ଆସୁଥିବା ଏକ ଅଜଣା ଗାଡ଼ି ପୀତାମ୍ବରଙ୍କୁ ପଛ ପଟୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ସେ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଥାନାକୁ ଫୋନ କରିବାରୁ ପୋଲିସ ପହଞ୍ଚି ତାଙ୍କୁ ବୋରିଗୁମ୍ମା ମେଡ଼ିକାଲକୁ ନେଇଥିଲା। ଡାକ୍ତରଖାନା ଯିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଥାନାରେ ଲିଖିତ ଅଭିଯୋଗ ହେବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପିତାମ୍ବରଙ୍କ ମୃତଦେହ ଥାନା ପରିସରକୁ ଅଣାଯାଇଥିଲା। ଏସ୍‌ଡିପିଓ ତପସ୍ୱିନୀ କହଁର, ଏସ୍ଆଇ ରଚିତା ମାଡକାମୀ, ମାନସ ହେମ୍ବ୍ରମ, ମେଘରାଜ ସୋରନ, ଦ୍ରୋଣାଚାର୍ଯ୍ୟ ବାଗ, ଏଏସ୍ଆଇ ସସ୍ମିତା ନାୟକ, ଗୋପାଳ ହରିଜନ, ବସନ୍ତ କୁମାର ନାଗ,ଚନ୍ଦନ ପ୍ରସାଦ ମାଝୀ ଓ ଅନ୍ୟ ପୋଲିସ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏନେଇ ବୋରିଗୁମ୍ମା ଥାନାରେ ନଂ.୨୪୯/୨୪ରେ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଦ୍ରୋଣାଚାର୍ଯ୍ୟ ବାଗ କହିଛନ୍ତି।

## ୫୩ ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

କୋରାପୁଟ/ଲମତାପୁଟ,୨୧।୧୧
(ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ)

କୋରାପୁଟ ପୋଲିସ ଲମତାପୁଟ ବ୍ଲକ ମାଛକୁଣ୍ଡ ଅଞ୍ଚଳରୁ ୩୮ ଏକର ଜମିରେ ଚାଷ ହୋଇଥିବା ୫୩ ହଜାର ୨୦୦ ଗଛକୁ ପୋଲିସ ଓ ଅବକାରୀ ବିଭାଗ ନଷ୍ଟ କରିଛି। ଏନେଇ ମାଛକୁଣ୍ଡ ଥାନାରେ ନଂ. ୩୭/୨୪ରେ ଏକ ମାମଲା ରୁଜୁ କରାଯାଇଛି। କୋରାପୁଟ ଜିଲାର ଅନକାଡ଼େଲି ଓ ମାଛକୁଣ୍ଡ ଏବଂ ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ଗୋଡିହଞ୍ଜାର ପଞ୍ଚାୟତର ଦହନାପୁଟ ଏବଂ ଏନୁଗୁ ଗ୍ରାମ ନିକଟରେ ସ୍ଥାନୀୟ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ପ୍ରାୟ ୨୦ ଏକର ଜମିରୁ ପ୍ରାୟ ୨୪ ହଜାରରୁ ଉର୍ଦ୍ଧ୍ୱ ଗଛ ନଷ୍ଟ କରାଯାଇଛି। ମାଛକୁଣ୍ଡ ଥାନା ଅଧିକାରୀ ଶୁକ୍ରା ମାଡିଙ୍କ ନେତୃତ୍ୱରେ ପୋଲିସ ଟିମ୍, ଜିଲା ଅବକାରୀ ଅଧିକାରୀ ଓ କର୍ମଚାରୀ ଅପରେଶନ ଜାରି ରଖିଥିଲେ।

## ସଚେତନତା ଶୋଭାଯାତ୍ରା,ସଫେଇ କାର୍ଯ୍ୟକ୍ରମ

ଜୟପୁର,୨୧।୧୧(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି ଦିବସ ଉପଲକ୍ଷେ ମହିଳା କ୍ୟାଡେଟ୍‌ମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା, ପୋଖରୀ ସଫେଇ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୪ରେ ଏନ୍‌ସିସି ଦିବସ ପାଳନ ହେବାକୁ ଥିବା ବେଳେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଜୟପୁର ହନୁମାନ ମନ୍ଦିର ନିକଟ ଗୋବର୍ଦ୍ଧନ ମୁଣ୍ଡା ପୋଖରୀରୁ ଅଳିଆ, ଆବର୍ଜନାକୁ ସଫା କରାଯାଇଥିଲା। କ୍ୟାଡେଟମାନେ ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନକରି ପାର୍କ ଲାଇନ ଦେଇ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ମହିଳା ଏନ୍‌ସିସି ସିଟିଓ ସନ୍ତୋଷିନୀ ମୁଣ୍ଡା ଉପସ୍ଥିତ ଥିଲେ।





ଏନ୍‌ସିସି କ୍ୟାଡେଟ୍‌ମାନେ ସଚେତନା ଶୋଭାଯାତ୍ରା କରୁଛନ୍ତି।

# ସୁନାବେଡ଼ା ପଲ୍ଲିଶ୍ରୀ ମେଳା ସ୍ଥାନାନ୍ତର ନେଇ ତହସିଲଦାରଙ୍କୁ ଅଭିଯୋଗ

କୋରାପୁଟ/ସୁନାବେଡ଼ା,୨୧।୧୧
(ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ)

କୋରାପୁଟରୁ ବିଶାଖାପାଟଣା ଯାଇଥିବା ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ତଥା ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ହେବାକୁ ଥିବା ପଲ୍ଲିଶ୍ରୀ ମେଳା ସ୍ଥାନାନ୍ତର ନେଇ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ଗୁରୁବାର ସେମିଳିଗୁଡା ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିବା ସଂଘ ସମ୍ପାଦକ ଆର. ସୁରେଶ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ଏହି ମେଳାକୁ ଏଠାରୁ ସ୍ଥାନାନ୍ତର ନେଇ କୋରାପୁଟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସୂଚନାଯୋଗ୍ୟ, ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟ ନିକଟ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରତିବର୍ଷ ପରବ ପୂର୍ବରୁ ଅରୂପା ପକ୍ଷରୁ ପଲ୍ଲିଶ୍ରୀ ମେଳା କରାଯାଉଛି। ଏହି ମେଳାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏଣେତେଣେ ପକାଯାଉଥିବାରୁ ପରିବେଶ ଦୂଷିତ ହେଉଛି। ନିକଟରେ ଏକ ଚିକିତ୍ସାଳୟ ଥିବାରୁ ସେଠାକୁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମେଳାର ଡିଜେ ଶବ୍ଦରେ ରୋଗୀମାନେ ବିଶ୍ରାମ ନେବାରେ ବାଧା ଉପୁଜୁଛି। ସେହିଭଳି ଜାତୀୟ ରାଜପଥରେ ଗହଳି ହେଉଥିବାରୁ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏଭଳି ବିଭିନ୍ନ ସମସ୍ୟା ଲାଗି ରହୁଥିବା ବେଳେ ଚଳିତ ମାସ ୨୩ ତାରିଖରୁ ଡିସେମ୍ବର ୯ ପର୍ଯ୍ୟନ୍ତ ପୁଣି ପଲ୍ଲିଶ୍ରୀ ମେଳା କରିବା ପାଇଁ ଟେଣ୍ଟ ବନ୍ଧାଚାଲିଛି। ମେଳାକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ବନ୍ଦ କରାଯାଉ ବୋଲି ମା' ଦୁର୍ଗା ବଣିକ ସଂଘ ସମ୍ପାଦକ ପଟ୍ଟନାୟକ ସେମିଳିଗୁଡା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଅତିରିକ୍ତ ଜିଲାପାଳ ଲମ୍ବୋଦର ରାଉତଙ୍କୁ ଗୁରୁବାର ସାକ୍ଷାତ୍‌କରି ଅଭିଯୋଗ କରିଥିବା ପଟ୍ଟନାୟକ କହିଛନ୍ତି।



IN THE HON'BLE COURT OF THE EXECUTIVE MAGISTRATE, SEMILIGUDA.

M.C. Case No. /2024

Between:

R. Suresh Chandra Pattanaik
S/o- R. Venkataraman Murty
At- MIG-29, HB Colony, Sunabeda-1,
Po/Ps- Sunabeda,
Dist- Koraput (Odisha)
Being represented by
Secretary MAA DURGA BANIKA SANGHA,
Gapabandhu Market, Sunabeda,
Dist- Koraput (Odisha), Pin-763003 ... Petitioner

Versus


1.Ashok Sahu (being represented)
Contact No. 7008186691, 9853046241
MSME TRADE FAIR-2024
(NATIONAL LEVEL HANDICRAFTS, HANDLOOM
& EXEBITION-CUM-SALE)
Being organised by ARUPA BHUBANESWAR-12
(Orissa rural & urban producers association)
Supported by:
Ministry of MSME, Govt of India
2.Executive Officer
Sunabeda Municipality Sunabeda
Dist- Koraput ... Opp. Parties

Humble petition filed U/s. 152(a) & (b) of BNSS Act 2023 filed by the above named petitioner most respectfully showeth:

01. That, the petitioner and his association is registered body namely MAA DURGA BANIKA SANGHA, Gopabandhu Market, Sunabeda, Dist- Koraput (Odisha), Pin-763003 vide registration No- KPT 2558-70 OF 1996/97.

02. That, the association is affiliated and registered for the purpose of the trade business and that, the aim and objectives of the said association to protect the local people under

# 'ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢ଼'



ନବରଙ୍ଗପୁର ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି।

ନବରଙ୍ଗପୁର,୨୧।୧୧(ସଦାଶିବ ପ୍ରହରାଜ)

■କସୁପର ୧୦୦ କାର୍ଯ୍ୟକ୍ରମ
■ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ବଢ଼ାଇବା ଲକ୍ଷ୍ୟ

ନବରଙ୍ଗପୁର ବ୍ଲକ୍ ତରାଗାଁ ନୋଡାଲ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ଓ ସୁପର ୧୦୦ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଦଶମ ଶ୍ରେଣୀରେ ପଢୁଥିବା ଶ୍ରେଷ୍ଠ ୧୦୦ ଜଣ ଛାତ୍ରୀଛତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଏ-୧ ଗ୍ରେଡ୍ ବୃଦ୍ଧି ନିମନ୍ତେ ଏହି ସୁପର ୧୦୦ କାର୍ଯ୍ୟକ୍ରମ କରାଯାଉଛି। ଡିଇଓ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ପରୀକ୍ଷାରେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଖରାପ ସମୟକୁ ଦୃଢ଼ତାର ସହ ମୁକାବିଲା କର, ଦାୟିତ୍ୱ ସମ୍ପନ୍ନ ହୁଅ, ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢ଼। ମା' ବାପାଙ୍କୁ ତୁମ ପାଇଁ ଗର୍ବ କରିବା ନିମନ୍ତେ ସୁଯୋଗ ପ୍ରସ୍ତୁତ କର ବୋଲି ସେ କହିଥିଲେ। ଜିଲାପାଳ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଦେଢ଼ଘଣ୍ଟା ପଢ଼ାଇଥିଲେ। ବଡ଼ ବଡ଼ ପ୍ରତିଯୋଗିତାକୁ ସଫଳତାର ସହ ମୁକାବିଲା କରିବା । ଦ୍ୱନ୍ଦ୍ୱ ଓ ଦୁର୍ବଳତାକୁ କିଭଳି ଦୂରକରି ଦକ୍ଷତାର ସହ ଆଗକୁ ବଢ଼ିପାରିବା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଦାହରଣ ଦେଇ ପଢ଼ାଇଥିଲେ। କାର୍ଯ୍ୟକ୍ରମ ୯୦ ଦିନ ଧରି ଚାଲିବ। ଏ ନେଇ ୪୦ ଜଣ ଆର୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ସକାଳ ୯ରୁ ରାତି ୯ ଟା ପର୍ଯ୍ୟନ୍ତ ଭର୍ଚୁଆଲ ମାଧ୍ୟମରେ ପିଲାଙ୍କ ପାଠପଢ଼ାର ଦ୍ୱନ୍ଦ୍ୱ ଦୂର କରାଯିବ ବୋଲି ଡିଇଓ କହିଥିଲେ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୪ ଦିନ ପାଇଁ ଏଠାରେ ଛାତ୍ରୀଛାତ୍ରମାନଙ୍କୁ ଆବାସିକ ସୁବିଧା ଦେଇ ଶିକ୍ଷାଦାନ କରାଯିବ। ପରେ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯିବ । ଜାନୁଆରୀ ମାସରେ ଦ୍ୱିତୀୟ ପର୍ଯ୍ୟାୟ ଶିକ୍ଷାଦାନ କରାଯିବ। ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ଦେବା ଲକ୍ଷ୍ୟରେ ସ୍ୱାର୍କ ସିରିଜ ନାମରେ ୧ ଲକ୍ଷ ପ୍ରଶ୍ନ ପ୍ରସ୍ତୁତ କରାଯାଇଛି। ଗତବର୍ଷ ମାଟ୍ରିକ ପରୀକ୍ଷାରେ ୭ ଜଣ ଛାତ୍ରୀଛାତ୍ର ଏ-୧ ପାଇଥିଲେ। ଏଥର ୧୦୦ ଜଣ ପିଲା କିଭଳି ଏ-୧ ଗ୍ରେଡ୍ ପାଇବେ ସେ ନେଇ ଏହି ବ୍ୟବସ୍ଥା କରାଯାଇଛି ବୋଲି ଡିଇଓ କହିଥିଲେ। କାର୍ଯ୍ୟକ୍ରମରେ ଏଡିଇଓ ଡ. ରେଶମଲାଲ ନାୟକ, ଆଇଆଇଟି ବନାରସରୁ କୃତକାର୍ଯ୍ୟ ହୋଇଥିବା ନବରଙ୍ଗପୁରର କୈଳାସ ଭକ୍ତ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ବାଳିକା ସଂଯୋଜିକା ମମତା ପରିଚ୍ଛା ମଞ୍ଚାସୀନ ଥିଲେ। ସମସ୍ତ ବିଇଓ, ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ଦୀପ ପଣ୍ଡା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପାପଡ଼ାହାଣ୍ଡି ଲ୍ୟାମ୍ପ୍ସରେ ଆର୍ଥିକ ଅନିୟମିତତା ଅଭିଯୋଗ

ନବରଙ୍ଗପୁର,୨୧।୧୧(ସଦାଶିବ ପ୍ରହରାଜ)

## ଋଣ ଟଙ୍କା ଆଦାୟ ହେଉ ନ ଥିବା ନେଇ ଜିଲାପାଳଙ୍କୁ ଜଣାଇଲେ ବୋର୍ଡ ସଦସ୍ୟ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଲ୍ୟାମ୍ପ୍ସରେ ବିଭିନ୍ନ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଲ୍ୟାମ୍ପ୍ସ ବୋର୍ଡ ସଦସ୍ୟ ବିଭୂତି ପ୍ରସାଦ ପଣ୍ଡା ପଞ୍ଜୀକରଣ ସମବାୟ ସମିତି ବିଭାଗ, ଜିଲାପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ କରିଛନ୍ତି। ବୋର୍ଡର ନିର୍ଦ୍ଦେଶକୁ ଲ୍ୟାମ୍ପ୍ସ ଏମ୍‌ଡି ଠିକ୍ ଭାବେ ପାଳନ କରୁନାହାନ୍ତି। ତଥ୍ୟ ପ୍ରକାରରେ ଅବହେଳା ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ସନ୍ଦେହକରି ସେ ଏହି ଅଭିଯୋଗ କରିଛନ୍ତି। ବୋର୍ଡର ନିଷ୍ପତ୍ତି ଖିଲାପ ହେଉଥିବାରୁ କୌଣସି ଆର୍ଥିକ କାରବାରରେ ଅନିୟମିତତା ହେଲେ ଏମ୍‌ଡିଙ୍କ ସମେତ ବୋର୍ଡର ସଦସ୍ୟମାନେ ସମାନଭାବେ ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ରହିଥିବାରୁ ଏହାର ତଦନ୍ତ ୧୫ ଦିନ ମଧ୍ୟରେ କରାଯାଉ ବୋଲି ଜଣାଇଛନ୍ତି। ନଚେତ୍ ସେ ବୋର୍ଡର ସଭ୍ୟ ପଦରୁ ଇସ୍ତଫା ଦେବେ ବୋଲି ଅଭିଯୋଗରେ ଜଣାଇଛନ୍ତି।

ପାପଡ଼ାହାଣ୍ଡି ଲ୍ୟାମ୍ପ୍ସ ପକ୍ଷରୁ ଚାଷୀଙ୍କୁ ଯୋଗାଉଥିବା ସାର, ବିହନ ଓ ଘରଭଡ଼ା, କ୍ୟାଶବୁକ୍ ଠିକ୍ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଘରଭଡା ବାବଦକୁ ଆସୁଥିବା ଟଙ୍କାର ହିସାବ ମଧ୍ୟ ଠିକ୍ ନାହିଁ। ଲ୍ୟାମ୍ପ୍ସ ପକ୍ଷରୁ ବଳଭଦ୍ର ଯୋଜନାରେ ଟଙ୍କା ପ୍ରଦାନ କରାଯାଇ ଥିବା ଋଣ ଟଙ୍କା ଆଦାୟ ହୋଇପାରିନାହିଁ। କର୍ମଚାରୀ ଥିବା ସତ୍ତ୍ୱେ ଋଣ ଟଙ୍କା ଆଦାୟ ହୋଇପାରି ନ ଥିବାରୁ ଆଗାମୀ ଦିନରେ ଲ୍ୟାମ୍ପ୍ସ ରୁଗ୍ଣ ହୋଇଯିବା ଆଶଙ୍କା ରହିଛି। ସେହିଭଳି ଲ୍ୟାମ୍ପ୍ସ ବୋର୍ଡ ସଦସ୍ୟମାନଙ୍କୁ ଏମ୍‌ଡି ବୈଠକରେ ଖର୍ଚ୍ଚ ବିବରଣୀ ଓ ଆଦାୟ ସମେତ ଲାଭକ୍ଷତି ଉପରେ ତଥ୍ୟ ଉପସ୍ଥାପନ ପାଇଁ କହିଲେ ତାହା ଉପସ୍ଥାପନ କରୁ ନ ଥିବା ଅଭିଯୋଗ ହେଉଛି। ରିଜୋଲ୍ୟୁଶନ ଅନୁଯାୟୀ କାର୍ଯ୍ୟ କରାଯାଉନାହିଁ। ଲ୍ୟାମ୍ପ୍ସ ବୋର୍ଡ ସଭ୍ୟମାନେ ଲୋନିଙ୍କଠାରୁ ଋଣ ଟଙ୍କା ଆଦାୟ ପାଇଁ କହୁଥିଲେ ମଧ୍ୟ କରାଯାଉନାହିଁ। ବୈଠକରେ ସ୍ଥିର କରାଯାଇଥିବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁନାହାନ୍ତି। ଲ୍ୟାମ୍ପ୍ସରେ କେତେ ସାର, କେତେଜଣ ଚାଷୀ ନେଇଛନ୍ତି ତାହାର କୌଣସି ହିସାବ ବୋର୍ଡ ବୈଠକରେ ଉପସ୍ଥାପନ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ପାପଡ଼ାହାଣ୍ଡି ଲ୍ୟାମ୍ପ୍ସ ଏମ୍‌ଡି ଇଜ୍ରାଏଲ ସନଫୁଲଙ୍କୁ ପଚାରିବାରୁ ଆମର ସମସ୍ତ କାଗଜପତ୍ର ଠିକ୍ ରହିଛି। କୌଣସି ଅନିୟମିତତା ହୋଇନାହିଁ। ୫୦ ଜଣଙ୍କୁ ବଳଭଦ୍ର ଯୋଜନାରେ ପୂର୍ବ ବର୍ଷ ଋଣ ଦିଆଯାଇଛି। ଆଦାୟ ହୋଇନାହିଁ। ଚଳିତ ବର୍ଷ ୭ ଜଣଙ୍କୁ ଏହି ଯୋଜନାରେ ଋଣ ଦିଆଯାଇଛି। ଆସନ୍ତା ୨୯ ତାରିଖରେ ବୋର୍ଡର ବୈଠକ ଡକାଯାଇଛି ବୋଲି ସେ କହିଛନ୍ତି।

# ୨୮ ରେ ଡାବୁଗାଁ ବ୍ଲକସ୍ତରୀୟ ମଣ୍ଡେଇ

ଡାବୁଗାଁ, ୨୧।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୮ ତାରିଖରେ ବ୍ଲକସ୍ତରୀୟ ମଣ୍ଡେଇ ପାଳନ ନେଇ ନିଷ୍ପତ୍ତି ହୋଇଛି। ଦୁଲ୍ଲାରଦେଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଣ୍ଡେଇ ମଞ୍ଚ ପର୍ଯ୍ୟନ୍ତ ଆସିବ। ଭୈରବ ମନ୍ଦିର ସମ୍ମୁଖ ପଡ଼ିଆରେ କାର୍ଯ୍ୟକ୍ରମ, ବ୍ଲକର ବିଭିନ୍ନ ଗ୍ରାମର ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଛି ଗୁଡ଼ିକୁ ନିମନ୍ତ୍ରଣ, ପଞ୍ଚାୟତରେ ଥିବା ଆଦିବାସୀ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଭାଜପାର ଜି. ରାଜଶେଖର ରାଓ, ଏବିଇଓ ସନ୍ତୋଷ ସାହୁ, ସହକାରୀ ଯନ୍ତ୍ରୀ ଆନନ୍ଦ ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ ଓ ଦିଲ୍ଲୀପ ଦୀପକ ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ ଦଣ୍ଡସେନା, ଓଏଲ୍ଏମ୍ ବିପିଏମ୍ ଦିଲ୍ଲୀପ କିଶୋର ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଓ ପର୍ଶୁରାମ ମାଳୀ ଓ ସମସ୍ତ ସରପଞ୍ଚମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ।


ୟୁକୋ ବ୍ୟାଙ୍କ UCO BANK
ପୋଲିସ୍ ଲାଇନ ଛକ, ଓ.ଟି. ରୋଡ୍,
ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

ବିତ୍ତୀୟ ସାକ୍ଷରତା ପରାମର୍ଶଦାତାଙ୍କ ଚୁକ୍ତି ଭିତ୍ତିରେ ନିଯୁକ୍ତି

ୟୁକୋ ବ୍ୟାଙ୍କ, ଭାରତ ସରକାରଙ୍କ ଏକ ଉଦ୍ୟୋଗ, ଅବସରପ୍ରାପ୍ତ/ସ୍ୱେଚ୍ଛାକୃତ ଅବସରପ୍ରାପ୍ତ/ ପ୍ରବନ୍ଧକ ପଦବୀ (ସ୍କେଲ୍-୨)ରୁ କମ୍ ହୋଇନଥିବା ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଓଡ଼ିଶାରେ ଆମର ଲିଡ୍ ଡିଷ୍ଟ୍ରିକ୍ଟ ଯଥା ଭଦ୍ରକ ଏବଂ ଜଗତ୍‌ସିଂହପୁରର ବିଭିନ୍ନ କେନ୍ଦ୍ର ନିମନ୍ତେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ପଦବୀ ପାଇଁ ଚୁକ୍ତି ଭିତ୍ତିରେ ଆବେଦନ ପତ୍ର ଆହ୍ୱାନ କରୁଅଛି।
ବିସ୍ତୃତ ବିବରଣୀ ନିମନ୍ତେ ଆମ୍ଭ ବ୍ୟାଙ୍କର ୱେବସାଇଟ୍: www.ucobank.com ଦେଖନ୍ତୁ।
ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର ଠାରେ ଦରଖାସ୍ତ ଗ୍ରହଣ କରିବାର ଅନ୍ତିମ ତାରିଖ ତା.୦୭.୧୨.୨୦୨୪ ।

ଆଞ୍ଚଳିକ ମୁଖ୍ୟ ଏବଂ ସହାୟକ ମହାପ୍ରବନ୍ଧକ
ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
ତାରିଖ: ୨୨.୧୧.୨୦୨୪ zo.balasore@ucobank.co.in

GOVERNMENT OF ODISHA
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI**
**INVITATION FOR BIDS (IFB)**
Bid Identification No. PAITDA PLB_01 of 2024-25
Letter No. 2262 Date: 18th Nov. 2024
No. CAD-1639: The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 06 Nos. of building works 2 Nos. bridge & approach road. The bidders have to participate in "Online" bidding only. The website for online bidding is **www.tendersodisha.gov.in**. The details of bid document will be available in above website from 11.30 A.M. of 22.11.2024 to 09.12.2024 by 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opned at 11.30 A.M. on 10.12.2024 in the Office of the Project Administrator, ITDA, Phulbani. Further details can be seen from the website **www.tendersodisha.gov.in**.
Sd./- Project Administrator, ITDA, Phulbani
OIPR-19069/11/0005/2425

कार्यालय कार्यपालन अभियंता
मिनीमाता बांगो बांध संभाग क्र. 03 माचाडोली (छ.ग.)
निविदा निरस्तीकरण आदेश
आदेश क्र. /व.ले.लि./2024-25 माचाडोली, दिनांक ............
कार्यालय प्रमुख अभियंता जल संसाधन विभाग, शिवनाथ भवन, सेक्टर-19, नार्थ ब्लॉक, नवा रायपुर, अटल नगर, रायपुर का पत्र क्र. 4263152/निविदा प्रकोष्ठ/2024/13164 (T.C.) दिनांक 13.11.2024 के अनुपालन में इस कार्यालय की निविदा सूचना क्र. 09/व.ले.लि./2024-25 दिनांक 28.08.2024 सिस्टम नं. 157884 (द्वितीय आमंत्रण) हसदेव बांगो परियोजना अंतर्गत हसदेव बांगे बांध के बकेट नं. 4 के ई.डी.ए. का ट्रीटमेंट कार्य की अनुमोदित राशि रू. 391.70 लाख के कार्य के लिये आमंत्रित की गई निविदा में प्रतिभागी निविदाकार की संख्या निरंक होने के कारण निविदा निरस्त की जाती है।
जी. क्रमांक - 242502054/3
स्वा./- कार्यपालन अभियंता
मिनीमाता बांगो बांध संभाग क्र. 03
G-242503940/2 माचाडोली (छ.ग.)

छत्तीशगढ़ शासन जल संसाधन विभाग
कार्यालय कार्यपालन अभियंता
जल संसाधन संभाग, कोटा, जिला-बिलासपुर (छ.ग.)
निविदा निरस्तीकरण आदेश
आदेश क्र./5810/व.ले.लि./2024-25 कोटा. दिनांक 20.11.2024
निविदा सूचना क्र. 04/व.ले.लि./2024-25 दिनांक 29.08.2024 सिस्टम नं. 158106 (प्रथम आमंत्रण) जी नं. 242502127 दिनांक 31.08.2024 को अपरिहार्य कारणों से निरस्त किया जाता है।
स्वा./- कार्यपालन अभियंता
जल संसाधन संभाग कोटा
G-242503934/4 जिला-बिलासपुर (छ.ग.)

**OFFICE OF THE CHIEF DISTRICT OFFICER, SUBARNAPUR**
**REQUEST FOR PROPOSAL NOTICE FOR EVENT MANAGEMENT OF MATSYA O PRANI SAMPAD MELA - 2024**
Request for Proposals for Event Management of Matsya O Prani Sampad Mela - 2024 are invited by the Chief District Veterinary Officer, Subarnapur from Event Management Agency or Individual Agency who have tent house and catering facilities. For details kindly visit website **www.subarnapur.nic.in**.
Sd./- Chief District Veterinary Officer, Subarnapur

ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼, ଜିଲ୍ଲା: କଳାହାଣ୍ଡି
ବିଜ୍ଞାପନ
No. C-1060: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଇଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼କୁ ବାହ୍ୟ ମଳ ମୁକ୍ତ (ODF +) ସହର ଘୋଷଣା କରାଯିବ। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବା ଦେଖାଯାଏ ତାଙ୍କଠାରୁ ଟ୫୦ଙ୍କା ଜରିମାନା ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ ମଧ୍ୟକୁ କିମ୍ବା ଖୋଲା ଜାଗାକୁ ଛାଡ଼ନ୍ତି ତେବେ ତାଙ୍କଠାରୁ ଟ୫୦୦ଙ୍କା ଜରିମାନା ଆଦାୟ କରାଯିବ। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆହ୍ୱାନ କରାଯାଇଛି।
ସ୍ୱା./– ନିର୍ବାହୀ ଅଧିକାରୀ
OIPR-13163/11/0005/2425 ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼

No.CAD-1635
**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
File No. HO/Civil/T&E-E-5153/01/2024/32204 Dt.16.11.24
Bid Identification No. Civil/EST-07/2024-25
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1 Name of the Work: Construction of Hume Pipe Culvert and Compound Wall around Staff Quarter at GCPE Campus, Kulundi, Sambalpur.
2 Value of the Work: Rs.38.16 Lakhs (Approx.)
3 Period of Completion: 03 (Three) Calendar Months
4 Availability of tender online for Bidding:
I. Start Date: 18.00 hours of Dt.25.11.2024.
II. End Date: 17.00 hours of Dt.10.12.2024.
III. Opening Date: 11.30 hours of Dt.11.12.2024.
Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil-II)
OIPR-14003/11/0073/2425 IDCO, Bhubaneswar

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1) 3872/OSACS Dated: 16.11.2024
No. E-502: The Orissa State AIDS Control Society (OSACS) on behalf of the ART Centres, Facility Integrated (FI)-ART Centres invites applications from suitable candidates to fill-up the post of Counsellor on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Counsellor | ART Centre, Capital Hospital, Bhubaneswar (1 No.)/VSS MCH, Burla (1 No.)/RGH, Rourkela (1 No.)/DHH, Angul (2 Nos.), Balangir (1 No.), Balasore (1 No.), Nabarangpur (1 No.), Bhadrak (1 No.), SDH, Bhanjanagar (1 No.) | 10 | 21,000/- |

Eligible candidates for the post of Councellor (with minimum age of 18 years & maximum age limit of 45 years on the date of application). They may apply directly to the CDM & PHO, Angul, Balangir, Balasore, Bhadrak, Ganjam, Khordha, Nabarangpur, Sambalpur, Sundargarh as per the choice for place of posting. For other centers the candidates may apply to the Nodal Officer of ART Centres/FI-ART Centres as per the choice. Eligible candidates for the post of Counsellor may apply to the following address by submitting their Bio-Data in the prescribed format through Registered Post/Speed Post/Courier within 21 days of publication of the advertisement by superscription of the post for apply on the top of the envelope.
Application should not be sent to OSACS Head Quarter. Application received at OSACS Head Quarter will not be considered for short listing.
The prescribed format for submission of application, remuneration, qualification, duties & responsibilities, other terms and conditions are available in the websites of **www.osacs.nic.in** and **www.orissa.gov.in**. The authority reserves the right to accept/reject any or all application(s) without assigning any reason thereof.
Sd./- Project Director
2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
E-mail: orissasacs@gmail.com, osacscst@gmail.com
OIPR-10009/11/0015/2425

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1) 3877/OSACS Dated: 16.11.2024
No. E-503: The Orissa State AIDS Control Society (OSACS) on behalf of the ART Centres DHH Balasore, ART Center DHH Bhadrak, ART Center DHH Kendrapara and ART Center Capital Hospital, Bhubaneswar to fill-up the post of Medical Officer on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Medical Officer | Capital Hospital, Bhubaneswar (2 Nos.), ARTC Bhadrak (1 No.) & ARTC, Balasore (1 No.), Kendrapada (1 No.) | 05 | 72,000/- |

Further for the post of Medical Officer (Minimum age limit of 25 years & maximum age limit of 69 years as on 01.07.2024) may appear before the selection board on mentioned dates against each institutes by 11.00 A.M. with all relevant original documents and photocopies of same with self attested.
Application should not be sent to OSACS Head Quarter and ART Center Bhadrak, Balasore, Kendrapada & Capital Hospital.
The remuneration, qualification, ToR & responsibilities, other terms and conditions are available in the website of **www.osacs.nic.in** and **www.orissa.gov.in**.
Sd./- Project Director
2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
E-mail: orissasacs@gmail.com, osacscst@gmail.com
OIPR-10009/11/0016/2425

**OFFICE OF THE SUPERINTENDING ENGINEER BALASORE (ROADS & BUILDINGS ) DIVISION-II**
At/P.O.: Bhaskarganj, Balasore, Contact No.: 06782-263149
No. B-626 E Mail ID: eepwdbls2@gmail.com
**SHORT TENDER CALL NOTICE**
BID INVITATION NO. SE (R and B) BLS-II-21/2024-25
No. 7985 Dt.16.11.24

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | | |
| 2 | No. of Work | : | 1 No. |
| 3 | Nature of Work | : | Road Work |
| 4 | Class of Contractor | : | "B" Class of Contractor |
| 5 | Approx. value of Work | : | Rs.66.01 Lakhs |
| 6 | Tender Cost | : | Rs.10000.00 per work |
| 7 | Availability of Bid documents in the website | : | From 10.00 A.M. of 25.11.2024 to 4.00 P.M. of 10.12.2024. |
| 8 | Date of Opening of Bid | : | Dt.10.12.2024 at 4.30 P.M. |
| 9 | Other details can be seen in the Bidding documents from the website: https://tendersorissa.gov.in. | | |

Sd./- Superintending Engineer
OIPR-34155/11/0012/2425 Balasore (R&B) Division-II

See Career Appointment on every Wednesday & Saturday

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

ମାଲକାନଗିରି,୨୧।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ରାଞ୍ଚି-ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଏମ୍‌ଭି-୧୩ ଗ୍ରାମ ନିକଟରେ ଟ୍ରକ୍ ଧକ୍କାରେ ଗୁରୁବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ତେବେ ଟ୍ରକ୍ ଡ୍ରାଇଭର ଭାରସାମ୍ୟ ହରାଇ ଗୋଟିଏ ଘରକୁ ଧକ୍କା ଦେଇଥିବା ବେଳେ ଘରଟିର ବିଶେଷ କ୍ଷତି ହୋଇନଥିବା ଜଣାପଡିଛି। ଅନ୍ୟପଟେ ସାମ୍ନା ପଟୁ ଆସୁଥିବା ବାଇକ୍ ଚାଳକଙ୍କୁ ଧକ୍କା ଦେବା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୃତକଙ୍କ ପରିଚୟ ମିଳିନାହିଁ, ପୋଲିସ ତଦନ୍ତ ଚଳାଇଛି ।

### ସୋଲାର ପ୍ଲେଟ୍ ଚୋରି ଘଟଣା
### ଖବର ପ୍ରକାଶ ପରେ ଲାଗିଲା ପ୍ଲେଟ୍

ଗୋବିନ୍ଦପାଲୀ,୨୧।୧୧(କାର୍ତ୍ତିକ ରଥ)

ଖଇରପୁଟ ବ୍ଲକ୍ ମାଡ଼କାପଦର ପଞ୍ଚାୟତ ଅନ୍ତର୍ଗତ ବାହାଦୁର୍ଗୁଡ଼ା ଗୋବିନ୍ଦପାଲି ଅଙ୍ଗନୱାଡି କେନ୍ଦ୍ର ଜଳଯୋଗାଣ ପ୍ରକଳ୍ପ ୟୁନିଟ୍‌ରେ ଲାଗିଥିବା ସୋଲାର ପ୍ଲେଟ୍ ଚୋରି ହୋଇଯାଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ଉପରେ ଡେରି ହେଲେ ବି ପ୍ରଶାସନ ପଦକ୍ଷେପ ନେଇଛି। ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଭୀଷ୍ମ ମଲିକଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଯାଇ ସେଠାରେ ନୂଆ ସୋଲାର ପ୍ଲେଟ୍ ଲଗାଇଛନ୍ତି । ଫଳରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। କିନ୍ତୁ ଦୁଃଖର କଥା ସ୍କୁଲ ପିଲା ଏହି ପ୍ରକଳ୍ପର ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲ ପିଲାଙ୍କ ପାଇଁ ଜଳଯୋଗାଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ମାର୍କେଟ କମ୍ପ୍ଲେକ୍ସରେ ଚୋରି

ତେନ୍ତୁଳିଖୁଣ୍ଟି, ୨୧।୧୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଅଞ୍ଚଳରେ ଚୋରି ବଢୁଛି। କିଛିଦିନ ତଳେ ପ୍ରାତଃ ଭ୍ରମଣକୁ ଯାଇଥିବା ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ ସ୍ୱାଇଁ ଙ୍କ ସୁନା ଚେନ୍‌କୁ ଦୁର୍ବୃତ୍ତମାନେ ନେଇଯାଇଥିଲେ। ୧୯ ତାରିଖ ରାତିରେ ୨ଟି ମାର୍କେଟ କମ୍ପ୍ଲେକ୍ସରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୧୯ ତାରିଖ ରାତିରେ ଖାତିଗୁଡ଼ାସ୍ଥିତ ଜଗନ୍ନାଥ ମନ୍ଦିର କମ୍ପ୍ଲେକ୍ସରେ ଥିବା ଗୁପ୍ତେଶ୍ୱର ବେହେରାଙ୍କ ବିପଣୀ ଗୃହର ତାଲା ଭାଙ୍ଗି କ୍ୟାସ ଡ୍ର ରୁ ୨ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। କେଶ୍ ନମ୍ବର ୧୬୨ ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ସେହି ରାତିରେ ହିଁ ଗାୟତ୍ରୀ କମ୍ପ୍ଲେକ୍ସର ୨ଟି ଦୋକାନ ଗୃହର ତାଲା ଭାଙ୍ଗିବା ଉଦ୍ୟମ ହୋଇଥିବା ସୂଚନା ମିଳିଛି। ମୁଖ୍ୟ ରାସ୍ତାରେ ଏଭଳି ଚୋରୀ ନେଇ ଭୟ ଓ ଆଶଙ୍କାରେ ଅଞ୍ଚଳ ବାସୀ। ଘଟଣାସ୍ଥଳକୁ ଥାନାଧିକାରୀ ହରିଶ୍ ଗଲୋରୀ ସବ ଇନ୍‌ସ୍ପେକ୍ଟର ମହେଶ୍ୱର ବୁଢ଼େ ଓ ବ୍ୟାସ କୁମାର ଜାନୀଙ୍କୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରି ଅଭିଯୁକ୍ତମାନଙ୍କୁ ଧରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚାଷୀ ସଚେତନ ହେଲେ ମାଛ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରକରିବେ ନାହିଁ

ମାଲକାନଗିରି,୨୧।୧୧(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି ଜିଲା କୃଷି ବିଜ୍ଞାନକେନ୍ଦ୍ରରେ ଗୁରୁବାର ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅଧିକାରୀ ଦିଲରଞ୍ଜନ ମହାଲିକ, ମୁଖ୍ୟବକ୍ତା ଜିଲା ଉଦ୍ୟାନ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଦେବୀପ୍ରସାଦ ଦାସ, ମତ୍ସ୍ୟ ବୈଜ୍ଞାନିକ ଆତିଶ୍ ମହେନ୍ଦ୍ର ମାନେ, ବିକାଶ ଚନ୍ଦ୍ର ସର୍ଦ୍ଦାର ଓ ପରିବେଶବିତ୍ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ୭୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଉପସ୍ଥିତ ଥିଲେ। ଚାଷୀ ସଚେତନ ହେଲେ ମାଛ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ବକ୍ତାମାନେ କହିଥିଲେ ।

ଜିଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ଓ ବିଭିନ୍ନ ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଆର୍ଥିକ ମାନଦଣ୍ଡର ଉନ୍ନତି, ମତ୍ସ୍ୟ ଓ ଗୋସମ୍ପଦର ବିକାଶ ଦ୍ୱାରା ଦୁଗ୍ଧ, ଅଣ୍ଡା, ମାଛ ଓ ମାଂସ ଉତ୍ପାଦନ ବୃଦ୍ଧି ନିମନ୍ତେ ବୈଜ୍ଞାନିକ ଜ୍ଞାନକୌଶଳ ଯୋଗାଇବା ଆଦି ଉପରେ କହିଥିଲେ। ଗ୍ରାମାଞ୍ଚଳର ପୁଷ୍କରିଣୀ, ପ୍ରାକୃତିକ ନଦୀ ନାଳରେ ପ୍ରଚୁର ପରିମାଣର ଦେଶୀ ମାଛ ପାଉଥିବା ବେଳେ ବର୍ତ୍ତମାନ ନଦୀ ଜଳ ଦୂଷିତ,

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା**

ମତ୍ସ୍ୟଜୀବୀମାନେ ରାସାୟନିକ ପଦାର୍ଥ ବ୍ୟବହାରକରି ମାଛ ମାରିବା, ମାଛଚାଷରେ ବ୍ୟବହାର ଦ୍ୱାରା ଜଳ ଦୂଷିତ ହେଉଛି ଯାହା ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ମିଳୁଥିବା ମାଛ ପ୍ରାୟତଃ ଲୋପପାଇଛି। ତେଣୁ ଚାଷୀମାନେ ମାଛଚାଷ ପାଇଁ ଅଧିକ ରାସାୟନିକ ପଦାର୍ଥ ବ୍ୟବହାର ନ କରି ଜୈବିକ ପଦାର୍ଥ ବ୍ୟବହାରକୁ ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ପଦ୍ଧତିରେ ମାଛଚାଷ, ପୁଷ୍ଟିକର ମାଛ ଖାଦ୍ୟ ଯୋଗାଇ ଦିଆଯାଉଥିବା ବୋଲି ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ଜୈନ ପରିଚାଳନା କରିଥିଲେ ।

# ମାଛଚାଷ ମାଧ୍ୟମରେ ମହିଳା ସଶକ୍ତିକରଣ ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବିଶ୍ୱ ମତ୍ସ୍ୟ ଦିବସ**

ନବରଙ୍ଗପୁର,୨୧।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମତ୍ସ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଜିଲର ବିଭିନ୍ନ ବ୍ଲକ୍‌ରୁ ୬୦ରୁ ଊର୍ଦ୍ଧ୍ୱ ମାଛଚାଷୀ, ମତ୍ସ୍ୟଜୀବୀ, ମାଛଚାଷ କରୁଥିବା ଏସ୍‌ଏଚ୍‌ଜି ସଦସ୍ୟା, ମତ୍ସ୍ୟ ଉଦ୍ୟୋଗକାରୀମାନେ ଯୋଗଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପି. ଭି. ରମନ ରାଓ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ ନାୟକ ପ୍ରମୁଖ ଯୋଗଦେଇ ମାଛଚାଷ ଜରିଆରେ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ଉନ୍ନତ ଜ୍ଞାନକୌଶଳରେ କିଭଳି ମାଛଚାଷ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାଛଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତ ପୋଖରୀରେ ମାଛଚାଷ କରିଥିବା ନବରଙ୍ଗପୁର ବ୍ଲକ ଅଧୀନ ଚଟାହାଣ୍ଡି ଗ୍ରାମର ଓମ୍ ଗଣେଶ ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟପୋଖରୀ ଯୋଜନାରେ ଡାବୁଗାଁ ବ୍ଲକ୍‌ର ଚାଟିଗୁଡ଼ା ଗ୍ରାମର ଦଳସାଏ ଭତରା ଓ ତେନ୍ତୁଳିଖୁଣ୍ଟି ବ୍ଲକର ପ୍ରାଥମିକ ମତ୍ସ୍ୟ ସମବାୟ ସମିତିକୁ ଅତିଥି ପୁରସ୍କୃତ କରିଛନ୍ତି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ କୁମାର ମାଝି ମଞ୍ଚ ପରିଚାଳନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱଜିତ ସରକାର, ରାଜେଶ ଦାସ, ଏସ୍. ଭବାନୀ ରେଡ୍ଡୀ, ଦେବବ୍ରତ ମିତ୍ର, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଲକ୍ଷ୍ମୀପ୍ରିୟା ଦାଶ, ସଙ୍ଗୀତା ସାମଲ ଓ ମନୋରଞ୍ଜନ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ସର୍‌ଗିଫୁଲ, ଶିଶୁ ମହୋତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି, ୨୧।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଲ୍ୟବନ୍ତ ଛାତ୍ରାବାସରେ ଜିଲାସ୍ତରୀୟ ସର୍ଗୀଫୁଲ ଓ ଶିଶୁ ମହୋତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ)ସୋମନାଥ ପ୍ରଧାନ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ସର୍ଗୀଫୁଲ ଓ ଏହାର ମହତ୍ତ୍ୱ ସମ୍ପର୍କରେ ଜିଲାପାଳ ବୁଝାଇଥିଲେ। ଏହାସହିତ ସର୍ଗୀଫୁଲ ସମ୍ବନ୍ଧୀୟ ବିଭିନ୍ନ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା। ଜିଲାର ପ୍ରତ୍ୟେକ ଛାତ୍ରୀଛାତ୍ର ଏକ ସର୍ଗୀଫୁଲ ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ୨୫ ଷ୍ଟଲରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ତରଫରୁ ବିଜ୍ଞାନ ମେଳା ପ୍ରଦର୍ଶନୀ କରାଯାଇଥିଲା। ଜିଲାପାଳ ପାଟିଲ ଷ୍ଟଲଗୁଡିକ ବୁଲି ଦେଖି ଏହାର ପ୍ରଶଂସା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଓ ଅଭିଭାବକ ଶିକ୍ଷକ ଉପସ୍ଥିତ ଥିଲେ।

### ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗ

ପାପଡ଼ାହାଣ୍ଡି, ୨୧।୧୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଡଙ୍ଗରିଗୁଡ଼ା କାଜୁ ବାଡ଼ ନିକଟରେ ବୁଧବାର ରାତିରେ ବରଦେଇ ଗ୍ରାମର କସା ହରିଜନଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ପାଖରେ ଥିବା ଟଙ୍କା ଲୁଟି ନେଇଛନ୍ତି। ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, କସା ଖର୍କିରୁ ନିଜ ଘର ବରଦେଇ ଫେରିବାବେଳେ କାଜୁ ବାଡ଼ ଭିତରୁ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପାଖରେ ଥିବା ନଗଦ ୧୨ ହଜାର ଟଙ୍କା ଲୁଟ୍ କରି ନେଇଥିଲେ। କସା ଏ ନେଇ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଥାନା ପୋଲିସ କେସ ନମ୍ବର ୨୩୩/୨୪ରେ ମାମଲା ରୁଜୁ କରି ଘଟରାର ତଦନ୍ତ କରିଛନ୍ତି।

### ପାପଡ଼ାହାଣ୍ଡିରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

ପାପଡ଼ାହାହାଣ୍ଡି, ୨୧।୧୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ବିଇଓ ସୌମେନ୍ଦ୍ର ଭୌମିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଡିଇଓ ଛତ୍ରପତି ସାହୁ ଏହାର ଉଦ୍‌ଘାଟନ କରିଥିଲେ। ମୈଦଲପୁର ଥାନାଧିକାରୀ ବିପିନ କୁଲଦୀପ, ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ସୁଦର୍ଶନ ନାୟକ, ପ୍ରଧାନଶିକ୍ଷକ ରାଇସିଂ ଭତରା ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରିଗଡ଼ା ଉଚ୍ଚ ବିଦ୍ୟଳୟ ପ୍ରଧାନ ଶିକ୍ଷକ ରଞ୍ଜନ ମହାପାତ୍ର ଓ ପରଜା ଦେଓପାଲି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଏସ୍.କଲ୍ୟାଣ କୁମାର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ରଞ୍ଜିତା ଗୌଡ଼, ମିଥିଲା ହରିଜନ, ରାଶି ଦାସ, ରୋଶନ ହରିଜନ, ନମିତା ସ୍ୱାଇଁ, ତପସ୍ୱିନୀ ମାଝୀ, ରାଜୀବ ହରିଜନଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବିଇଓଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ, ମୈଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀ, ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସିପାଲ ଗଣେଶ୍ୱର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଦର୍ଶନ ମାଝୀ, ସମ୍ପାଦକ ରତିକାନ୍ତ ପଣ୍ଡା,ପ୍ରତିମା କୁମାରୀ ଯାଦବ,ଜଗନ୍ନାଥ ମାଝୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ବିଜ୍ଞାନ ମେଳାରେ ୯୯ ପ୍ରକଳ୍ପ ପ୍ରଦର୍ଶିତ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଝରିଗାଁ,୨୧।୧୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ସଦରମହକୁମାସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଦଶରଥ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୭୭ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୯୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରାସାଦ ମାଝୀ ମୁଖ୍ୟ ଅତିଥି, ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରାଧାନୀ ମୁଖ୍ୟ ବକ୍ତା, ଏବିଇଓ ଦଶରଥ ଗଣ୍ଡ,ଏବିଇଓ ବଲଭଦ୍ର ବିଷୋୟୀ, ସମସ୍ତ ସିଆରସିସି ମଞ୍ଚାସୀନ ରହିଥିଲେ। ଜଳାଭାବ ଏବଂ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଥିବାରୁ ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ମୁକ୍ତ ପରିବେଶ ଗଠନ ଦିଗରେ ପ୍ରକଳ୍ପ ନିର୍ମାଣ ପାଇଁ ଉତ୍ସାହିତ କରାଯିବା ଉଚିତ୍ ବୋଲି ଅତିଥିମାନେ କହିଥିଲେ। ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। କୃତୀ ପ୍ରତିଯୋଗିତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆରସିସି ପ୍ରେମ୍‌ଦାସ ପନକା, ଅନନ୍ତ ମଣ୍ଡଳ, ବ୍ରଜକିଶୋର ଦଳେଇ, କ୍ଷମା ହରିଜନ, ବିଭୁପ୍ରସାଦ ତ୍ରିପାଠୀ, ସତ୍ୟବ୍ରତ ସ୍ୱାଇଁ, ପଦାରବିନ୍ଦ ମହାଲିକ, ତପନ ଜାଲ, ବିପିନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେକ୍କା ପଞ୍ଚାୟତରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ


ପଲ୍ଲିସଭାରେ ଅତିଥିଙ୍କ ସହ ପଞ୍ଚାୟତବାସୀ ।

ମାଥିଲି, ୨୧।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ମେକ୍କା ପଞ୍ଚାୟତରେ ବର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ସଭାପତିତ୍ୱରେ ଗୁରୁବାର ପାଳିତ ହୋଇଯାଇଛି। ବିଜାପଦର ଗ୍ରାମରେ ସମସ୍ତ ୱାର୍ଡର ୩ ୱାର୍ଡ ମେମ୍ବର, ସଭ୍ୟାସଭ୍ୟ ଜନସାଧାରଣଙ୍କ ଉପସ୍ଥିତରେ ସ୍ୱତନ୍ତ୍ର ପଲ୍ଲିସଭା, ସଚେତନତା ପ୍ରଶିକ୍ଷଣ ଶିବିର ଓ ଜନ ସଚେତନତା ଶପଥ ପାଠ ଅନୁଷ୍ଠିତ କରାଯାଇଛି।

କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଗର ମହାନ୍ତି, ଗ୍ରାମ ରୋଜଗାର ସେବକ ଧରବେନ୍ଦ୍ର ସାହୁ, ଯୋଗାଣ ସହାୟକ ଲିଳିତ ପୂଜାରୀ, ସୁନ୍ଦରମଣି ସାଗରିଆ ଓ ମୁଖ୍ୟ ସଚେତକ ସଦାଶିବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଡମ୍ବୁ ନାୟକ, ପୂର୍ବତନ ୱାର୍ଡ ମେମ୍ବର ରାମଦାସ ନାୟକଙ୍କ ଉପସ୍ଥିତିରେ ଗାଁକୁ ନିଶାମୁକ୍ତ, ସ୍ୱଚ୍ଛତା ହିଁ ସେବା, ଗାଁର ଚତୁଃପାର୍ଶ୍ୱ ସଫା ରଖିବା ପାଇଁ ଏକ ସଂକଳ୍ପ ବଦ୍ଧ, ସମସ୍ତ ଶପଥ ପାଠକରି ଲୋକ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

### ଭଉଣୀ ଘରୁ ଫେରିବାବେଳେ ଦୁର୍ଘଟଣା: ଭାଇଙ୍କ ମୃତ୍ୟୁ

ନବରଙ୍ଗପୁର ୨୧।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଅନ୍ତର୍ଗତ ଟିଲି ଆମ୍ବଗୁଡା ଛକ ନିକଟରେ ଗୁରୁବାର ସକାଳେ ଓ ସନ୍ଧ୍ୟାରେ ୨ଟି ଦୁର୍ଘଟଣା ଘଟିଛି। ସନ୍ଧ୍ୟାରେ ଘଟିଥିବା ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଷାଗୁମୁଡା ବ୍ଲକ କେ.ସେମଲା ପଞ୍ଚାୟତ କଣ୍ଟାସରୁଗୁଡା ଗ୍ରାମର ଦେବ ଭତ୍ରା।

ସୂଚନାନୁଯାୟୀ, ଦେବଙ୍କ ଝିଅ ନବରଙ୍ଗପୁର ବ୍ଲକ ବିକ୍ରମପୁର ସ୍କୁଲରେ ରହି ପଢ଼ନ୍ତି। ଗୁରୁବାର ସକାଳେ ଦେବ ଝିଅଙ୍କୁ ସ୍କୁଲରେ ଛାଡ଼ିବା ପାଇଁ ବିକ୍ରମପୁରକୁ ଆସିଥିଲେ। ସେ ଝିଅକୁ ସ୍କୁଲରେ ଛାଡିବା ପରେ ବେହେରାଗୁଡ଼ା ଗ୍ରାମରେ ରହୁଥିବା ଭଉଣୀ ଘରକୁ ଯାଇଥିଲେ। ସେଠାରୁ ଗାଁକୁ ଫେରିବାବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ ଦୁର୍ଘଟଣା କିପରି ଘଟିଲା ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ନବରଙ୍ଗପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେହିପରି ଗୁରୁବାର ସକାଳୁ ଟିଲି ଆମ୍ବଗୁଡା ଛକ ନିକଟରେ ଗୋଟିଏ ଗାଡି ଓ ବାଇକ୍ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ଥିବା କୋଷାଗମୁଡ଼ା ବ୍ଲକ ଆଟିଗାଁ ଗ୍ରାମର କେଶବ ମାଳି ଓ କର୍ଣ୍ଣ ଭତ୍ରା ଗୁରୁତର ହୋଇଛନ୍ତି। ଆହତ ୨ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଆଡ୍‌ମିଶନ ନାଁରେ ଟଙ୍କା ହଡ଼ପ ଅଭିଯୋଗ

**ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ମାଥିଲି,୨୧।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)




ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପତ୍ର ବିନିମୟ କୋର୍ସରେ ନାମ ଲେଖାଇବା ନାଁରେ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ଯୋଗୁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୨୦୦ ରୁ ୩୦୦ ଛାତ୍ରୀ ଛାତ୍ରଙ୍କଠାରୁ ୬ହଜାରରୁ ୧୦ହଜାର ଟଙ୍କା ନାମଲେଖା ବାବଦରେ ଏବଂ ୫୦୦ରୁ ୯୦୦ ଟଙ୍କା ଅନ୍‌ଲାଇନ ଏବଂ ଅଫ୍‌ଲାଇନ କରାଇବା ପାଇଁ ଅଧ୍ୟକ୍ଷ ଏବଂ ଅନ୍ୟ ସହଯୋଗୀ ନେଇଥିବା ଅଭିଯୋଗ ହୋଇଛି । ପତ୍ର ବିନିମୟ ଶିକ୍ଷା ପାଇଁ ସରକାରୀ ଚିଠି ନଂ.୪୮୧୮/୧୧।୨।୨୦୧୦ଅନୁଯାୟୀ ନାମ ଲେଖାଇଥିବା ଛାତ୍ରୀଛାତ୍ର ମାତ୍ର ୨ହଜାର ଟଙ୍କା ଦେଇ ଆଡ୍‌ମିଶନ କରିବା ସହ ଘରେ ରହି ପଢ଼ିବା ବ୍ୟବସ୍ଥା ରହିଛି। କିନ୍ତୁ ସବୁ ନିୟମକୁ ଅଣଦେଖାକରି ଅଧ୍ୟକ୍ଷ ୬ ରୁ ୧୦ହଜାର ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ମାଲକାନଗିରି ଜିଲାପାଳଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଏ ନେଇ ଅଧ୍ୟକ୍ଷ ସୁବ୍ରତ କୁମାର ଭଦ୍ରଙ୍କୁ ପଚାରିବାରୁ ଏ ବିଷୟରେ କିଛି କହିପାରିବିନାହିଁ କିମ୍ବା ମତ ରଖିପାରିବିନାହିଁ ବୋଲି କହିଛନ୍ତି ।

# ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ବିଶ୍ୱ ଶୌଚାଳୟ ଦିବସ**

ମାଲକାନଗିରି, ୨୧।୧୧(ଦୁର୍ଯ୍ୟୋଧନ ପାତ୍ର)

ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ମାଲକାନଗିରି ଜିଲା ରୋଟାରି କ୍ଲବ୍ ତରଫରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ୬ ମହାବିଦ୍ୟାଳୟ ଓ ଗୋଟିଏ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ବର୍ଗରେ ଅମିତା ଶାହା ପ୍ରଥମ, ସୁମିତ ହନ୍ତାଳ ଦ୍ୱିତୀୟ ଓ ଆକାଂକ୍ଷା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।


ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ ।

କନିଷ୍ଠ ବର୍ଗରେ ଆଦିତ୍ୟରାଜ ସରକାର ପ୍ରଥମ ସ୍ଥାନ, ସୋନାକ୍ଷୀ ମହାପାତ୍ର ଦ୍ୱିତୀୟ ଓ ଦିବାକର ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥିଭାବେ ମାଲକାନଗିରି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ରୋଟାରି କ୍ଲବ ସଭାପତି ସୁରେନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଏ. ଈଶ୍ୱର ରାଓ, ସମ୍ପାଦକ ଜି. ଶ୍ୟାମବାବୁ ଦୋରା, ରୋଟାରିଆନ ଦିଲୀପ ସୋମାନୀ, ଜଗଦୀଶ ତ୍ରିପାଠୀ, ଲବ ସାହୁ ଓ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେଜ୍‌ରିୱାଲଙ୍କ ବିରୋଧରେ ଭାଜପାର ବିକ୍ଷୋଭ




ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ସରକାରୀ ବାସଭବନ ମରାମତି ନାମରେ ବିପୁଳ ଅର୍ଥ ବ୍ୟୟ କରିବା ସହ ବିଳାସପୂର୍ଣ୍ଣ ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ଆଣି ଭାଜପା ନେତା ଓ କର୍ମୀମାନେ ନୂଆଦିଲ୍ଲୀଠାରେ ଗୁରୁବାର ବିକ୍ଷୋଭ କରୁଛନ୍ତି।

# କଳାତାଲିକାଭୁକ୍ତ କମ୍ପାନୀଠାରୁ ମେଟ୍ରୋ କାମ ବାତିଲ କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୨୧।୧୧(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଯେଉଁ କମ୍ପାନୀ ଉପରେ ଭୁବନେଶ୍ୱର ମେଟ୍ରୋ ରେଳପଥ ଦାୟିତ୍ୱ ଅର୍ପଣ କରିଛନ୍ତି, ତାହା ଏକ କଳା ତାଲିକାଭୁକ୍ତ କମ୍ପାନୀ। ଭୁବନେଶ୍ୱର ମେଟ୍ରୋ ରେଲୱେ ନିର୍ମାଣ ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ଭାବେ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବେ। ଦିଲ୍ଲୀ ମେଟ୍ରୋ ରେଳବାଇ କର୍ପୋରେସନ ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳବାଇ ନିର୍ମାଣ ପାଇଁ ଯେଉଁ ଟେଣ୍ଡର ଆହ୍ୱାନ କରାଯାଇଥିଲା, ସେଥିରେ ପ୍ରଥମ ପର୍ଯ୍ୟାୟ କାମ ପାଇଁ ଗୁଜୁରାଟ କମ୍ପାନୀ ରଣଜିତ ବିଲ୍‌ଡ଼କନ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହୋଇଛି। ଭୁବନେଶ୍ୱର ମେଟ୍ରୋ ରେଳବାଇ ଯୋଜନାକୁ ନେଇ ଓଡ଼ିଶା ତଥା ଭୁବନେଶ୍ୱରବାସୀ ବହୁତ ଖୁସି ହେଉଥିଲେ। ମାତ୍ର ଯେଉଁ ରଣଜିତ ବିଲ୍‌ଡ଼କନ କମ୍ପାନୀ ଏହା କାର୍ଯ୍ୟାନ୍ୱୟନ ଦାୟିତ୍ୱ ନେଇଛି, ସେହି କମ୍ପାନୀର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି ବୋଲି ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନ ଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି, ଏହି କମ୍ପାନୀ ଯେଉଁ ରାଜ୍ୟରେ ବ୍ରିଜ୍, ରେଳପଥ ଆଦି ଯାହା ନିର୍ମାଣ କରିଛି, ସେହି କାର୍ଯ୍ୟ ସୁଦୃଢ଼ ଓ ଦୀର୍ଘସ୍ଥାୟୀ ନୁହେଁ ବୋଲି ଜଣାପଡ଼ିଛି।




ରଣଜିତ ବିଲଡ୍‌କନ୍ କମ୍ପାନୀ ନିର୍ମାଣ କରିଥିବା ଗୁଜୁରାଟର ମୁମାତପୁରା ବ୍ରିଜ ୨୧ ଡିସେମ୍ବର ୨୦୨୧ରେ ଭୁଷୁଡ଼ି ପଡ଼ିଲା। ଏଥିପାଇଁ ଅହମ୍ମଦାବାଦ ଅର୍ବାନ ଡେଭଲପମେଣ୍ଟ ଅଥରିଟି ବା 'ଅଉଡ଼ା' ଏହି କମ୍ପାନୀକୁ ୩ ବର୍ଷ ପାଇଁ ଅସିଦ୍ଧ ଘୋଷଣା କରିବାକୁ ପ୍ରସ୍ତାବ ଦେଇଥିଲା। ରଣଜିତ ବିଲ୍‌ଡକନ ଗୁଜୁରାଟର କୁଚ୍ଛାରେ ୱେଷ୍ଟର୍ଣ୍ଣ ରେଳବାଇର ଅହମ୍ମଦାବାଦ ଡିଭିଜନ ଅନ୍ତର୍ଗତ ସମାଖିଆଲି-କିଦ୍ୟାନଗର ରେଳବାଇ ଟ୍ରାକ ନିର୍ମାଣ କରିଥିଲା। ଏହି ଟ୍ରାକ ନିର୍ମାଣରେ ହଜାର ହଜାର ଟନ୍ ବାଲି ଓ ଗ୍ରୀଟ୍ ଷ୍ଟୋନ ବ୍ୟବହାର କରାଯାଇଥିଲା। ମାତ୍ର ୭ ଲକ୍ଷ ଟନ୍ ଖଣିଜ ଦ୍ରବ୍ୟ ବ୍ୟବହାର ପାଇଁ ଏହି କମ୍ପାନୀ ଖଣି ବିଭାଗକୁ ତା'ର ପ୍ରାପ୍ୟ ଦେୟ ଦେଇଥିବାର ଏକ ଜାଲ୍ ସାର୍ଟିଫିକେଟ ରେଳବାଇରେ ଦାଖଲ କରି କୋଟି କୋଟି ଟଙ୍କାର ଦୁର୍ନୀତିରେ ଛନ୍ଦି ହୋଇ ପଡ଼ିଥିଲା। ଓଡ଼ିଶା ସରକାର ଏହି ଅସାଧୁ ଓ କଳା ତାଲିକାଭୁକ୍ତ କମ୍ପାନୀକୁ ଭୁବନେଶ୍ୱର ମେଟ୍ରୋ ରେଳବାଇ ନିର୍ମାଣ ଦାୟିତ୍ୱ ଦିଅନ୍ତୁ ନାହିଁ। ଯେଉଁ ଟେଣ୍ଡର ସମ୍ପୂର୍ଣ୍ଣ ହୋଇଛି, ତାହାକୁ ବାତିଲ୍ କରାଯାଉ। ଯେହେତୁ ନିର୍ମାଣକାରୀ ସଂସ୍ଥା ଏକ ଅସାଧୁ କମ୍ପାନୀ ଏବଂ ଏହାର ନିର୍ମାଣ କାର୍ଯ୍ୟରେ ବିପଦ ଭରି ରହିଛି। ବମିଖାଲ ଓଭରବ୍ରିଜ୍ ୩ ଥର ଭୁଷୁଡ଼ି ୩ ଜଣ ମରିବା ଘଟଣା ଭୁବନେଶ୍ୱରବାସୀ ଦେଖିଛନ୍ତି। ତେଣୁ ସେହିଭଳି ମେଟ୍ରୋ ରେଳବାଇର କାର୍ଯ୍ୟ ଜାଣିଶୁଣି ନିମ୍ନମାନର କରିବା ପାଇଁ ଏକ କଳା ତାଲିକାଭୁକ୍ତ କମ୍ପାନୀ ହାତରେ ଟେକି ନ ଦିଆଯାଉ ବୋଲି ୟାସିର କହିଛନ୍ତି।


### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At/Po-Ambapua, Near Income Tax Office, Berhampur-760011, Ganjam, Odisha)

(E-Mail: serwbpr2004@yahoo.com, Tel. No.-0680-2404287)

No.O-678:

NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/13-2024-25/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 13-2024-25/BPR | Road Works under Periodical Maintenance | 38 Nos. | From Rs.88.79 lakhs to Rs.352.69 Lakhs | "B" Class & "A" Class as applicable | 04 (Four) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/13-2024-25/BPR | 05.12.2024 at 10.00 A.M. | 20.12.2024 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- https://tendersodisha.gov.in

OIPR-25071/11/0016/2425 Sd./- Chief Engineer, R.W.Circle, Berhampur


# ବିଜେଡି ଗୁଣ୍ଡାଗର୍ଦ୍ଦି ପାଇଁ ଯାଜପୁରବାସୀ ଭୟଭୀତ: ହିମାଂଶୁ



ଖବରଦାତା ସମ୍ମିଳନୀରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ।

ଯାଜପୁର/କାଏମା ୨୧।୧୧ (ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି)

ବିଜେଡିର ଗୁଣ୍ଡାଗର୍ଦ୍ଦି ପାଇଁ ଯାଜପୁରବାସୀ ଭୟଭୀତ ବୋଲି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ) କହିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ସେ ନିନ୍ଦା କରିଛନ୍ତି। ହିମାଂଶୁ ଏକ ଖବରଦାତା ସମ୍ମିଳନୀରେ ଆହୁରି କହିଛନ୍ତି, ଭାଜପା ସରକାର ଏଭଳି ଗୁଣ୍ଡାଗର୍ଦ୍ଦିକୁ ପ୍ରଶ୍ରୟ ଦେବ ନାହିଁ। ଦୀର୍ଘ ୨୫ବର୍ଷ ହେଲା ବିଜେଡି ମନ ଇଚ୍ଛା ଶାସନ କରି ଟଙ୍କା ରୋଜଗାର କରି ଆସୁଥିଲା। ବର୍ତ୍ତମାନ ସରକାର ପରିବର୍ତ୍ତନ ପରେ ସେମାନଙ୍କ ସ୍ୱାର୍ଥରେ ହାନି ଘଟୁଛି,ଯଦ୍ୱାରା ସେମାନେ ଟଙ୍କା ରୋଜଗାର କରି ପାରୁନାହାନ୍ତି। ତେଣୁ ରାଜନୈତିକ ଆକ୍ରୋଶମୂଳକ ଭାବେ ରାସ୍ତା ଉପରେ ଲୁହାରଡ ଧରି ତାଙ୍କୁ ମାରିବାକୁ ଉଦ୍ୟମ କରିଛନ୍ତି।

ହିମାଂଶୁ ଯାଜପୁର ଡିଡିଏମ୍‌ଙ୍କ କାର୍ଯ୍ୟାଳୟକୁ ଯାଉଥିବାବେଳେ ରାତି ପ୍ରାୟ ୭ଟା ସମୟରେ ଯାଜପୁର ଟାଉନ ନିକଟସ୍ଥ ବୁଢ଼ାଘାଟ ବ୍ରିଜ ନିକଟରେ କେତେଜଣ ବିଜେଡି କର୍ମୀ ରାସ୍ତାରୋକୋ ଆନ୍ଦୋଳନ କରୁଥଲେ। ତେଣୁ ରାସ୍ତା ଜାମ ରହିଥିଲା। ବିଧାୟକଙ୍କ ଗାଡ଼ି ମଧ ଏହି ଭିଡ଼ରେ ଛିଡ଼ା ହୋଇ ରହିଥିବା ବେଳେ ହଠାତ୍ ୨୦ରୁ ୩୦ ଜଣ ବିଜେଡି ସମର୍ଥକ ବିଧାୟକଙ୍କ ଗାଡ଼ି ଆଡ଼କୁ ମାଡି ଆସି ଲୁହା ରଡ଼, ଠେଙ୍ଗା ଓ ଢେଲା ଧରି ହଠାତ୍ ଆକମ୍ରଣ କରିଥିଲେ। ତାଙ୍କ ଗାଡ଼ିର ଆଗ ଓ ପଛ ପଟକୁ ପିଟି କାଚ ଭାଙ୍ଗି ଦେଇଥିଲେ। ସେମାନେ ବବି ଦାସଙ୍କ ଲୋକ କହିବା ସହିତ ତାଙ୍କୁ ମାରିବାକୁ ପଠାଇଛନ୍ତି ବୋଲି ସ୍ଲୋଗାନ କରିଥିଲେ। ତାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧାୟକଙ୍କ ଉପରେ ଆକ୍ରମଣ ଖବର ପାଇ ଭାଜପା ସମର୍ଥକମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଯାଜପୁର ଏସ୍‌ପିଙ୍କ ସହ ଯାଜପୁର ସଦର ଏବଂ ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ବିଳମ୍ବିତ ରାତିରେ ଅତିରିକ୍ତ ଡିଜି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରି ସ୍ଥିତିକୁ ଆୟତ୍ତ କରିଥିଲେ। ବିଧାୟକ ହିମାଂଶୁଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦରେ ତାଙ୍କ ସମର୍ଥକ ସଦର ଥାନା ଘେରାଉ କରିବା ସହ ବିଧାୟକଙ୍କ ସୁରକ୍ଷା କର୍ମୀ ଶକ୍ତି ସାମନ୍ତ ରାଉତ ୨୬ ଜଣଙ୍କ ନାମରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବିଧାୟକ ହିମାଂଶୁ କହିଛନ୍ତି।

# ରଙ୍ଗ ମାରି ଫଳକ ଲଗାଇବାରେ ସରକାର ବ୍ୟସ୍ତ: ଅରବିନ୍ଦ




ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ଡିହବଳରାମପୁର ଗାଁରେ ଅନୁଷ୍ଠିତ ସଭାରେ ବିଧାୟକ ଅରବିନ୍ଦ ମହାପାତ୍ର ଓ ଅନ୍ୟମାନେ।

ମାର୍ଶାଘାଇ, ୨୧।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୌଣସି ଉନ୍ନୟନମୂଳକ କାର୍ଯ୍ୟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ନ କରି ନବୀନ ସରକାର ଅମଳରେ ହୋଇଥିବା କାର୍ଯ୍ୟର ରଙ୍ଗ ବଦଳାଇ ଓ ଫଳକ ମାରି ଶ୍ରେୟ ନେବାରେ ରାଜ୍ୟ ସରକାର ମାହିର ବୋଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି। ଗୁରୁବାର ପାଟକୁରା ନିର୍ବାଚନମଣ୍ଡଳୀ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ଡିହବଳରାମପୁର ଗ୍ରାମରେ ନୂତନ ବସ୍‌ଷ୍ଟାଣ୍ଡ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଓ ମିଶନ ଶକ୍ତି ତଥା କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ଅବସରରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହାପାତ୍ର ଯୋଗଦେଇ ଲୁଣା-କରାଣ୍ଡିଆ ଅଞ୍ଚଳର ବିକାଶ ପାଇଁ ସେ ବହୁ ଯୋଜନା କରିଛନ୍ତି। ପ୍ରଥମେ କାରାଣ୍ଡିଆ ନଦୀରେ ପଥର ପ୍ୟାକିଂ ପାଇଁ ସାଢ଼େ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଉ ସାଢ଼େ ୮ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଚାଲିଛି। ବିରୋଧୀ ଦଳରେ ଥିଲେ ବି ଏ ଅଞ୍ଚଳର ବିକାଶ ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ସେ କହିଥିଲେ। ପଞ୍ଚାୟତ ବିଜେଡି ସଭାପତି ବାସୁଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ଜଳପୋକ ପଞ୍ଚାୟତ ବିଜେଡି ସଭାପତି ମେଜର ଭରତ ଚନ୍ଦ୍ର ଜେନା, ସରପଞ୍ଚ ସୁପ୍ରିୟା ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଶିକ୍ଷାବିତ ଗୟାଧର ଜେନା ଓ ଅକ୍ଷୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସଭା ପୂର୍ବରୁ ପ୍ରଥମେ ବିଧାୟକ ନାନକାରଠାରୁ ଡିହବଳରାମପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ପାତ୍ର, ପ୍ୟାରୀ ମୋହନ ସାମଲ, ସମବାୟବିତ୍ ସୁଖଦା ପ୍ରସାଦ ତ୍ରିପାଠୀ, କ୍ଷିତୀଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଘକୁ ନେଇ ବିଧାୟକ ବିବ୍ରତ

- ମନ୍ତ୍ରୀଙ୍କୁ କଲେ ଅବଗତ
- ବୈଠକ ଅଧାରୁ ଚାଲିଗଲେ

ବାରିପଦା, ୨୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶ ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ଏନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବାଘ କବଳରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ବେଳେ ଉଦଳା ବିଧାୟକ ଭାସ୍କର ମଢ଼େଇ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଛି। ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କ ସୁରକ୍ଷା ପାଇଁ ସେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଗୁରୁବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅଧାରୁ ବିଧାୟକ ମଢ଼େଇ ତରତରରେ ଉଠିଯାଇ ବାଘ ଆତଙ୍କ ଦେଖାଦେଇଥିବା ଗାଁକୁ ଯାଇଥିବା ଖବର ମିଳିଛି।

ସୂଚନା ଅନୁଯାୟୀ, ୪ ଦିନ ପୂର୍ବେ କପ୍ତିପଦା ରେଞ୍ଜ ଅସନବଣି ଗ୍ରାମସ୍ଥିତ କେନାଲରେ ବାଘର ପାଦଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଥିଲା। ବାଘଟି ନିକଟସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରୁ ବଫର ଅଞ୍ଚଳ ପାର ହୋଇ ଜନବସିତି ମୁହାଁ ହୋଇଥିଲା। ଗାଁ ପାଖରେ ବାଘର ଉପସ୍ଥିତି ଜାଣି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୁରକ୍ଷା ଦୃଷ୍ଟିରୁ ବନ ବିଭାଗର କର୍ମଚାରୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି। ବାଘଟି ଶିମିଳିପାଳ ସଂଲଗ୍ନ କପ୍ତିପଦା ରେଞ୍ଜର ଦେବଳା ଓ ପିଙ୍ଗୁ ପଞ୍ଚାୟତର ଅସନବଣି, କଣ୍ଟାଗଡ଼ି, ସାରବସା, ଚୁଇପୋଷି, ହାଣ୍ଡିଫଟା, ଗଡ଼ପାଳ, ଅଡ଼ାସାହି, ଗଣ୍ଡିଦର ଓ ପୋଡ଼ାଡିହା ଅଞ୍ଚଳରେ ଘୂରି ବୁଲୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଏହା ମହାରାଷ୍ଟ୍ରରୁ ଅଣାଯାଇଥିବା ବାଘୁଣୀ 'ଯମୁନା' ବୋଲି ଲୋକେ ଆଶଙ୍କା କରୁଥିବା ବେଳେ ବନ ବିଭାଗ କର୍ମଚାରୀମାନେ ୨୪ ଘଣ୍ଟିଆ ସତର୍କତା ସହ ଅନୁଧ୍ୟାନ ଜାରି ରଖିଛନ୍ତି।


### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା, ଜିଲ୍ଲା: ସୁବର୍ଣ୍ଣପୁର

ବିଜ୍ଞାପନ ସଂଖ୍ୟା: ୧୮୩୩ ତାରିଖ: ୧୮।୧୧।୨୦୨୪

**ବିଜ୍ଞାପନ**

No. C-1049: ପୂର୍ବରୁ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ODF ସହର ଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ ମିଳିଥିଲା। ବର୍ତ୍ତମାନ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସହରକୁ ବାହ୍ୟ ମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଆଉ ଏକ ଆଗକୁ ବଢ଼ିଛି ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ODF+ ସହରଭାବେ ଘୋଷଣା କରିବାକୁ ଯାଉଅଛି। ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ କ୍ଷେତ୍ରସ୍ତରୀୟ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ODF+ ସହରଭାବେ ଘୋଷଣା କରିବାକୁ ଯାଉଅଛି। ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ କରାଯାଇ ISOର ମାନ୍ୟତା ମଧ ପାଇଛି। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତାଙ୍କଠାରୁ ଟ୧୦୦ଙ୍କା (ଏକ ଶତ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ୍ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡ଼ନ୍ତି ତେବେ ତାଙ୍କଠାରୁ ଟ୫୦୦/-ଙ୍କା (ପାଞ୍ଚ ଶତ ଟଙ୍କା) ଜରିମାନ ଆଦାୟ କରାଯିବ। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଲିଖିତ ଭାବେ ଜଣାଇ ପାରିବେ।

ସ୍ୱା./- ନିର୍ବାହୀ ଅଧିକାରୀ

OIPR-13199/11/0001/2425 ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ



### LEVEL-I TRANSPORT CONTRACTOR 2023-25
### NOTICE INVITING TENDER

**Office of District Manager**
**Odisha State Civil Supplies Corporation Ltd.(OSCSC)**
**KANDHAMAL (District)**

No.CAD-1650 Phone: 9438200046

District Website: www.kandhamal.nic.in

**Tender No.1841 Dated 19.11.2024**

**Cost of Tender Document: Rs.11800/- Inclusive of GST.**

Online Tenders are invited from eligible bidders for selection and appointment of level-I Transport contractor for transporation of Wheat from Food Storage Depot (FSD), **FCI JAGANNATHPUR to FSD PHULBANI & PEG K NUAGAON, CWC LANJIPALLI to FSD PHULBANI & PEG K NUAGAON.**

| | | |
|---|---|---|
| 1 | Availability of tender documents | From Date: **21.11.2024** Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 2 | Date, Time and Venue for pre-bid conference | On Dt.**25.11.2024**, At-Office of District Manager OSCSC Ltd., Kandhamal, Place-Collectorate,Kandhamal, Phulbani |
| 3 | Last date and time for **online** submission of completed Tender documents with enclosures | **Dt.5.12.2024 upto 05.00 (PM)** |
| 4 | Date, Time and Venue for **opening of Technical bid** by the Tender Committee | **Dt.6.12.2024 upto 11.00 (AM),** at Collectorate Campus, Kandhamal, Phulbani |
| 5 | Date, Time and Venue of submission of original documents in support of scanned copies uploaded in the portal for verification | **Dt.6.12.2024 upto 12.30 (A.M.)**, at Collectorate Campus, Kandhamal, Phulbani |
| 6 | Date & Time of **Financial Bid opening** by the Tender Committee (only of Technically Qualified Bidders) | **Dt.10.12.2024 at 11.00 A.M.** |
| 7 | Venue of the Opening of Technical & Financial Bids | Collectorate Campus, Kandhamal, Phulbani |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd. KANDHAMAL District Manager: No.- 9438200046 Accounts Head No. 9438164903 (ii) State Procurement Cell: 0674-2530998/ 18003456765 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in. 4. The bidder must deposit Tender document Fee and EMD at the time of submission of tender. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager**
**OSCSC Ltd., Kandhamal**

OIPR-07032/11/0001/2425



### OFFICE OF THE CDM & PHO, JHARSUGUDA

RFP NO. : 3254 Date - 19.11.2024

### Request for Proposal (RFP)

**No.E-506** : Sealed proposals are invited from intending eligible Agencies for Operationalization & Management of one number of Mobile Medical Van (MMV) in Jharsuguda, Odisha under DMF. The Agencies are requested to submit sealed Proposals as per the RFP on or before 10.12.2024 till 5.30 P.M. through Speed post/Register Post only. The detailed RFP document and terms & conditions is available in the district website www.jharsuguda.odisha.gov.in. This office will not entertain any tender/proposals after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

Sd./-
OIPR-10037/11/0004/2425 CDM&PHO, Jharsuguda



### GOVERNMENT OF ODISHA, "e"-PROCUREMENT NOTICE
### WORKS DEPARTMENT

E-mail : ceworldbankprojects@gmail.com

2nd corrigendum to
Bid Identification No. CE-BRIDGES-06/2024-25

**No.B-639** : Tender for the work at Sl.01 "Construction of H.L. Bridge over river Kusumi at 3.500 km of Pratapprasad - Darpanarayanpur road in the District of Nayagarh under State Plan for the year 2024-25" invited vide Bid Identification No. CE-BRIDGES-06/2024-25 is hereby cancelled due to administrative reasons.

Sd./-
Chief Engineer, Bridges
OIPR-34174/11/0018/2425 Odisha, Bhubaneswar



### OFFICE OF THE PANCHAYAT SAMITI, POTTANGI
DISTRICT: KORAPUT (ODISHA)

No. 3714/2024 Date: 18.11.2024

### NOTICE INVITING TENDER (NIT)
(Bid Identification No. 02/2024-25)

No. i-301: The percentage rate bids in double cover system through online mode are invited from the registered contractors for execution of 04 (Four) Nos. of civil works under Panchayat Samiti, Pottangi, District: Koraput (Odisha).

The detailed information of which are available in the e-procurement portal/ website **https://www.tenderodisha.gov.in**, in the Koraput District official website **https://www.koraput.odisha.gov.in** and in the Zilla Parishad, Koraput official website **https://www.drdakoraput.org**.

The bid documents will be available in the e-procurement portal from **19.11.2024 to 05.12.2024** for online bidding.

Last date for receipt of online bid is **05.12.2024 (upto 17.30 hours)**.

Sd./- Block Development Officer, Pottangi
OIPR-19174/11/0002/2425



GOVERNMENT OF ODISHA No. C-1034

### OFFICE OF THE SUPERINTENDING ENGINEER, P.H. DIVISION, BALANGIR

Email ID: eephbgr@yahoo.co.in, Ph. No.: (06652-234647)

### NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement

Bid Identification No. SE PH BGR 25/2024-25 Dt.16.11.2024

| | | |
|---|---|---|
| 01. | Name of the Work | 01 No. |
| 02. | Estimated Cost | Rs.423.41 Lakhs |
| 03. | Period of Completion | 06 Months |
| 04. | Date & time of availability of bid document in the portal | From 11.00 A.M. of Dt.22.11.2024 to 5.00 P.M. of Dt.07.12.2024 |
| 05. | Last date/time of receipt of bids in the portal | 5 P.M. of Dt.07.12.2024 |
| 06. | Date & time of opening of bids | At 11.00 A.M. of Dt.09.12.2024 |
| 07. | Name and address of the Officer Inviting Bid | Superintending Engineer, P.H. Division, Balangir, At: Tulsinagar, Dist.: Balangir - 767001 |

Further details can be seen from the website **https://tenders.ori.nic.in** or **www.tendersodisha.gov.in**.

Sd./- Superintending Engineer
OIPR-13005/11/0021/2425 P.H. Division, Balangir


Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ବର୍ତ୍ତମାନ ଡାଟା ଏକ ଅମୂଲ୍ୟ ସମ୍ପଦ ଭାବେ ବିବେଚିତ ହେଉଛି: ଉପମୁଖ୍ୟମନ୍ତ୍ରୀ ସିଂଦେଓ

## 'ଡାଟା ଫୋରେ - ୨୦୨୪' ଶୀର୍ଷକ ୨ ଦିନିଆ କର୍ମଶାଳା ଲୋକାର୍ପିତ




ଭୁବନେଶ୍ୱର, ୨୧।୧୧ (ସୁନିତ୍ ମିଶ୍ର)

ପରସ୍ପର ସହ ଜଡ଼ିତ ଦୁନିଆରେ ତଥ୍ୟ ଭିତ୍ତିକ ନିଷ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ନୀତି ନିର୍ମାତା, ନିବେଶକ, ଗବେଷକ ଏବଂ ନାଗରିକମାନଙ୍କୁ ଜଟିଳ ଆହ୍ୱାନଗୁଡ଼ିକୁ ଅନୁଧ୍ୟାନକରି ପ୍ରଭାବଶାଳୀ ଯୋଜନା ଏବଂ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିଥାଏ। ସ୍ୱାସ୍ଥ୍ୟସେବା, ଶିକ୍ଷା, ଅର୍ଥନୀତି କିମ୍ବା ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ, ବିଶ୍ୱସନୀୟ, ବ୍ୟାପକ ଏବଂ ସମୟୋପଯୋଗୀ ତଥ୍ୟର ନିତାନ୍ତ ଆବଶ୍ୟକତା ରହିଛି। ତଥ୍ୟଭିତ୍ତିକ ନିଷ୍ପତ୍ତି ନେବା ପାଇଁ ଡାଟା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ କାର୍ଯ୍ୟ କରିଥାଏ। ଯେକୌଣସି ସମସ୍ୟାକୁ ତୃଣମୂଳସ୍ତରରୁ ସମାଧାନ କରିବାରେ ମଧ୍ୟ ଡାଟାର ଆବଶ୍ୟକ ହୋଇଥାଏ। ସରକାର ଓ ନୀତି ନିର୍ମାତାମାନେ ତଥ୍ୟ ଉପରେ ଆଧାରକରି ନିଷ୍ପତ୍ତି ନିଅନ୍ତି। ଏଥିଯୋଗୁ ଆମେ ବିଭିନ୍ନ ସେବା ପ୍ରଦାନରେ ଉନ୍ନତି ଆଣିପାରିବା ସହ ନାଗରିକଙ୍କ ପାଇଁ ସ୍ୱଚ୍ଛ ପ୍ରକ୍ରିୟା ଅବଲମ୍ବନ କରିବା ଦ୍ୱାରା ଅଧିକ ପ୍ରଭାବଶାଳୀ ଫଳାଫଳ ହାସଲ କରିପାରିବା। ବର୍ତ୍ତମାନ ସମୟରେ ଡାଟା ଏକ ଅମୂଲ୍ୟ ସମ୍ପଦ ଭାବେ ସାରା ବିଶ୍ୱରେ ବିବେଚିତ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ନୀତି ଆୟୋଗ, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍ଓଏସ୍ପିଆଇ)ର ମିଳିତ ଆନୁକୂଲ୍ୟରେ ଏବଂ ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସହଯୋଗରେ ଗୁରୁବାରଠାରୁ 'ଡାଟା ଫୋରମ୍-୨୦୨୪' ଶୀର୍ଷକ ୨ ଦିନିଆ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦାନକରି କହିଛନ୍ତି, ଆମେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ତମ ବାର୍ଷିକୀ ପାଳନ କରିବାକୁ ଯାଉଛୁ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟ କରିବା ଦିଗରେ କାର୍ଯ୍ୟ କରିବା ସହ ୨୦୪୭ ସୁଦ୍ଧା ସରକାର 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା'ର ଯୋଜନା କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଯୋଗଦାନ କରିବାର ଲକ୍ଷ୍ୟ ରହିଥିବା ବେଳେ ଦ୍ରୁତ ଗତିରେ ବିକାଶ ଓ ଅଭିବୃଦ୍ଧି ପାଇଁ ଆମକୁ ଠିକ୍ ତଥ୍ୟ ଉପଲବ୍ଧତାର ଆବଶ୍ୟକତା ରହିଛି। ମିଳିତ ଜାତିସଂଘ-ଭାରତରେ ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ଯୋଗଦେଇ ଡାଟା ଫୋରମରୁ ତଥ୍ୟ କିଭଳି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହୋଇପାରିବ, ସେଥିପ୍ରତି ଆଲୋକପାତ କରିଛନ୍ତି। ନୀତି ଆୟୋଗର ପ୍ରମୁଖ ଅର୍ଥ ପରାମର୍ଶଦାତା ଆନ୍ନା ରାୟ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତକରି ଏହି ସମ୍ମିଳନୀ ତଥ୍ୟ ସଂଗ୍ରହ ପରିସଂସ୍ଥାକୁ ଆହୁରି ଉନ୍ନତ ଓ ସମୃଦ୍ଧ କରିବାରେ ସହାୟକ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି କହିଛନ୍ତି।

# ତଦନ୍ତ ଚାଲିଥିବା ଜଣାଇଲେ ରାଜ୍ୟ ସରକାର

## ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦ ମାମଲା

କଟକ,୨୧।୧୧ (କାର୍ତ୍ତିକ ସାହୁ)

ଭୁବନେଶ୍ୱରର ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦକୁ ନେଇ ରୁଜୁ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ଭରତପୁର ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର କମିଶନ ଗଠନ କରିଛନ୍ତି ଓ କମିଶନ ତଦନ୍ତ ଜାରି ରଖିଥିବା ନେଇ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାନୁସାରେ, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସ୍ଥିତି ଓ ସେନା ଅଧିକାରୀଙ୍କ ବିରୋଧରେ ରୁଜୁ ମାମଲାର ସ୍ଥିତି ସଂକ୍ରାନ୍ତରେ ହାଇକୋର୍ଟ ବୁଧବାର ଶୁଣାଣିରେ ଜାଣିବାକୁ ଚାହିଁଥିଲେ। ଏଥିସହ କ୍ରାଇମ୍‌ବ୍ରାଞ୍ଚ ତଦନ୍ତର ସ୍ଥିତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କରିବାକୁ ଆସିଥିବା ସେନା ଅଧିକାରୀଙ୍କ ବିରୋଧରେ ପୋଲିସ୍ ରୁଜୁ କରିଥିବା ମାମଲାର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବୈକୁଣ୍ଠଧାମ ଆଶ୍ରମ ଉଚ୍ଛେଦ ଘୋଷଣା ଉପରେ ହାଇକୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର,୨୧।୧୧ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ମୌଜାରେ ସରକାରୀ ଜମିରେ ଥିବା ଥିବା ଶ୍ରୀ ବୈକୁଣ୍ଠଧାମ ଆଶ୍ରମକୁ ନେଇ ବିବାଦ ଲାଗିଥିବା ବେଳେ ଗୁରୁବାର ଭିନ୍ନ ମୋଡ଼ ନେଇଛି। ସରକାରୀ ଜମିରେ ଏହି ଆଶ୍ରମ ଥିବାରୁ ଏହାକୁ ଉଚ୍ଛେଦ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଗୁରୁବାର ଘୋଷଣା ହୋଇଥିବାବେଳେ ହାଇକୋର୍ଟ ଏହା ଉପରେ ଅନ୍ତରୀଣ ରହିତାଦେଶ ଲଗାଇଛନ୍ତି। ଆସନ୍ତା ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଆଶ୍ରମ ଭଙ୍ଗାଯିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ତହସିଲ ପକ୍ଷରୁ ମିଳିତ ଭାବେ ଆଶ୍ରମର ଜମିକୁ ମାପଚୁପ କରି ଉକ୍ତ ସ୍ଥାନ ସରକାରୀ ଜମି ବୋଲି କୁହାଯାଇଥିଲା। ଗୁରୁବାର ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଆଶ୍ରମ ନିକଟରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଶୁକ୍ରବାର ଆଶ୍ରମ ଉଚ୍ଛେଦ ହେବ ବୋଲି ଘୋଷଣା କରାଯାଇଥିଲା। ଏପରିକି ଘାଟିକିଆ ମୌଜା ସରକାରୀ ପ୍ଲଟ୍ ନଂ. ୯୦୩୭/୯୦୩୮ ପ୍ଲଟ୍ ଉପରେ ଥିବା ବେଆଇନ୍ ଜବରଦଖଲ ଭିତରୁ ଜିନିଷପତ୍ରଗୁଡ଼ିକୁ ନିଜ ଯତ୍ନରେ କାଢ଼ି ନେଇଯିବାକୁ କୁହାଯାଇଥିଲା। ନ ହେଲେ ଶୁକ୍ରବାର ସେଗୁଡ଼ିକୁ ଉଚ୍ଛେଦ କରାଯିବ। ଉଚ୍ଛେଦ ସମୟରେ କୌଣସି କ୍ଷୟକ୍ଷତି ହେଲେ ସେଥିପାଇଁ ସରକାର ଦାୟୀ ରହିବେ ନାହିଁ ବୋଲି ସୂଚିତ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆଶ୍ରମ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ପିଟିଶନ ଦାଖଲ କରାଯାଇଥିଲା।

# ୨୭ରୁ ଦିଲ୍ଲୀରେ ଏଆଇଡିଏସ୍‌ଓର ସର୍ବଭାରତୀୟ ଛାତ୍ର ସମ୍ମିଳନୀ

## ଶିକ୍ଷା ସମସ୍ୟା ନେଇ ହେବ ମାନସମନ୍ଥନ




ଭୁବନେଶ୍ୱର,୨୧।୧୧ (ସୁଚିସ୍ମିତା ସାହୁ)

ଶିକ୍ଷା ସମସ୍ୟାର ସମାଧାନ ଓ ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେଶନ (ଏଆଇଡିଏସ୍‌ଓ) ପକ୍ଷରୁ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ତାଲକୋଟ୍ରା ଷ୍ଟାଡିୟମରେ ସର୍ବଭାରତୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହେବ। ଏନେଇ ଏଆଇଡିଏସ୍‌ଓ ରାଜ୍ୟ ପରିଷଦ ପକ୍ଷରୁ ଗୁରୁବାର ବୁଲନ ଭାଇ ସେବା ଭବନଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଫେରାଇଦେବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ତୁରନ୍ତ ଖୋଲିବା, କ୍ୟାମ୍ପସ ଓ ବାହାରେ ଛାତ୍ରୀ ତଥା ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଆଦି ଦାବିକୁ ନେଇ ଆଲୋଚନା ହେବ ବୋଲି ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ସୂଚନା ଦେଇଛନ୍ତି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଶିକ୍ଷାନୁଷ୍ଠାନଗୁଡ଼ିକରୁ ଛାତ୍ରୀଛାତ୍ର, ଶିକ୍ଷାବିତ, ବୁଦ୍ଧିଜୀବୀ, ସାଂସ୍କୃତିକ କର୍ମୀ, ଛାତ୍ର ସଂଗଠନର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିବେ। ପ୍ରଫେସର ଇର୍ଫାନ ହବିବ, ବିଏସ୍ ଆର୍କାଇବର ଉପଦେଷ୍ଟା ପ୍ରଫେସର ଚମନ ଲାଲ, ଏଆଇଡିଏସ୍‌ଓର ପୂର୍ବତନ ସଭାପତି ଅରୁଣ କୁମାର ସିଂ, ଏସୟୁସିଆଇ(ସି)ର ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ଯୋଗଦେବେ। ଏଆଇଡିଏସ୍‌ଓର ସାଧାରଣ ସମ୍ପାଦକ ସୌରଭ ଘୋଷ ସଭାପତିତ୍ୱ କରିବେ ଓ ସର୍ବଭାରତୀୟ ସଭାପତି ଭି. ଏନ୍. ରାଜଶେଖର ବକ୍ତବ୍ୟ ରଖିବେ। ଖବରଦାତା ସମ୍ମିଳନୀରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦ ଅଫିସ ସମ୍ପାଦକ ନସିମ ସରକାର ଓ କୋଷାଧ୍ୟକ୍ଷା ସପ୍ତର୍ଷିନୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ନୂଆଦିଲ୍ଲୀରେ ଓଡ଼ିଶା ପର୍ବ

ଭୁବନେଶ୍ୱର, ୨୧।୧୧(ସୁନିତ୍ ମିଶ୍ର)

ନୂଆଦିଲ୍ଲୀଠାରେ ଶୁକ୍ରବାରଠାରୁ ଆସନ୍ତା ୨୪ ପର୍ଯ୍ୟନ୍ତ ଓଡ଼ିଆ ସମାଜ ପକ୍ଷରୁ ଓଡ଼ିଶା ପର୍ବ କାର୍ଯ୍ୟକ୍ରମ ପାଳନ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଭାବାନ କଳାକାର, ଲେଖକ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା ଓ କୀର୍ତ୍ତିରାଜିର ଇତିହାସ ଝଲସିବ। ଓଡ଼ିଆ ସଂସ୍କୃତିର ପ୍ରଚାର ଓ ସୁରକ୍ଷା ପାଇଁ 'ଓଡ଼ିଆ ସମାଜ' ପକ୍ଷରୁ ପ୍ରତିବର୍ଷ ଦିଲ୍ଲୀରେ ଜାତୀୟ ମଞ୍ଚରେ 'ଓଡ଼ିଶା ପର୍ବ'ର ଆୟୋଜନ ହୋଇଆସୁଛି।

# ମୋଷ୍ଟ ୱାଣ୍ଟେଡ ଅନନ୍ତଙ୍କୁ ହତ୍ୟା

ଶେରଗଡ଼/ବ୍ରହ୍ମପୁର,୨୧।୧୧ (ସୂର୍ଯ୍ୟ ନାରାୟଣ ଦାଶ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ପୋଲିସର ମୋଷ୍ଟ ୱାଣ୍ଟେଡ କୋଟିନଡା ଥାନା ଅନ୍ତର୍ଗତ କଲେଜ ଛକ ଅଞ୍ଚଳର ଅନନ୍ତ ପଟ୍ଟନାୟକଙ୍କ (୪୦)ଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି। ଅନନ୍ତଙ୍କ ନାମରେ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ୨୫ଟି ବିଭିନ୍ନ ଆପରାଧିକ ମାମଲା ରହିଛି। ଦୀର୍ଘଦିନ ହେଲା ସେ ପୋଲିସକୁ ଚକମା ଦେଇ ଖସି ଯାଉଥିଲେ। ବୁଧବାର ରାତିରେ ବନ୍ଧାଗୁଡା-ବାଦଗଡ ରାସ୍ତା ମଧ୍ୟରେ ଥିବା ଜଙ୍ଗଲିଆ ରାସ୍ତାରେ ବିପକ୍ଷ ଗୋଷ୍ଠୀ କାର୍‌ରେ ପିଛାକରି ତାଙ୍କୁ ଘେରିଯାଇ ହତ୍ୟା କରିଛନ୍ତି। ପୋଲିସ ଗୁରୁବାର ହତ୍ୟାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ସେମାନଙ୍କ ବ୍ୟବହୃତ କାର, କାଠଫାଳିଆ ଓ ବନ୍ଧୁକ ଜବତ କରିଛି। ଅନନ୍ତଙ୍କ ସହ ବାଇକ୍‌ରେ ଯାଉଥିବା ହାଡ଼ିସିରା ଗ୍ରାମର ଶ୍ରୀକାନ୍ତ ସ୍ୱାଇଁ ଓ ସିନ୍ଦାଗୁଡାର ଓଁ ଶଙ୍କର ଗୌଡ଼ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ସେମାନଙ୍କ ବୟାନ ରେକର୍ଡ କରିଛି।

ପ୍ରକାଶ ଯେ, କୌଣସି ଉଦ୍ଦେଶ୍ୟରେ ଅନନ୍ତ, ତାଙ୍କର ଦୁଇ ସହଯୋଗୀଙ୍କ ସହ ନିଜ ବାଇକ୍‌ରେ ଶେରଗଡରୁ ଫେରୁଥିଲେ। ରାତ୍ର ପ୍ରାୟ ସାଢ଼େ ୮ଟାରେ ଏକ କାରରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଜଙ୍ଗଲିଆ ରାସ୍ତାରେ ଅଟକାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ଖବରପାଇ ଶେରଗଡ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲା। ସେଠାରେ ଅନନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ଆସିକା ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ପାଟପୁର, ଶେରଗଡ, କୋଟିନଡା ଓ ଶେରଗଡ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଅନନ୍ତଙ୍କ ବାପା ଦଣ୍ଡପାଣି ପଟ୍ଟନାୟକଙ୍କ ଅଭିଯୋଗ ପ୍ରକାରେ ନଂ.୪୭୫/୨୪ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବୀରେନ୍ଦ୍ର ସିଆଲ ସୂଚନା ଦେଇଛନ୍ତି।

# ରଶ୍ମିକାଙ୍କ ସହ ଡେଟିଂ ଖବରକୁ ସ୍ୱୀକାରକଲେ ବିଜୟ



**ହାଇଦ୍ରାବାଦ:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଲୋକପ୍ରିୟ ଅଭିନେତା ଓ ଫିଲ୍ମ ନିର୍ମାତା ଭାବେ ବିଜୟ ଦେବରକୋଣ୍ଡା ଜଣାଶୁଣା। ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଦୀର୍ଘଦିନ ଧରି ଅନେକ ଆଲୋଚନା ଚାଲିଥିବା ସଙ୍ଗେ ସଙ୍ଗେ ବିଭିନ୍ନ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା। ଗୁରୁବାର ଏକ ସାକ୍ଷାତ୍‌କାରରେ ବିଜୟ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ 'କର୍ଲି ଟେଲ୍ସ' ସହ ଆଲୋଚନା ସମୟରେ ବିଜୟ ତାଙ୍କ ବ୍ୟକ୍ତିଗତ ଜୀବନ ସହ ପ୍ରେମ ଏବଂ ବିବାହ ପରି ପ୍ରସଙ୍ଗକୁ ନେଇ ନିଜର ମତାମତ ରଖିଛନ୍ତି। ଏହି ସାକ୍ଷାତ୍‌କାରରେ କୌଣସି ପ୍ରେମ ସମ୍ପର୍କରେ ଅଛନ୍ତି କି ନାହିଁ ବୋଲି ବିଜୟଙ୍କୁ ପଚରାଯାଇଥିଲା। ସେ କହିଥିଲେ, ''ମୋର ବୟସ ଏବେ ୩୫। ଆପଣଙ୍କୁ ଲାଗୁଛି ମୁଁ ଏପର୍ଯ୍ୟନ୍ତ ସିଙ୍ଗଲ ଥିବି।'' ଯେତେବେଳେ ବିଜୟଙ୍କୁ ରଶ୍ମିକାଙ୍କ ସହ ତାଙ୍କର ଡେଟିଂକୁ ନେଇ ପ୍ରକାଶ ପାଇଥିବା ବିଭିନ୍ନ ରିପୋର୍ଟ ବିଷୟରେ ପଚରା ଯାଇଥିଲା ସେ କହିଥିଲେ, '' ହଁ, ଏହା ସତ୍ୟ। ବିଭିନ୍ନ ଫିଲ୍ମରେ ମୋର ସାଥୀ ନାୟିକା ସାଜିଥିବା ଜଣେ ଅଭିନେତ୍ରୀଙ୍କୁ ମୁଁ କିଛି ବର୍ଷ ଧରି ଡେଟ୍ କରି ଆସୁଛି।'' ଯଦିଓ ଏହି ସାକ୍ଷାତ୍‌କାରରେ ବିଜୟ ସ୍ପଷ୍ଟ ଭାବେ କାହାର ନାଁ ନେଇ ନ ଥିଲେ, ତଥାପି ପରୋକ୍ଷରେ ସେ ରଶ୍ମିକାଙ୍କ ସହ ତାଙ୍କ ସମ୍ପର୍କକୁ ସ୍ୱୀକାର କରିଥିଲେ। ଉଭୟେ ରଶ୍ମିକା ଓ ବିଜୟ 'ଗୀତ ଗୋବିନ୍ଦମ', 'ଡିଅର କମ୍ରେଡ' ପରି ଅନେକ ହିଟ୍ ଚଳଚ୍ଚିତ୍ରରେ ଏକାଠି ନଜରକୁ ଆସିଛନ୍ତି। ଏହି ଚଳଚ୍ଚିତ୍ରଗୁଡ଼ିକରେ ସେମାନଙ୍କର ଅନ୍ ସ୍କ୍ରିନ୍ କେମେଷ୍ଟ୍ରି ଓ ରୋମାନ୍ସକୁ ଉଭୟଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଥିଲେ। ତେବେ କେବଳ ଅନ୍‌ସ୍କ୍ରିନ୍‌ରେ ନୁହେଁ, ବିଭିନ୍ନ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ଉଭୟ ବିଜୟ ଏବଂ ରଶ୍ମିକାଙ୍କୁ ଅନେକ ଥର ଏକାଠି ଦେଖିବାକୁ ମିଳିଛି। ଏହାର ଅନେକ ଫଟୋ ପ୍ରାୟତଃ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ। ଫଳରେ ଏହି ହିଟ୍ ଯୋଡ଼ି ପରସ୍ପର ସହ ରିଲେଶନ୍‌ଶିପ୍‌ରେ ଥିବା ନେଇ ଉଭୟଙ୍କର ଅନେକ ପ୍ରଶଂସକ ଅନୁମାନ କରୁଥିଲେ। ଏହି ସାକ୍ଷାତ୍‌କାରରେ ପ୍ରେମ ଉପରେ ତାଙ୍କର ଦୃଷ୍ଟିକୋଣ ବିଷୟରେ ଆଲୋଚନାକରି ବିଜୟ କହିଛନ୍ତି, ଭଲପାଇବାର ଅନୁଭୂତି କ'ଣ ସେ ଜାଣିଛନ୍ତି। ସର୍ତ୍ତମୂଳକ ପ୍ରେମକୁ ସେ ପସନ୍ଦ କରନ୍ତି, ଯେଉଁଥିରେ ୨ ପ୍ରେମୀ ଯୁଗଳ ପରସ୍ପରକୁ ସମ୍ମାନ ଦେବା ସହ ପରସ୍ପରର ପ୍ରାଥମିକତାକୁ ଗ୍ରହଣ କରନ୍ତି। ସେହିପରି ଚଳଚ୍ଚିତ୍ର ଶିଳ୍ପରେ ବିବାହ କରିବା ପରେ ଅନେକଙ୍କ କ୍ୟାରିୟର ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ବିଶେଷକରି ଅଭିନେତ୍ରୀମାନଙ୍କୁ ବିବାହ ପରେ ନିଜ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସନ୍ତୁଳିତ କରିବା ସହ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ବିଜୟ କହିଛନ୍ତି।

# ମହିଳା ଓ ଶିଶୁ ବିକାଶ ବିଭାଗ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ



## ହାଇକୋର୍ଟରେ ମହିଳା କମିଶନ ସଦସ୍ୟାଙ୍କୁ ବରଖାସ୍ତ ପ୍ରସଙ୍ଗ

କଟକ,୨୧।୧୧ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ମହିଳା କମିଶନ ସଦସ୍ୟାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ବରଖାସ୍ତ କରିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ବିଚାରପତି ଏସ୍.କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଡିସେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାନୁସାରେ, ଓଡ଼ିଶା ରାଜ୍ୟ ମହିଳା କମିଶନ୍‌ର ୩ ଜଣ ସଦସ୍ୟାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ୨୦୨୪ ନଭେମ୍ବର ୯ ତାରିଖରେ ବରଖାସ୍ତ କରିଛନ୍ତି। ଏହାକୁ ବେଆଇନ ଦର୍ଶାଇ ବବିତା ସ୍ୱାଇଁ, ସ୍ୱର୍ଣ୍ଣଲତା ସାମଲ ଓ ଅନ୍ୟ ସଦସ୍ୟ ହାଇକୋର୍ଟରେ ପୃଥକ ମାମଲା ଦାଏର କରିଛନ୍ତି। ଉକ୍ତ ବିଜ୍ଞପ୍ତିକୁ ବେଆଇନ ବୋଲି ଦର୍ଶାଯିବା ସହିତ ଏହାକୁ ରଦ୍ଦ କରିବାକୁ ସମସ୍ତ ମାମଲାରେ ନିବେଦନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଆବେଦନକାରୀଙ୍କୁ ମହିଳା କମିଶନ ସଦସ୍ୟା ଭାବେ ୨୦୨୩ ଏପ୍ରିଲ ୨୮ରେ ନିଯୁକ୍ତି ଦିଆଯାଇଥିଲା। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ପ୍ରକାଶିତ ବିଜ୍ଞପ୍ତିରେ ସଦସ୍ୟାଙ୍କ କାର୍ଯ୍ୟକାଳ ୩ ବର୍ଷ ବୋଲି ସ୍ପଷ୍ଟ କରାଯାଇଥିଲା। ୨୦୨୪ ଅକ୍ଟୋବର ୨୮ରେ ମହିଳା ଓ ଶିଶୁବିକାଶ ବିଭାଗ ତରଫରୁ ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ମାମଲା ଫଇସଲା ଓ କ୍ୟାମ୍ପ କୋର୍ଟ ଆୟୋଜନ କ୍ଷେତ୍ରରେ ପ୍ରଦର୍ଶନ ସନ୍ତୋଷଜନକ ନ ଥିବା ନୋଟିସ୍‌ରେ ଦର୍ଶାଯାଇଥିଲା। ୨୯ ତାରିଖରେ ଆବେଦନକାରୀ ଏହାର ଉତ୍ତର ରଖି ଏ ସମ୍ପର୍କିତ ନଥିପତ୍ର ପ୍ରଦାନ ପାଇଁ ଅନୁରୋଧ କରିଥିବାବେଳେ ପୁଣି ସେହିଦିନ ଆଉ ଏକ କାରଣ ଦର୍ଶାଅ ନୋଟିସ ମହିଳା ଓ ଶିଶୁ ବିକାଶ ବିଭାଗ ଜାରି କରିଥିଲା। ନଭେମ୍ବର ୧ରେ ଆବେଦନକାରୀ ଉତ୍ତର ଦାଖଲ କରିଥିଲେ। କିନ୍ତୁ ନଭେମ୍ବର ୯ରେ ଆବେଦନକାରୀ ସଦସ୍ୟାଙ୍କ ବରଖାସ୍ତ ନେଇ ମହିଳା ଓ ଶିଶୁବିକାଶ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ପକ୍ଷ ରଖିବାକୁ ସୁଯୋଗ ନ ଦେଇ ବରଖାସ୍ତ ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ଏହା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରି ବରଖାସ୍ତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବାରୁ ଏହାକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

# ସମୁଦ୍ରରେ ପାଟ୍ରୋଲିଂ ବେଳେ ବନ ବିଭାଗ ଟ୍ରଲର ଚାଳକଙ୍କ ମୃତ୍ୟୁ

ରାଜନଗର ୨୧।୧୧ (ଭାସ୍କର ରାଉତରାୟ)

ଗହୀରମଥା ନିଷିଦ୍ଧାଞ୍ଚଳରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ସମୟରେ ସେମାନଙ୍କୁ ସୁରକ୍ଷା ଦେବାକୁ ଗଭୀର ସମୁଦ୍ରରେ ପଇଁତରା ଦେଉଥିବାବେଳେ ରାଜନଗର ବନ ବିଭାଗର ଟ୍ରଲର ଚାଳକ ବୁଧବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ବନ ବିଭାଗର ଆଇନକୁ ବେଖାତିର କରି ଏକ ଟ୍ରଲର ମାଛ ଧରୁଥିବା ବେଳେ ତାକୁ କାବୁ କରିବା ସମୟରେ ଏଭଳି ଘଟିଛି। ପରେ ବନକର୍ମଚାରୀମାନେ ଟ୍ରଲରକୁ କୂଳକୁ ଆଣି ଚାଳକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବୁଧବାର ରାତି ପ୍ରାୟ ୧୦ଟାରେ ଗହୀରମଥା ରେଞ୍ଜର ଅଲିଭିଆ ଟ୍ରଲର ଶାସନପେଟାରୁ ପଇଁତରା ପାଇଁ ବାହାରିଥିଲା। କୂଳଠାରୁ ୧୫ କି.ମି. ଗଭୀର ସମୁଦ୍ରରେ ମାଦଳୀମାଉଥ ନିକଟରେ ପଇଁତରା ଦେଉଥିବା ବେଳେ ବେଆଇନ ଭାବେ ମାଛ ମାରୁଥିବା ନାଗେଶ୍ୱରୀ -୫ ନାମକ ଏକ ଟ୍ରଲରକୁ କାବୁ କରିବାକୁ ଟିମ୍ ବାହାରିଥିଲା। ଏହି ସମୟରେ ଅଲିଭିଆ ଟ୍ରଲରର ଡ୍ରାଇଭର ଚଞ୍ଚଳ ମାଇତି (୫୫) ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ଅନ୍ୟ ଜଣେ ଡ୍ରାଇଭରଙ୍କୁ ଟ୍ରଲର ଦେଇ ପଛକୁ ଆସି ଚେୟାରରେ ବସି ପଡ଼ିବା ସହ ପାଣି ମାଗି ପିଇଥିଲେ। ସେହି ସମୟରେ ଟ୍ରଲର ଜବତ ଓ ଟ୍ରଲରରେ ଥିବା ମତ୍ସ୍ୟଜୀବୀଙ୍କୁ ଗିରଫ ପ୍ରକ୍ରିୟା ଚାଲିଥିବାରୁ କାହାର ଚଞ୍ଚଳଙ୍କ ପ୍ରତି ନଜର ନ ଥିଲା। ଟ୍ରଲର ଜବତ ପ୍ରକ୍ରିୟା ସରିବା ପରେ ବନକର୍ମଚାରୀମାନେ ଦେଖିବା ବେଳକୁ ଚଞ୍ଚଳ ଆଣ୍ଠେଇ କି ଟଳି ପଡ଼ିଛନ୍ତି। କର୍ମଚାରୀମାନେ କ'ଣ ହୋଇଛି ପଚାରିବାରୁ ସେ ଶୁଣି ନ ଥିଲେ। ତାଙ୍କ ଦେହରେ ହାତ ମାରିଦେବା ପରେ ସେ ଟଳି ପଡ଼ିଥିଲେ। ଟ୍ରଲରରେ ଥିବା ବନକର୍ମଚାରୀମାନେ ତାଙ୍କୁ ଶୁଆଇ ପମ୍ପିଂ କରି ଶାସନପେଟା ଯାଏ ଆଣିଥିଲେ। ସେତେବେଳକୁ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲା। କୂଳରେ ପହଞ୍ଚିବା ପରେ ଚଞ୍ଚଳଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚଞ୍ଚଳଙ୍କ ଘର ମହାକାଳପଡ଼ା ବ୍ଲକ ମୁଣ୍ଡତଳସାହାଡାକଣି ଗାଁରେ। ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏସିଏଫ୍ ମାନସ କୁମାର ଦାସ, ରେଞ୍ଜ୍ ଅଫିସର ପ୍ରଦୋଷ କୁମାର ମହାରଣା ଓ ଗହୀରମଥା ରେଞ୍ଜ୍‌ର ସମସ୍ତ ବନ କର୍ମଚାରୀ ଶ୍ମଶାନରେ ଉପସ୍ଥିତ ରହିଥିଲେ। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ଶେଷକୃତ୍ୟ ପାଇଁ ୧୦ ହଜାର ଟଙ୍କା ଦିଆଯାଇଛି। ଡ୍ୟୁଟି ସମୟରେ ଚଞ୍ଚଳଙ୍କ ମୃତ୍ୟୁ ହୋଇଥିବାରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ତାଙ୍କ ପୁଅକୁ ଚାକିରି ଦେବାକୁ ପରିବାର ଲୋକେ ଓ ଗ୍ରାମବାସୀ ଏସିଏଫ୍ ଓ ଡିଏଫ୍‌ଓଙ୍କୁ ଭେଟି ଦାବି କରିଛନ୍ତି। ଦୀର୍ଘ ୧୫ବର୍ଷ ହେଲା ଚଞ୍ଚଳ ବନ ବିଭାଗରେ କାମ କରି ଆସୁଥିଲେ।

# ଅଢ଼େଇ ଲକ୍ଷରେ ହୋଇଥିଲା ଡିଲ୍

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣା

## ମାଷ୍ଟରମାଇଣ୍ଡ ସମେତ ୪ ଗିରଫ

ଭଦ୍ରକ, ୨୧।୧୧(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଆମ୍ବରୋଳି ସେବା ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ରାଉତଙ୍କ ହତ୍ୟାକାଣ୍ଡର ଗୁମର ଖୋଲିଛି। ଚିତ୍ତରଞ୍ଜନଙ୍କୁ ହତ୍ୟା ପାଇଁ ୨ ମାସ ତଳୁ ଅଢ଼େଇ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଅଗ୍ରୀମ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପରେ ବାକି ଟଙ୍କା ଦେବା ପାଇଁ ମାଷ୍ଟରମାଇଣ୍ଡ କହିଥିଲେ। ମାଷ୍ଟରମାଇଣ୍ଡଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ବନ୍ଧଗାଁର ବିଦ୍ୟୁତ୍ କୁମାର ସାହୁ(ଧୁମା), ବାଦଲ କୁମାର ସାମଲ, ସରୋଜ କୁମାର ସାହୁ ଓ ପ୍ରଶାନ୍ତ ରାଉତ। ବାଦଲ, ସରୋଜ ଓ ପ୍ରଶାନ୍ତଙ୍କ ବୟସ ୨୨ରୁ ୨୫ ମଧ୍ୟରେ ହେବ। ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଏନେଇ ସୂଚନା ଦେଇଛନ୍ତି।

ଧୁମାଙ୍କର ଧାନ ବ୍ୟବସାୟ ସହ ଲୁହାରଡ୍ ଓ ସିମେଣ୍ଟ କାରବାରରେ ଚିତ୍ତରଞ୍ଜନଙ୍କ ଯୋଗୁ କ୍ଷତି ଘଟୁଥିଲା। ତାଙ୍କୁ ରାସ୍ତାରୁ ହଟାଇବାକୁ ସେ ୨ମାସ ତଳୁ ଯୋଜନା କରି ଡିଲ୍ କରିଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ରାତିରେ ଚିତ୍ତରଞ୍ଜନ ଏକ ଅଷ୍ଟପ୍ରହର କାର୍ଯ୍ୟକ୍ରମରୁ ଫେରୁଥିବା ବେଳେ ସରୋଜ ତାଙ୍କୁ ମଦ ପିଇବା ପାଇଁ ଫୁଟ୍‌ବଲ ଖେଳପଡ଼ିଆକୁ ଡାକିଥିଲେ। ସେଠାରେ ସମସ୍ତଙ୍କ ସହ ମଦ୍ୟପାନ କରି ସେ ଘରକୁ ଫେରୁଥିଲେ। ସୁପାରି ନେଇଥିବା ୩ଜଣ ଏକ ବାଇକ୍‌ରେ ତାଙ୍କୁ ପିଛା କରି ରାସ୍ତାରେ ଅଟକାଇଥିଲେ। ସେ ଅଟକିବା ପରେ ତାଙ୍କ ମୁଣ୍ଡକୁ ଖାସିକଟା ଛୁରିରେ ୩ଥର ହାଣିଥିଲେ। ମୃତଦେହ ସେଠାରେ ପକାଇବା ପରେ ତାଙ୍କ ବାଇକ୍‌କୁ ଏକ ପୋଖରୀରେ ଲୁଚାଇଥିଲେ। ତାଙ୍କ ମୋବାଇଲକୁ ଭାଙ୍ଗି ସେହି ଭଙ୍ଗା ମୋବାଇଲ, ଚପଲ ଓ ହତ୍ୟାରେ ବ୍ୟବହୃତ ଛୁରିକୁ ସେଠାରୁ ପ୍ରାୟ ୪ କି.ମି. ଦୂର ଝଟିଆ କେନାଲ ବନ୍ଧ ନିକଟସ୍ଥ ବାଉଁଶ ବୁଦାରେ ଲୁଚାଇଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ରାତି ୯ଟା ୧୫ରୁ ୯ଟା ୩୦ମଧ୍ୟରେ ହତ୍ୟାକାଣ୍ଡ ଘଟିଥିବା ଡିଆଇଜି କହିଛନ୍ତି। ହତ୍ୟାକାରୀଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଚିତ୍ତରଞ୍ଜନ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ସେ କାହା ସହ ମଦ ପିଇଥିଲେ ଏବଂ କେଉଁଠି ପିଇଥିଲେ, ତାକୁ ଆଧାର କରି ଫୋନ୍ କଲ୍ ଯାଞ୍ଚ ପରେ ପ୍ରଥମେ ୩ ଅଭିଯୁକ୍ତଙ୍କୁ ପୋଲିସ ଠାବ କରିଥିଲା। ପରେ ମାଷ୍ଟରମାଇଣ୍ଡ ଧୁମାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କଠାରୁ ଏକ ବାଇକ୍ ଓ ୪ଟି ମୋବାଇଲ ଜବତ କରାଯାଇଛି। ଏହି ହତ୍ୟାକାଣ୍ଡରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତ ଚାଲିଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଓ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମୃତ, ଯବାନ ଆହତ

## ଆତ୍ମରକ୍ଷା ପାଇଁ ଓଡ଼ିଶାକୁ ପଶିଲେ ମାଓବାଦୀ

ମାଲକାନଗିରି/ଏମ୍‌ଭି ୭୯, ୨୧।୧୧(ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)

ଦୀର୍ଘ ୮ ବର୍ଷ ପରେ ମାଲକାନଗିରି ଜିଲାରେ ଛତିଶଗଡ଼ ମାଓବାଦୀଙ୍କ ପ୍ରବେଶକୁ ସୁରକ୍ଷା କର୍ମୀମାନେ ପଣ୍ଡ କରିଛନ୍ତି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଡିଭିଏଫ୍ ବାହିନୀର ଯବାନ ଡମ୍ବର ବଡ଼ନାୟକ। ତାଙ୍କ ଅଣ୍ଟାରେ ଗୁଳି ବାଜିଥିଲା। ତାଙ୍କୁ ସୁରକ୍ଷା କର୍ମୀ ମାଲକାନଗିରି ଜିଲା ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁରୁବାର ହେଲିକପ୍ଟର ଯୋଗେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ମୃତ ମାଓବାଦୀଙ୍କ ପରିଚୟ ମିଳି ନାହିଁ। ପ୍ରକାଶ ଯେ, ବୁଧବାର ଏମ୍‌ଭି ୭୯ ଥାନା ଜିଲେନଗୁଡ଼ା ଜଙ୍ଗଲ ଛତିଶଗଡ଼ ଶବରୀ ନଦୀରେ ଏକ ଡଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ମାଓବାଦୀ ମାଲକାନଗିରି ଜିଲାରେ ପ୍ରବେଶ କରୁଥିବା ଗୋଇନ୍ଦା ବିଭାଗ ଖବର ପାଇଥିଲା। ଜିଲା ପୋଲିସ ଓ ଡିଭିଏଫ୍ ଜିଲେନଗୁଡ଼ା ଜଙ୍ଗଲରେ ଜଗି ରହିଥିଲେ। ଯବାନଙ୍କ ଉପସ୍ଥିତି ଜାଣି ସେମାନେ ଗୁଳି ଚଳାଇବାରୁ ପାଲଟା ଜବାବରେ ପୋଲିସ ଓ ଡିଭିଏଫ୍ ମଧ୍ୟ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଥିଲା। ତେବେ ଡ୍ରୋନ୍ କ୍ୟାମେରା ଏବଂ ସ୍ଥଳପଥରେ ସର୍ଚ୍ଚ ଜାରି ରହିଛି। ଉକ୍ତ ଅଞ୍ଚଳରେ ଏବେବି ମାଓବାଦୀ ଲୁଚି ରହିଥିବା ଜଣାପଡ଼ିଛି। ସର୍ଚ୍ଚ ଶେଷ ହେବାପରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଛତିଶଗଡ଼ରେ ସୁରକ୍ଷା କର୍ମୀମାନେ ମାଓବାଦୀଙ୍କ ଉପରେ ଆକ୍ରମଣ, ୪ ମାସ ମଧ୍ୟରେ ପ୍ରାୟ ୩୦୦ ମାଓବାଦୀଙ୍କୁ ଗୁଳିକରି ହତ୍ୟା, ଅନେକଙ୍କୁ ଗିରଫ, ବହୁ ସଂଖ୍ୟାରେ ମିଲିସିଆଙ୍କ ଆତ୍ମସମର୍ପଣକୁ ନେଇ ସଙ୍ଗଠନ ଦୁର୍ବଳ ହେଉଛି। ଫଳରେ ସେମାନେ ଆତ୍ମରକ୍ଷା ପାଇଁ ଓଡ଼ିଶାକୁ ପ୍ରବେଶ କରୁଥିବା ଜଣାପଡ଼ିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚାଟ ଘର ପୁଅ ଚାଟ,**
**ଭାଟ ଘର ପୁଅ ଭାଟ।**

ଶିକ୍ଷିତ ଘରର ପିଲା ଶିକ୍ଷିତ ହୋଇଥିବା ପରି ସମ୍ଭ୍ରାନ୍ତ ଘରର ପିଲା ସେହିଭଳି ହେବାର ଦେଖିବାକୁ ମିଳିଥାଏ। ଏଣୁ ଘର ଗୁଣେ ସନ୍ତାନ ବୋଲି ବୁଝିବାକୁ ହୁଏ। ତେଣୁ ବାସ୍ତବରେ ଘର ବା ବଂଶର ପ୍ରଭାବ ପୁତ୍ର ଉପରେ ପଡୁଥିବାବେଳେ ସେମାନେ ସେଇ ଅନୁସାରେ ହିଁ ଗଢ଼ି ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚରି ବୁଲି କରି ଖାଉଥା,**
**ମୋର ହୋଇ ପଡ଼ିଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶିଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେକ ମହିଳା ପରକୀୟାପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# କଇଥଖୋଲା ଗୁଳିକାଣ୍ଡ: ଧରାପଡ଼ିଲେ ୩ ଅଭିଯୁକ୍ତ

ଚାନ୍ଦବାଲି, ୨୧।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର କଇଥଖୋଲା ପଞ୍ଚାୟତ କିଶୋରପ୍ରସାଦ ଗ୍ରାମରେ ଗତ ୨ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ୨୦ଦିନ ପରେ ବୁଧବାର ରାତିରେ ଧରିଛି। ପୋଲିସ ସେମାନଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ଚାନ୍ଦିମାଳ ପଞ୍ଚାୟତ ସାନକୃଷ୍ଣପୁର ଗ୍ରାମର ସୂର୍ଯ୍ୟକାନ୍ତ ନାୟକ(୨୨), ନାୟକାଣିଡିହୀ ଥାନା ଗଦାଳକାସ ଗ୍ରାମର ସର୍ବେଶ୍ୱର ନାୟକ (୨୮) ଓ ବାଂଶଡ଼ା ଥାନା ଅନ୍ତର୍ଗତ କୁନ୍ଦକାନ୍ତି ଗ୍ରାମର ସୁଶୀଲ ନାୟକ(୨୩)। ପୋଲିସ ସେମାନଙ୍କ ନିକଟରୁ ୨ ମୋବାଇଲ, ଗୋଟିଏ ବାଇକ୍ ସହ ଏକ ପିସ୍ତଲ ଓ ୨ଟି ଜୀବନ୍ତ ଗୁଳି ଜବତ କରିଛି।

ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନେତୃତ୍ୱରେ ଧାମରା ଥାନାଧିକାରୀ ଶୁଭମ୍ କୁମାର ସ୍ୱାଇଁ ଓ ବାଂଶଡ଼ା ପୋଲିସକୁ ନେଇ ଏକ ଟିମ୍ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ସେମାନଙ୍କ ମୋବାଇଲ ଟ୍ରାକିଂ କରାଯାଇଥିଲା। ବୁଧବାର ଧାମରା ରାସ୍ତାର ଗୁଆଁଳଠାରେ ଏମ୍‌ଭି ଚେକିଂ ଚାଲିଥିବା ବେଳେ ପୋଲିସକୁ ଦେଖି ଗୋଟିଏ ବାଇକ୍‌ରେ ଆସୁଥିବା ସୂର୍ଯ୍ୟକାନ୍ତ ଓ ସୁଶୀଲ ଦ୍ରୁତଗତିରେ ପଳାଇ ଯାଉଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା ପରେ ଅଭିଯୁକ୍ତ ସର୍ବେଶ୍ୱର ପୋଲିସ ହାତରେ ଧରାପଡ଼ିଥିଲେ। ଘଟଣାରେ ସମ୍ପୃକ୍ତ ମୋଟ ୫ଜଣଙ୍କ ମଧ୍ୟରୁ ୩ଜଣ ଧରାପଡ଼ିଛନ୍ତି। ଅନ୍ୟ ୨ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସ୍ୱାଇଁ କହିଛନ୍ତି। ପ୍ରକାଶଥାଉ କି, ଅଭିଯୁକ୍ତମାନେ କିଶୋରପ୍ରସାଦ ଗ୍ରାମକୁ ଡକାୟତି କରିବାକୁ ଆସିଥିବା ବେଳେ ଗ୍ରାମର ରାଜେନ୍ଦ୍ର ପାତ୍ରଙ୍କ ସହ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ରାଜେନ୍ଦ୍ରଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ। ଏନେଇ ଧାମରା ଥାନାରେ ମାମଲା (ନଂ.୮୭/୨୪) ରୁଜୁ ହୋଇଥିଲା।



ଗିରଫ ୩ ଅଭିଯୁକ୍ତ।

# ସୁବର୍ଣ୍ଣପୁର ସିଏସ୍‌ଓଙ୍କୁ ଗିରଫ କଲା ଭିଜିଲାନ୍ସ

## ଆୟ ବହିର୍ଭୂତ ସମ୍ପତ୍ତି ୨୮୦ ପ୍ରତିଶତ ଅଧିକ

ସୋନପୁର, ୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସୁରେଶ କୁମାର ପାଣିଗ୍ରାହୀ ପ୍ରକୃତ ଆୟଠାରୁ ୨୮୦ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ଭିଜିଲାନ୍ସ ଯାଞ୍ଚରୁ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ଜଣାପଡ଼ିବା ପରେ ସୁରେଶଙ୍କୁ ଗୁରୁବାର ଗିରଫ କରାଯାଇଛି। ଏପରିକି ଏତେ ସମ୍ପତ୍ତି କେଉଁ ଉତ୍ସରୁ ଅର୍ଜନକଲେ ସେ ନେଇ ସୁରେଶ ଭିଜିଲାନ୍ସକୁ କହିଥିବା ଉତ୍ତରରେ ତାଳମେଳ ରହୁନାହିଁ। ଏ ସଂକ୍ରାନ୍ତରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ସୁରେଶ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ପିସି(ଆମେଣ୍ଡମେଣ୍ଟ) ଆକ୍ଟ-୨୦୧୮ ଅନୁଯାୟୀ ଏକ ମାମଲା (ନଂ.୨୭/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସୁରେଶଙ୍କୁ ଗିରଫ ପରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ବଲାଙ୍ଗୀରର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ସୁରେଶଙ୍କ ସମ୍ପତ୍ତି ଉପରେ ଅନୁସନ୍ଧାନ କରାଯାଇଥିଲା। ତାଙ୍କ ନାମରେ ୨ଟି କୋଠା, ୪ ଏକର ଜମିରେ ନିର୍ମିତ ହୋଇଥିବା ଫାର୍ମ ହାଉସରେ ୫୦୦ଟି ଶାଗୁଆନ ଗଛ ରହିଛି। ଏହା ସହ ୧୯ଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୩ଟି, ସମ୍ବଲପୁର ସହରରେ ୪ଟି, ବଲାଙ୍ଗୀର ସହରରେ ଗୋଟିଏ ଓ ବରଗଡ଼ ଜିଲାରେ ୧୧ଟି ରହିଛି। ତାଙ୍କ ନାମରେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଓ ମ୍ୟୁଚୁଆଲ ଫଣ୍ଡରେ ୧ କୋଟି ୭୨ ଲକ୍ଷ ୩୫ ହଜାର ୯୪୬ ଟଙ୍କା ଜମା ଅଛି। ଘର ତନଖି ସମୟରେ ସୁରେଶ ଓ ତାଙ୍କ ସ୍ତ୍ରୀଙ୍କ ନିକଟରୁ ନଗଦ ୧ଲକ୍ଷ ୪୯ହଜାର ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ସେହିପରି ୮ଲକ୍ଷ ୧୦ ହଜାର ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଓ ଘର ସାମଗ୍ରୀ ଠାବ ହୋଇଥିଲା।



ସୁରେଶ କୁମାର ପାଣିଗ୍ରାହୀ।

# ପଳାଶୁଣୀ ଛକରେ ଚାଲିଗଲା ଆଉ ଏକ ଜୀବନ

## ବାଇକ ଧକ୍କା ଦେବା ପରେ ଟ୍ରକ୍ ଚଢ଼ିଗଲା

■ପୁଅ ପାଖରେ ପହଞ୍ଚିପାରିଲେନି ଭଦ୍ରକର ପ୍ରଶାନ୍ତ

■୫ମାସ ହେଲା ଶିଳାନ୍ୟାସରେ ଅଟକିଛି ଫୁଟ୍ ଓଭରବ୍ରିଜ୍

ଭୁବନେଶ୍ୱର, ୨୧।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ରହୁଥିବା ପୁଅ ପାଖକୁ ଗାଁରୁ ଆସୁଥିଲେ ବାପା। ଦୁଇଟି ବ୍ୟାଗରେ ଭର୍ତ୍ତିକରି ଆଣିଥିଲେ ବିଭିନ୍ନ ପ୍ରକାର ପରିବା, ଚାଉଳ ଆଦି ସାମଗ୍ରୀ। ଇଚ୍ଛା ଥିଲା ପୁଅ, ବୋହୂ, କୁନି ନାତିଙ୍କ ସହ କିଛିଦିନ ସମୟ ବିତାଇଥାନ୍ତେ। ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଗାଁରୁ ଆଖିରେ ଅସୁମାରି ସ୍ୱପ୍ନ ନେଇ ଆସିଥିବା ମଣିଷଟିର ବାଟରେ ଛକି ବସିଥିଲା ମୃତ୍ୟୁ। ଭୁବନେଶ୍ୱର ପଳାଶୁଣୀ ଛକ ଜାତୀୟ ରାଜପଥକୁ ପାର ହେବାବେଳେ ଦୁର୍ଘଟଣାରେ ଚାଲିଗଲା ଜୀବନ। ଗୁରୁବାର ପୂର୍ବାହ୍ନରେ ଘଟିଥିଲା ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ କୋଠାର ଗାଁର ପ୍ରଶାନ୍ତ କୁମାର ବେଜ (୫୫)। ପ୍ରଶାନ୍ତଙ୍କୁ ବାଇକ ଧକ୍କା ଦେବା ପରେ ସେ ତଳେ ପଡ଼ିଯିବାରୁ ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମଞ୍ଚେଶ୍ୱର ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପ୍ରଶାନ୍ତଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ପ୍ରଶାନ୍ତଙ୍କ ପୁଅ ପାର୍ଥସାରଥିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା (ନଂ.୬୩୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଦୁର୍ଘଟଣା ବେଳର ସିସିଟିଭି ଭିଡିଓ ଭାଇରାଲ ହେଉଥିବାବେଳେ ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ ଓ ଟ୍ରକକୁ ଚିହ୍ନଟ କରି ଚାଳକଙ୍କୁ ଧରିବାକୁ ଖୋଜାଖୋଜି କରୁଛି।

ସୂଚନା ଅନୁଯାୟୀ, ପ୍ରଶାନ୍ତଙ୍କ ପୁଅ ପାର୍ଥସାରଥି ପଟିଆ ରେଳ ଷ୍ଟେଶନ ନିକଟରେ ଭଡ଼ାଘରେ ପରିବାର ସହ ରୁହନ୍ତି। ସ୍ଥାନୀୟ ଏକ ଆପାର୍ଟମେଣ୍ଟରେ ସେ କାମ କରି ପରିବାର ଚଳାନ୍ତି। ବାପା ପ୍ରଶାନ୍ତ ଭଦ୍ରକରୁ ବସ୍‌ରେ ଆସୁଥିବା ନେଇ ପୁଅକୁ ସକାଳେ କଲ୍ କରି ଜଣାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୧୦ରେ ପଳାଶୁଣୀ ଦୁର୍ଗାମଣ୍ଡପ ସାମ୍ନାରେ ପ୍ରଶାନ୍ତ ବସ୍‌ରୁ ଓହ୍ଲାଇଥିଲେ। ଏପଟେ ତାଙ୍କୁ ନେବା ପାଇଁ ପାର୍ଥସାରଥି ମଧ୍ୟ ପଟିଆରୁ ବାହାରି ଆସିଥିଲେ। ଏହି ସମୟରେ ପ୍ରଶାନ୍ତ ଦୁଇଟି ବ୍ୟାଗ ଧରି କିଛି ସମୟ ରାସ୍ତା କଡରେ ଠିଆ ହୋଇଥିଲେ। ଗାଡ଼ି ଚଳାଚଳ ସାମାନ୍ୟ କମିଯିବା ପରେ ପ୍ରଶାନ୍ତ ରାସ୍ତାର ଅପରପାର୍ଶ୍ୱକୁ ଯାଉଥିଲେ। ଏହି ସମୟରେ କଟକ ପାର୍ଶ୍ୱରୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଶାନ୍ତ ରାସ୍ତାରେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଏକ ଦ୍ରୁତଗାମୀ ଟ୍ରକ୍ ଚଢ଼ି ପଳାଇଥିଲା। ତାଙ୍କ ଦୁଇ ବ୍ୟାଗରେ ଥିବା ସାମଗ୍ରୀଗୁଡ଼ିକ ରାସ୍ତାରେ ବିଛାଡି ହୋଇଯାଇଥିଲା। ବାଇକ ଚାଳକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଦୁର୍ଘଟଣା ପରେ କିଛିସମୟ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ୫ ମାସ ତଳେ ଶିଳାନ୍ୟାସ ହୋଇଥିବା ବେଳେ ଏହି କାମ କେବଳ ମାଟିଖୋଳାରେ ଅଟକି ରହିଥିବାରୁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ରାସ୍ତା ମଝିରେ ରୁଣ୍ଡ ହୋଇ ପ୍ରତିବାଦ କରିବାରୁ କଟକ ପାର୍ଶ୍ୱରୁ ଆସୁଥିବା ଗାଡିଗୁଡ଼ିକ କିଛିସମୟ ଅଟକି ରହିଥିଲା। ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ସୁଧୁରିଥିଲା। ପ୍ରତିବର୍ଷ ଏହି ସ୍ଥାନରେ ଗାଡି ଧକ୍କାରେ ବହୁ ଜୀବନ ଯାଉଛି। ଗତ ମେ' ୯ରେ ଟ୍ରକ୍ ଧକ୍କାରେ ଏକ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ଜୁନ୍ ୧୩ରେ ସିରିଜ୍ ଦୁର୍ଘଟଣାରେ ୫ଜଣ ଆହତ ହୋଇଥିଲେ। ଅକ୍ଟୋବର ୬ରେ ମଧ୍ୟ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ତୁରନ୍ତ ଫୁଟ୍ ଓଭରବ୍ରିଜ୍ କାମ ନେଇଥିବା ଠିକାଦାର କେବଳ ମାଟିଖୋଳି ଛାଡିଦେଇଥିଲେ।



ସିସିଟିଭିରେ ଦୁର୍ଘଟଣା ସମୟର ଦୃଶ୍ୟ। ଘଟଣାସ୍ଥଳରେ ଲୋକଙ୍କ ପ୍ରତିବାଦ ଯୋଗୁ ରାସ୍ତା ଜାମ୍।

# ୧୦ ଅଭିଯୁକ୍ତ ଜେଲ ଗଲେ

## ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣା



ଯାଜପୁର/ଯାଜପୁର ଟାଉନ (ହର୍ଷବର୍ଦ୍ଧନ ବେହେରା/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) ୨୧।୧୧

ଯାଜପୁର ଟାଉନ ନିକଟବର୍ତ୍ତୀ ବୁଢ଼ାନଦୀ ପୋଲ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ(ଲିଙ୍କୁ)ଙ୍କୁ ମାଡମାରିବା ଘଟଣାରେ ସଦର ଥାନା ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଯାଇଛି। ଅଭିଯୁକ୍ତମାନେ ହେଲେ ବିଜେଡି କର୍ମୀ ସରୋଜ କୁମାର ଦାସ, ଶ୍ରୀହରି ମହାପାତ୍ର, ଗଣେଶ ଜେନା, ଦେବଦତ୍ତ ଦାସ, ସତ୍ୟବ୍ରତ ରାଉତରାୟ, ଜଗନ୍ନାଥ ବାରିକ, ସୁନୀଲ କୁମାର ସିଂହ, ମୁକ୍ତିକାନ୍ତ ନାୟକ, ବିଜୟ କୁମାର ଧଳ ଓ ଦିଲୀପ କୁମାର ଜେନା। ଯାଜପୁର ସଦର ଥାନାରେ ଶକ୍ତିପ୍ରସାଦ ରାଉତ, ସୁଧାଂଶୁ ଶେଖର ସାହୁ, ଅଜୟ କୁମାର ପଣ୍ଡା ଓ ମାନସ ରଞ୍ଜନ ବାରିକଙ୍କ ପକ୍ଷରୁ ଲିଖିତ ଏତଲା ଦାୟର ହେବାପରେ ସଦର ଥାନାରେ ୪ ମାମଲା(ନଂ.୩୩୦, ୩୩୧, ୩୩୨ ଓ ୩୩୩/୨୦୨୪)ରୁଜୁ ହୋଇଛି। ବିଧାୟକଙ୍କ ଗାଡିକୁ ଭଙ୍ଗାରୁଜା କରିବା ସହିତ ମାଡ ମରାଯାଇ ତାଙ୍କ ସୁନାଚେନ୍ ଛଡାଇ ନେଇଥିଲେ ବୋଲି ଅଭିଯୋଗ କରାଯାଇଛି। ବିଧାୟକଙ୍କୁ ବଞ୍ଚାଇବା ପାଇଁ ତାଙ୍କ ଅଙ୍ଗରକ୍ଷୀ (ପିଏସ୍‌ଓ) ଶକ୍ତିପ୍ରସାଦ ରାଉତ ଅଟକାଇବା ସମୟରେ ବିଜେଡିର ଅନେକ କର୍ମୀ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ଯାଜପୁର ଟାଉନ ଥାନା ଘେରାଉ କରି ଧର୍ମଶାଳା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଓ ତାଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କ ସମେତ ଆକ୍ରମଣ କରିଥିବା ବିଜେଡି କର୍ମୀଙ୍କୁ ଗିରଫ କରିବା ଦାବିରେ ଶତାଧିକ ଭାଜପା କର୍ମୀ ଯାଜପୁର ସଦର ଥାନାକୁ ଘେରାଉ କରିଥିଲେ।

ଏହି ଘଟଣାକୁ ନେଇ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ କହିଛନ୍ତି, ବିରଜା ମନ୍ଦିର ପ୍ରକଳ୍ପକୁ କୌଣସି ସମୟରେ କେହି ବିରୋଧ କରୁନାହାନ୍ତି। ଏହା ପୂର୍ବପରି ଚାଲୁ ରହିଛି । ଏହାକୁ ଭାଜପା କିମ୍ବା ପ୍ରଶାସନ ବିରୋଧ କରୁ ନ ଥିବା ସ୍ଥଳେ ବିଜେଡି ନେତାମାନେ ଜନସାଧାରଣଙ୍କୁ ଭ୍ରମିତ କରିବା ପାଇଁ ଗଣମାଧ୍ୟମରେ ମିଥ୍ୟା ବିବୃତି ଦେଉଛନ୍ତି। ଏହି ପ୍ରକଳ୍ପକୁ ବନ୍ଦ କରାଯିବା ପାଇଁ କୌଣସି ସମ୍ଭାବନା ନାହିଁ। ବିରଜା ଅଗ୍ନେଶ୍ୱର ହାଟକୁ ଚଳାଇବା ପାଇଁ ବ୍ୟବସାୟୀମାନେ ଜିଲା ପ୍ରଶାସନ ନିକଟରେ ଦାବି କରିବାରୁ ଏହା ଚାଲୁ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ଯେଉଁମାନେ ବୁଧବାର ରାତିରେ ଧର୍ମଶାଳା ବିଧାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ବିଜେଡି ନେତା ହାଟକୁ ବନ୍ଦ କରିବା ପାଇଁ ଗୁରୁବାର ଏକଜୁଟ୍ ହୋଇଥିଲେ।

# ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ

## ବିପୁଳ ସାମଗ୍ରୀ ଜବତ



ନୂଆପଡ଼ା, ୨୧।୧୧ (ମକାରୁ ବେମାଲ)

ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଓ ନବରଙ୍ଗପୁର ଅଞ୍ଚଳରେ କ୍ୟାଡର ମାଓବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ନୂଆପଡ଼ା ପୋଲିସର ୫ ଏସ୍‌ଓଜି ଟିମ୍ ସହ ନବରଙ୍ଗପୁର ଓ ଛତିଶଗଡର ଗରିଆବନ୍ଧ ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଜୋର୍‌ଦାର କରିଛନ୍ତି। ଏହି ସମୟରେ ମିଳିତ ଟିମ୍ ଗୁରୁବାର ସୀମାନ୍ତରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। ଏହା ଜାଣିବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବାବେଳେ ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମାଓବାଦୀ କ୍ୟାମ୍ପରୁ ଏକ ଦେଶୀ ବନ୍ଧୁକ, ରାଶନ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ବର୍ତ୍ତମାନ ସର୍ଚ୍ଚ ଅପରେଶନ ଜାରି ରହିଛି। ନବରଙ୍ଗପୁର, ନୂଆପଡ଼ା ଓ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲାର ଏସ୍‌ଓଜି ଯବାନଙ୍କ ସମେତ କୋବ୍ରା ବାହିନୀ ଏହି ଅପରେଶନରେ ସାମିଲ ହୋଇଛନ୍ତି। ଯବାନଙ୍କ ସଂଖ୍ୟା ବଢାଇ ସୀମାନ୍ତରେ ଅପରେଶନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

**ଶେୟାର ବଜାରରେ ହ୍ରାସ**

ମୁମ୍ବାଇ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୨୩ (୪୨୨.୫୯) ପଏଣ୍ଟ କମି ୭୭,୧୫୬ (୭୭,୧୫୫.୭୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ପ୍ରାୟ ୧୬୯(୧୬୮.୬୦) ପଏଣ୍ଟ ହ୍ରାସ ଘଟି ୨୩,୩୫୦ (୨୩,୩୪୯.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା



ପଦ୍ମଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସହରାଞ୍ଚଳ ଗ୍ରାହକଙ୍କ ପସନ୍ଦ ଅନ୍‌ଲାଇନ ଗ୍ରୋସେରି

**ନୂଆଦିଲ୍ଲୀ,୨୧।୧୧**

କ୍ରମାଗତ ଭାବେ ଦେଶର ପ୍ରମୁଖ ମହାନଗର ଓ ସହରଗୁଡିକର ଗ୍ରାହକ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସ୍ଥାନୀୟ ତେଜରାତି ଦୋକାନ ବଦଳରେ ଅନଲାଇନ ପ୍ଲାଟଫର୍ମରୁ ଗ୍ରୋସରୀ ସାମଗ୍ରୀ ମଗାଉଛନ୍ତି। ଏପରିକି ସ୍ଥାନୀୟ ତେଜରାତି ଦୋକନ ବଦଳରେ ଗ୍ରାହକ ଅନଲାଇନରୁ ସୁଲଭ ଓ ଶୀଘ୍ର ତେଜରାତି ସାମଗ୍ରୀ ମଧ ପାଇପାରୁଛନ୍ତି। ଫଳରେ ଗ୍ରାହକ ଅଫଲାଇନ ଷ୍ଟୋର ବଦଳରେ ଅନଲାଇନ ଷ୍ଟୋର ରୁ ଅଧିକ ପରିମାଣରେ ଗୋସରୀ ସାମଗ୍ରୀ ମଗାଉଛନ୍ତି। ଅପରପକ୍ଷରେ ସ୍ଥାନୀୟ ତେଜରାତି ଦୋକନ ଅପେକ୍ଷା ଅନଲାଇନ ଗୋସରୀ ଷ୍ଟୋରଗୁଡିକ ଖାଉଟିଙ୍କୁ ଅଧିକ ପରିମାଣରେ ରିହାତି ଦେଇ କାରବାର ବୃଦ୍ଧି ପାଇଁ ନିଜ ଆଡକୁ ଆକୃଷ୍ଟ କରୁଛନ୍ତି। ଏପରିକି ଖାଉଟି ଅର୍ଡର କରିବାର ୧୦ ମିନିଟ ମଧ୍ୟରେ ଇ କର୍ମସ ପ୍ଲାଟଫର୍ମଗୁଡିକ ଘର ଦୁଆରେ ଅର୍ଡର ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳରେ ଖାଉଟି ଆଉ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବାକୁ ସ୍ଥାନୀୟ ତେଜରାତି ଦୋକାନକୁ ଯିବା ପାଇଁ ମଧ ମନ ବଳାଉନାହାନ୍ତି। ସେହିପରି ସ୍ଥାନୀୟ ତେଜରାତି ଦୋକାନରେ ସମାନ ଜିନିଷର ମୂଲ୍ୟ ଅଧିକ ଥିବାରୁ ଗ୍ରାହକ ସାମନ ଜିନିଷକୁ କମ ମୂଲ୍ୟରେ ଅନଲାଇନ ପ୍ଲାଟଫର୍ମରୁ ସୁବିଧାରେ ପାଇପାରୁଛନ୍ତି। ଏପରିକି ଏହି ପରିବର୍ତ୍ତନର ଧାରା ବର୍ତ୍ତମାନ ସମୟରେ ସାରା ଦେଶରେ ସୃଷ୍ଟି ହୋଇନଥିବାବେଳେ



ଆଗକୁ ଦେଶର ପ୍ରମୁଖ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରର ଗୁଡିକରେ ଥିବା ସମସ୍ତ ତେଜରାତି ଦୋକାନ ବଦଳରେ ଗ୍ରାହକ ଅନଲାଇନ କାରବାରୁ ଗୁରୁତ୍ୱ ଦେଇପାରନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ତେଜରାତି ଦୋକାନଗୁଡିକ ଏହି କାରଣରୁ ତାଲା ପଡିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବନାହିଁ। ସେହିଭଳି ଡାଟୁମ ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ, ଦେଶର ୮୨%ରୁ ଅଧିକ ଗ୍ରାହକ ଅତିକମରେ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଏକ ଚତୁର୍ଥାଂଶ ଇ-କମର୍ସ ପ୍ଲାଟଫର୍ମରୁ କିଣୁଥିବାବେଳେ ୫% ଲୋକେ ସ୍ଥାନୀୟ ତେଜରାତି ଦୋକାନରୁ କିଣିବା ବନ୍ଦ କରି ଦେଇଛନ୍ତି। ଏହି ଧାରା ଆଗାମୀ ଦିନରେ ଦେଶର ସମସ୍ତ ଖୁଚୁରା ସାମଗ୍ରୀ କିଣିବାର ପ୍ରକ୍ରିୟାକୁ ପରିବର୍ତନ କରିବ ବୋଲି ଆଶଙ୍କା କରାଯାଉଛି। ତେବେ ଯୁବ ଗ୍ରାହକ ରିହାତି ପାଇ ଇ-କମର୍ସ ମୁହାଁ ହେଉଥିବା ବେଳେ ବରିଷ୍ଠ ଗ୍ରାହକ ବର୍ତ୍ତମାନ ମଧ ସ୍ଥାନୀୟ ତେଜରାତି ଦୋକାନକୁ ବିଶେଷ ଆଗ୍ରାଧିକାର ଦେଉଛନ୍ତି। ଏପରିକି ଅନେକ ଦୋକାନୀଙ୍କ କହିବା ମୁତାବକ କର୍ମଜୀବିମାନେ ଦୋକାନକୁ ଆସିବା କମାଇ ଦେଇଥିବାବେଳେ ବର୍ତ୍ତମାନ ବିଶ୍ୱସ୍ତ ଖାଉଟିମାନେ ତେଜରାତି ଦୋକାନରୁ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି ଏବଂ ଅନଲାଇନରେ କିଣି ଘର ପାଖରେ ପହଞ୍ଚାଇବାକୁ ଅଧିକ ଟଙ୍କା ଦେବାକୁ ମନ କରୁ ନାହାନ୍ତି। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସିଏଆଇଟି ସେକ୍ରେଟେରୀ ଜେନେରାଲ ତଥା ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଇ-କମର୍ସ କମ୍ପାନୀମାନେ ବର୍ତ୍ତମାନ ଯୋଗାଣକାରୀଙ୍କୁ ନିୟନ୍ତ୍ରଣ କରିବା ଏବଂ ସର୍ବନିମ୍ନ ପ୍ରତିଦ୍ୱନ୍ଦିତା ମୂଳକ ମୂଲ୍ୟ ଧାର୍ଯ୍ୟ କରି ପ୍ରତିଯୋଗୀଙ୍କ କ୍ଷତି ପହଞ୍ଚାଇବାକୁ ଏଫଡିଆଇ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି।

# ବଜାରରେ ଓପୋ ଫାଇଣ୍ଡ ଏକ୍ସ୮ ସିରିଜ

**ନୂଆଦିଲ୍ଲୀ,୨୧।୧୧**

ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'ଓପୋ ଫାଇଣ୍ଡ ଏକ୍ସ୮ ସିରିଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଫାଇଣ୍ଡ ଏକ୍ସ୮ ସିରିଜରେ ଫ୍ଲାଗ୍‌ଶିପ ମିଡିଆଟେକ୍ ଡାଇମେନ୍‌ସିଟି ୯୪୦୦ ଏସ୍ଓସି ସହ ଦୁଇଟି ଟେଲିଫଟୋ ସ୍ନାପର୍ ଏବଂ ଅତ୍ୟାଧୁନିକ କ୍ୱାଡ୍-କ୍ୟାମେରା ସିଷ୍ଟମ ଓ ଏକ ହାଇ-ଡେନ୍‌ସିଟି କ୍ୱିକ୍-ଚାର୍ଜିଂ ସିଲିକନ କାର୍‌ବାଇଡ ବ୍ୟାଟେରି, ଫଟୋଗ୍ରାଫି ଏବଂ ପ୍ରଡକ୍ଟିଭିଟି ପାଇଁ ଏକାଧିକ ଏଆଇ ଫିଚର ସହ କଲରଓଏସ୍ ୧୫ (ଆଣ୍ଡ୍ରଏଡ୍ ୧୫ ଉପରେ ଆଧାରିତ) ଭଳି ଫିଚର ସାମିଲ ରହିଛି। ଏ ସମ୍ପର୍କରେ ଓପୋ ଚିଫ ପ୍ରଡକ୍ଟ ଅଫିସର ତଥା ଏସଭିପି ପିଟି ଲ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଫାଇଣ୍ଡ ଏକ୍ସ୮ ଓ ଫାଇଣ୍ଡ ଏକ୍ସ୮ ପ୍ରୋ ପ୍ରଫେସନାଲ-ଲେଭେଲ ଫଟୋଗ୍ରାଫି ପାଇଁ ଅଲଟ୍ରା-ଗ୍ରେଡ୍ କ୍ୟାମେରା, ଦୀର୍ଘସ୍ଥାୟୀ ବ୍ୟାଟେରି ଓ ଅଲଟ୍ରା-ପାୱାରଫୁଲ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଉତ୍କର୍ଷ ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ମିଶ୍ରଣ କରାଯାଇଛି। ଏହି ସମସ୍ତ ଉଦ୍ଭାବନ ଓପୋ ଏଆଇ ସହ ଆଡ୍‌ଭାନ୍ସଡ୍ କଲର୍‌ଓଏସ୍ ୧୫ ଦ୍ୱାରା ପରିଚାଳିତ ହେଉଛି, ଯାହା ଦୈନନ୍ଦିନ କାର୍ଯ୍ୟକୁ ସହଜ ଓ ଅନ୍ତର୍ନିହିତକାରୀ ଅନୁଭୂତିରେ ପରିଣତ କରିଥାଏ। ଏପରିକି ଫାଇଣ୍ଡ ଏକ୍ସ୮ ସିରିଜ ସ୍ମାର୍ଟଫୋନ୍ ସହ ଓପୋ ଏକ ସ୍ମାର୍ଟଫୋନ୍ କ'ଣ ହାସଲ କରିପାରିବ,ତାହାକୁ ପୁନଃ ବ୍ୟାଖ୍ୟା କରିଛି।

ସେହିଭଳି ଏହି ସମସ୍ତ ଫିଚର ଏକ ଆଇପି୬୮ ଓ ଆଇପି୬୯ ରେଟେଡ୍ ମଜଭୁତ ଓ ହାଲୁକା ନିର୍ମାଣରେ ଉପଲବ୍ଧ ରହିଛି। ଏହି ସିରିଜ୍‌ରେ ଫାଇଣ୍ଡ ଏକ୍ସ୮ ପ୍ରୋ ଓ ଷ୍ଟାଣ୍ଡାର୍ଡ ଫାଇଣ୍ଡ ଏକ୍ସ୮ ଭାରିଆଣ୍ଟ ସାମିଲ ରହିଛି। ୧୬ ଜିବି ରାମ୍+୫୧୨ ଜିବି ଷ୍ଟୋରେଜ ପାଇଁ ଫାଇଣ୍ଡ ଏକ୍ସ୮ର ପ୍ରାରମ୍ଭିକ ମୂଲ୍ୟ ୯୯,୯୯୯ ଟଙ୍କା ରହିଛି। ସେହିପରି ଷ୍ଟାଣ୍ଡାର୍ଡ ଫାଇଣ୍ଡ ଏକ୍ସ୮ର ଦୁଇଟି ଷ୍ଟୋରେଜ ଭାରିଆଣ୍ଟ ଯଥା ୧୨ଜିବି+୨୫୬ଜିବିର ମୂଲ୍ୟ ୬୯,୯୯୯ ଟଙ୍କା ଏବଂ ୧୬ଜିବି+୫୧୨ଜିବିର ମୂଲ୍ୟ ୭୯,୯୯୯ ଟଙ୍କା ରହିଛି। ଏହି ସମସ୍ତ ଡିଭାଇସ୍ ୨୦୨୪ ଡିସେମ୍ବର ୩ରୁ ଓପୋ ଇ-ଷ୍ଟୋର, ଫ୍ଲିପ୍‌କାର୍ଟ ଏବଂ ଅନ୍ୟ ମେନ୍‌ଲାଇନ ରିଟେଲ ଆଉଟଲେଟ୍‌ଗୁଡିକରେ ପ୍ରି-ଅର୍ଡର ପାଇଁ ଉପଲବ୍ଧ ହେବ।

# ସୁରେନ୍ଦ୍ରନାଥଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ



**ଭୁବନେଶ୍ୱର,୨୧।୧୧ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକଶନର ଚେୟାରମ୍ୟାନ ସୁରେନ୍ଦ୍ରନାଥ ସାହୁଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଭିତ୍ତିଭୂମି ନିର୍ମାଣ ଓ ବିକାଶ କ୍ଷେତ୍ରରେ ଦୀର୍ଘବର୍ଷ ବ୍ୟାପି ଉତ୍କର୍ଷ ହାସଲ ନିମନ୍ତେ ସୁରେନ୍ଦ୍ର ନାଥ ସାହୁଙ୍କୁ 'ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକଚର କନ୍‌କ୍ଲେଭ-୨୦୨୪' ଅବସରରେ ସାହୁଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇ ସୁରେନ୍ଦ୍ର ନାଥ ସାହୁଙ୍କୁ 'ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ।

ସେହିପରିଅଲ ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନ୍‌ର ସଭାପତି ଜେ.ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ସାମାଜିକକର୍ମୀ ଜଗନ୍ନାଥ ପ୍ରଧାନଙ୍କ ସମେତ ଅନ୍ୟମାନେ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ରାପଡ଼ାରେ ଜନ୍ମଗ୍ରହଣ କରିଥିବା ସୁରେନ୍ଦ୍ର ନାଥ ସାହୁ ୧୯୭୩ ରେ ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକଶନର ଅୟମାରମ୍ଭ କରିଥିଲେ। ଏପରିକି ଦୀର୍ଘ ୫୧ ବର୍ଷ ଧରି ରାଜ୍ୟରେ ଭିତ୍ତିଭୂମି ନିର୍ମାଣ ଓ ବିକାଶ କ୍ଷେତ୍ରରେ ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ ସହିତ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଅପରପକ୍ଷରେ ମହାନଦୀରେ ପୋଲ ନିର୍ମାଣଠାରୁ ଆରମ୍ଭକରି ବିଭିନ୍ନ ପ୍ରମୁଖ ରାସ୍ତା ନିର୍ମାଣ ପର୍ଯ୍ୟନ୍ତ ରାଜଲକ୍ଷ୍ମୀ କନଷ୍ଟ୍ରକସନର ଭୂମିକା ଅତୁଳନୀୟ ରହିଛି। ଏପରିକି ସେ ନିଜର କର୍ତ୍ତବ୍ୟ ଓ କଠିନ ପରିଶ୍ରମ ପାଇଁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ ସ୍ୱୀକୃତି ଓ ସମ୍ମାନ ଲାଭ କରିଛନ୍ତି। ଉତ୍ତମ ମାନର କାର୍ଯ୍ୟ ଓ ସମୟ ଉପଯୋଗୀ ପ୍ରକଳ୍ପ ସମାପ୍ତିର ସୁନାମ ଉଭୟ ସାହୁ ଓ କମ୍ପାନୀଙ୍କୁ ନୂଆ ପରିଚୟ ଦେଇଛି।

# ସୁପରଏଫ୍‌ଡିର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୧।୧୧**

ଦେଶର ପ୍ରମୁଖ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ସୁପର ଡଟ୍ ମନି ପକ୍ଷରୁ ସୁପରଏଫ୍‌ଡିର ଶୁଭାରମ୍ଭ କରାଯାଇଛି। ଏପରିକି ଏହା ହେଉଛି ଏକ ସମ୍ପୂର୍ଣ୍ଣ ଡିଜିଟାଲ ସଞ୍ଚୟ ଉତ୍ପାଦ, ଯାହା ଫିକ୍ସ ଡିପୋଜିଟ୍‌କୁ ୟୁପିଆଇର ସୁଗମତା ଆଣିଛି। କମ୍ପାନୀ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲ (୨ମିନିଟ୍‌ରୁ କମ୍ ସମୟ) ଓ ସହଜ କରି ଏଫ୍‌ଡିଗୁଡ଼ିକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖିଛି। ସୁପର ଡଟ୍ ମନିରେ ଉପଭୋକ୍ତାମାନେ ବର୍ତ୍ତମାନ ୫ଟି ବ୍ୟାଙ୍କ ମଧ୍ୟରୁ କୌଣସି ଏକକୁ ଚୟନ କରିପାରିବେ, ଯାହା ଆର୍‌ବିଆଇ ଦ୍ୱାରା ଅନୁମୋଦିତ ହୋଇଥିଲାବେଳେ ସୁପର ଡଟ୍ ମନିରେ ସମସ୍ତ ଏଫ୍‌ଡି ଡିଆଇସିଜିସି ଦ୍ୱାରା ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ ରହିବ। ଶିଳ୍ପ ପ୍ରଥମ ପଦକ୍ଷେପ ଭାବେ ସୁପରଏଫ୍‌ଡି ହେଉଛି,ଏକ ଉତ୍ପାଦ,ଯାହା ଯୁବ ଭାରତୀୟମାନଙ୍କ ମଧ୍ୟରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ସୁପର୍‌ଏଫ୍‌ଡି ସହିତ ଉପଭୋକ୍ତାମାନେ ସର୍ବନିମ୍ନ ୧୦୦୦ ଟଙ୍କାରୁ ଏଫ୍‌ଡି ବୁକ୍ କରିପାରିବେ ଏବଂ ୯.୫% ପର୍ଯ୍ୟନ୍ତ ସୁଧ ଆୟ କରିପାରିବେ। ଏ ସମ୍ପର୍କରେ ସୁପର୍ ଡଟ୍ ମନିର ପ୍ରତିଷ୍ଠାତା ତଥା ସିଇଓ ପ୍ରକାଶ ସିକାରିଆ କହିଛନ୍ତି, ଆମେ ୟୁପିଆଇରେ ପ୍ରଥମ ଧରଣର ଏଫ୍‌ଡିର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆକର୍ଷଣୀୟ ସୁଧ ହାର, ନମନୀୟତା ଓ ବାଧାମୁକ୍ତ ପହଞ୍ଚ ପ୍ରଦାନକରି ସୁପରଏଫ୍‌ଡି ଲୋକମାନଙ୍କ ପାଇଁ କମ୍ ବିପଦ ଓ ଉଚ୍ଚ ରିଟର୍ନ ଉତ୍ପାଦରେ ନିବେଶ ସହିତ ଏହାକୁ ସହଜ କରୁଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କର ଡିପୋଜିଟ୍‌କୁ ନୂତନ ଯୁଗର ନିବେଶକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟ ସହ ଜଡିତ ରହିଛି। କେନ୍ଦ୍ର ପରିସଂଖ୍ୟାନ ଓ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ ୨୦୨୦ରୁ ୨୦୨୧ ଓ ୨୦୨୨-୨୩ ମଧ୍ୟରେ ପରିବାରଗୁଡିକର ଶୁଦ୍ଧ ଆର୍ଥିକ ସଞ୍ଚୟ କ୍ଷେତ୍ରରେ ପ୍ରାୟ ୯ଲକ୍ଷ କୋଟି ଟଙ୍କାର ହ୍ରାସ ଘଟିଛି। ସୁପର୍‌ଏଫ୍‌ଡି ଏକ କମ୍ ବିପଦ ଥିବା ସଞ୍ଚୟ ମାଧ୍ୟମ ପ୍ରଦାନ କରି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଋଣ ଓ ଜମା ଅଭିବୃଦ୍ଧି ମଧ୍ୟରେ ଅନ୍ତର ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାଗୁଡିକର ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଉତ୍ପାଦ ଲୋକମାନଙ୍କୁ ମୁଦ୍ରାସ୍ଫୀତିର ମୁକାବିଲା କରିବା ଓ ନିଜର ନିବେଶ ଉପରେ ଉନ୍ନତ ରିଟର୍ନ ହାସଲ କରିବାରେ ସାହାଯ୍ୟ କରିବ। ସୁପର୍‌ଏଫ୍‌ଡି ସହିତ ସୁପର୍ ଡଟ୍ ମନି ଏହାର ସମସ୍ତ ୭ମିଲିୟନ ଉପଭୋକ୍ତାଙ୍କ ପାଇଁ ନିଜର ପ୍ରଥମ ନିବେଶ ଉତ୍ପାଦ ଶୁଭାରମ୍ଭ କରିଛି।


## ବିବାହ ଶୁଭେଚ୍ଛା



**ରାଣୀ ସହିତ ଅମର**

ଗ୍ରାମ- ଜଳେଶ୍ୱରପୁର, ଥାନା- ଧର୍ମଶାଳା, ଜି- ଯାଜପୁର

ଶୁଭ ବିବାହ- ତା ୨୨।୧୧।୨୦୨୪ରିଖ, ଶୁକ୍ରବାର

ଶୁଭେଚ୍ଛା ସହ- ପୁତ୍ରପିତା: ଅଞ୍ଜନ କୁମାର କୁଣ୍ଡୁ, କନ୍ୟା ପିତା: ବିଦ୍ୟାଧର ବେହେରା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୨୦୨୪

## CHANGE OF NAME

I, Abhay Kumar Sahu, Son of Late Ajay Kumar Sahu, residing at Panposh Basti, Panposh-769004 do hereby declare that Abhay Kumar Sahu and Abhay Sahu stand for the name of one and same person vide Affidavit dated 20.11.2024 before Tahasildar & Executive Magistrate, Rourkela.



# Classified Everyday

0674-2580101, 2549949



**REAL ESTATE**

**SALE**

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9 8 5 3 8 0 7 8 9 2 , 9861117460. D-75578

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call-9437631769.** D-1891

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob-9556187814. D-2008

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-2021





Newly open Jyoti SPA positively health benefits (expert therapist). 8458067955. D-76171

Newly open health benefits SPA by expert therapist. Contact-8280961126. D-76169

Newly open health benefits SPA special offer @ 799 Bapuji Nagar. 8018429809. D-76172


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No.-9593, dt- 18.11.24 sworn before the Executive Magistrate, Bhadrak. I SEK TASAWAR (34) As per Aadhaar Dob-10-06-1990, S/o- SEK Kamaludhin Vill- Mustafapur, P.O.-Dobal, P.S.- Dhamnagar, Dist.-Bhadrak, declare that my real name is SEK TASAWAR bearing Aadhar XXXX XXXX 5220 & SBI A/C, Dobal Br. But in LIC pol. No- 585915748 wrongly mentioned as SK RAJA .So SEK TASAWAR & Sk RAJA one & same person for future purpose. D-2020

I, Jitendra Kumar Sahoo, Village/P.O.-Gengutia, P.S.-Sadar, Dist.-Dhenkanal, Odisha declared that my daughter's Aadhaar Card bearing No.-XXXX XXXX XXXX 3612 her name has been wrongly mentioned as Raj Rajeswari Sahoo instead of Pujarani Sahoo. Raj Rajeswari Sahoo and Pujarani Sahoo is same and one person. By this affidavit No. 9274, dtd. 08.11.2024 sworn before the Executive Magistrate, Dhenkanal, I have changed her name from Raj Rajeswari Sahoo to Pujarani Sahoo for all purposes. D-75468

By affidavit in the Court of Executive Magistrate, Kanika, Kendrapara, CF No.- 64AA967548, dtd. 02.11.2024, I Binodinee Patra, D/o- Krushnachandra Bihari, Vill- Baghabuda, P.O./P.S.- Rajkanika, Dist.- Kendrapara allias Binushaya Patra, W/o- Niranjan Patra of Sathiabati, P.O.-Dhulipada, P.S.- Tihidi, Dist.- Bhadrak same & one person. D-2026

I, Raja Malik, S/o Jatadhari Malik, aged about 30 years, resident of Jiunti, P.O.- Kahal, P.S.-Astaranga, District- Puri, declare by this Affidavit No.- 14AA 987601, date- 12.11.2024 I have changed my name from Raja Malik to Raja Jena and henceforth, I shall be known as Raja Jena for all purposes. D-2029

I, Shaswat Samantaray, S/o- Dr. Satya Prasad Samantaray, Bankabihari Nagar, P.o.-Berhmapur, p.s.-B.Town, Dist.-Ganjam, Odisha declare by this affidavit No.-349, dt-25.10.2024 that now onwards I shall be Known as *Saswat Samantaray* for all future purposes. D-2028

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ, ବିଲ୍ଡିଂ, ଭୁବନେଶ୍ୱର

ଓ.ଏସ୍.ଏସ୍.କେସ୍. ନଂ.-୧୫୬୮/୨୦୧୯

ସୁରେନ୍ଦ୍ର କୁମାର ସେଠୀ ....ବାଦୀ

ବନାମ

ଅନି ବେଓ୍ୱା ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ-୨୦ ମୁତାବକ

୧। ଅନି ବେଓ୍ୱା, ସ୍ୱାମୀ- ସ୍ୱର୍ଗତ ଜାଗା ନାୟକ, ୨। ଭାଗ ନାୟକ, ପିତା- ସ୍ୱର୍ଗତ ନନ୍ଦ ନାୟକ, ୩। ଜମିଦାରୀ ନାୟକ, ୪। ମୁକୁନ୍ଦ ନାୟକ ଉଭୟଙ୍କର ପିତା ସ୍ୱର୍ଗତ ଭାବ ନାୟକ, ୫। ବିଷ୍ଣୁ ଚରଣ ନାୟକ, ପିତା- ସ୍ୱର୍ଗତ ଯୁଗଳ ନାୟକ, ୬। ଶ୍ରୀମତୀ ବିଳାଷ ନାୟକ, ସ୍ୱାମୀ- ସ୍ୱର୍ଗତ କୃଷ୍ଣଚନ୍ଦ୍ର ନାୟକ, ୭। ବିକ୍ରମ କୁମାର ନାୟକ, ପିତା- ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ନାୟକ, ୮। ମନୋରମା ନାୟକ, ପିତା କୃଷ୍ଣ ଚନ୍ଦ୍ର ନାୟକ, ୯। ଭାସ୍କର ନାୟକ, ପିତା ସ୍ୱର୍ଗତ ଭାବ ନାୟକ, ୧୦। ଚୌଧୁରୀ ନାୟକ, ୧୧। ନିତ୍ୟାନନ୍ଦ ନାୟକ, ୧୨। ଦରସା ନାୟକ। ପ୍ରତିବାଦୀ ନଂ. ୧୦ ଠାରୁ ୧୨ମାନଙ୍କର ପିତା ସ୍ୱର୍ଗତ ଗୌରାଙ୍ଗ ନାୟକ, ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ପୋଷ୍ଟ- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.- ୧,୨,୩,୪,୫,୬,୭,୮,୯,୧୦,୧୧ ଏବଂ ୧୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩, ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୬।୧୧।୨୪ ଦିବା ୦୩:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡ଼କଣ, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.-୭୨୮, ସାବକ ପ୍ଲଟ୍ ନଂ.-୩୧, ଏରିଆ- ଏ୦.୦୭୦ଡି., ହାଲ୍ ଖାତା ନଂ.-୨୯୧୦, ହାଲ୍ ପ୍ଲଟ୍ ନଂ.-୪୧, ଏରିଆ- ଏ୦.୦୭୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୨୦୨୫


## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏଗୌରାଙ୍ଗ ଦେବ ଦାସ**

(ଅବସରପ୍ରାପ୍ତ OFS ପ୍ରଶାସନିକ ଅଧିକାରୀ)
ସ୍ଥାନ: ବଳରାମପୁର, ତଳସାହି

ଆବିର୍ଭାବ: ୨୧।୦୨।୧୯୫୮
ତିରୋଧାନ: ୧୫।୧୧।୨୦୨୨
(କୃଷ୍ଣପକ୍ଷ ସପ୍ତମୀ ତିଥି)

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।

ଶୋକସନ୍ତପ୍ତ- ପତ୍ନୀ: ସରୋଜିନୀ, ପୁତ୍ର: ରାଜେଶ, ରାକେଶ, କନ୍ୟା: ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୨୦୨୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ବର୍ଡର -ଗାଭାସ୍କର ଟ୍ରଫି



ନିର୍ମଳ କୁମାର ମିଶ୍ର

**ଅଷ୍ଟ୍ରେଲିଆ ମାଟିରେ ଶକ୍ତିଶାଳୀ କଙ୍ଗାରୁ ଦଳ ସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ ଖେଳିବ ଭାରତ। ୨୨ ତାରିଖରୁ ଅପ୍‌ଟସ୍ ଷ୍ଟାଡିୟମରେ ପ୍ରଥମ ଟେଷ୍ଟରେ ଯଶପ୍ରୀତ୍ ବୁମରା ଅଧିନାୟକ ଦାୟିତ୍ୱ ତୁଲାଇବେ...**

ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯାଇଛି। ଅଷ୍ଟ୍ରେଲିଆ ମାଟିରେ ଶକ୍ତିଶାଳୀ କଙ୍ଗାରୁ ଦଳ ସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ ଖେଳିବ ଭାରତ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିବାକୁ ଉଭୟ ଦଳ ପାଇଁ ଏହି ସିରିଜର ଫଳାଫଳ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ହ୍ୱାଇଟ ୱାଶ୍ ହେବା ଫଳରେ ବହୁ ସମାଲୋଚନାର ଶରବ୍ୟ ହୋଇଛି ଭାରତ। ଏହ ସହ ଅଷ୍ଟ୍ରେଲିଆରେ ଏକ ବଡ ଚ୍ୟାଲେଞ୍ଜ ଦଳକୁ ଅପେକ୍ଷା କରିଛି। ପର୍ଥରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚର ଫଳାଫଳ ଉଭୟ ଦଳ ପାଇଁ ବଡ ଗୁରୁତ୍ୱ ବହନ କରୁଛି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଗସ୍ତ କରିଛି। ଦଳରେ ଥିବା ସିନିୟର ଖେଳାଳି ଆଦୌ ଫର୍ମରେ ନାହାନ୍ତି। ଅନ୍ୟପକ୍ଷରେ ଏହି ଗସ୍ତର ପ୍ରଥମ ମ୍ୟାଚ ପାଇଁ ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ କାରଣରୁ ଦଳରେ ଯୋଗ ଦେଇନାହାନ୍ତି। ୨୨ ତାରିଖରୁ ପର୍ଥର ଅପ୍‌ଟସ୍ ଷ୍ଟାଡିୟମରେ ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟରେ ଉପ ଅଧିନାୟକ ଯଶପ୍ରୀତ୍ ବୁମରା ଅଧିନାୟକ ଦାୟିତ୍ୱ ତୁଲାଇବେ। ଅନ୍ୟପକ୍ଷରେ ଭାରତୀୟ ଯୁବ ବ୍ୟାଟର ଶୁବମନ ଗିଲ୍ ଓ ଖରାପ ଫର୍ମରେ ଥିବା ଲୋକେଶ ରାହୁଲଙ୍କ ଆଘାତ ସମସ୍ୟା ଦଳର ଚିନ୍ତା ବଢ଼ାଇଛି। ଅଷ୍ଟ୍ରେଲିଆର ପେସ୍ ଓ ବାଉନ୍ସି ପିଚରେ ଭାରତୀୟ ଦଳ କିପରି ପ୍ରଦର୍ଶନ କରୁଛି ତାହା ଦେଖିବା କଥା। ଅଷ୍ଟ୍ରେଲିଆ ପିଚ୍ ସହ ଅଭ୍ୟସ୍ତ ଥିବା ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଶ୍ରେୟସ ଆୟରଙ୍କ ପରି ଖେଳାଳିଙ୍କ ଅନୁପସ୍ଥିତି ଭାରତର ସମସ୍ୟା ବଢାଇପାରେ। ସିରିଜ ଆରମ୍ଭ ହେବା ପୂର୍ବରୁ ଅଷ୍ଟ୍ରେଲୀୟ ପୂର୍ବତନ ଖେଳାଳି ଆଡାମ୍ ଗିଲ୍‌କ୍ରିଷ୍ଟ, ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ନାଥାନ ଲିୟନ ଭାରତକୁ ଦୁର୍ବଳ ଦଳ କହିଛନ୍ତି। ନ୍ୟୁଜିଲାଣ୍ଡ ପରି ଏକ ଦୁର୍ବଳ ଟେଷ୍ଟ ଦଳଠାରୁ ସିରିଜ ହାରିଆସିଥିବା ଭାରତୀୟ ଦଳ ଆମ କାମକୁ ଅତି ସହଜ କରିଦେଇଛି ବୋଲି ଏହି ଖେଳାଳିମାନେ କହିଛନ୍ତି।

ସୂଚନା ଯୋଗ୍ୟ, ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆ ଶୀର୍ଷରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଚକ୍ରରେ ଅଷ୍ଟ୍ରେଲିଆ ଦଳ ମୋଟ ୧୨ଟି ମ୍ୟାଚରୁ ୮ ବିଜୟ ଓ ୩ ପରାଜୟ ଲାଭ କରିଛି। ଅନ୍ୟ ପକ୍ଷରେ ଭାରତୀୟ ଦଳ ମୋଟ ୧୪ଟି ମ୍ୟାଚ ଖେଳି ୮ ବିଜୟ ଓ ୫ ପରାଜୟ ହାସଲ କରିଛି। ଡବ୍ଲ୍ୟୁଟିସି ଫାଇନାଲ ପ୍ରବେଶ ପାଇଁ ଭାରତ ଏହି ସିରିଜ ବିଜୟ ଆବଶ୍ୟକ କରୁଛି। ଅନ୍ୟ ପକ୍ଷରେ ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଦଳ ମଧ୍ୟରେ ଫାଇନାଲକୁ ଯିବା ପାଇଁ କଡ଼ା ମୁକାବିଲା ଦେଖିବାକୁ ମିଳୁଛି।

ଫାଇନାଲ ପ୍ରବେଶ ପାଇଁ ଭାରତ ନିକଟରେ ଦୁଇଟି ସମୀକରଣ ରହିଛି। ଅଷ୍ଟ୍ରେଲିଆକୁ ୪-୦ରେ ପରାସ୍ତ କଲେ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚି ସିଧାସଳଖ ଫାଇନାଲ ଖେଳିବ ଭାରତ। ଏପରିକି ଯଦି ଭାରତ ୩-୨ରେ ବିଜୟୀ ହୁଏ ତେବେ ମଧ ଫାଇନାଲ ଯିବାର ସୁଯୋଗ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଇଂଲଣ୍ଡ ଗୋଟିଏ ବିଜୟ ହାସଲ କରିପାରିଲେ ଭାରତ ଫାଇନାଲ ଖେଳିପାରିବ। ସେହିପରି ଅଷ୍ଟ୍ରେଲିଆର ଶ୍ରୀଲଙ୍କା ବିପକ୍ଷରେ ଖେଳିବାକୁ ଥିବା ଟେଷ୍ଟ ମ୍ୟାଚରେ ଶ୍ରୀଲଙ୍କାଠାରୁ ଗୋଟିଏ ଟେଷ୍ଟ ମ୍ୟାଚ ଜିତିବାକୁ ହେବ। ଘରୋଇ ସିରିଜକୁ ହାରିବା ଓ କୌଣସି ପଏଣ୍ଟ ହାସଲ ନ କରିବା ଫଳରେ ବିପଦରେ ପଡିଛି ଭାରତୀୟ ଦଳ। ଭାରତକୁ ଏହି ସିରିଜରେ କିଛି ଚମତ୍କାରିତା ଦେଖାଇବାକୁ ହେବ। ଯୁବ ବ୍ୟାଟର ଓ ବୋଲରମାନଙ୍କୁ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ଭାରତୀୟ ଦଳ ପାଇଁ ଆଡିଲେଡରେ ଖେଳାଯିବାକୁ ଥିବା ପିଙ୍କ୍ ବଲ ଟେଷ୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପିଙ୍କ୍ ବଲ ଡେ ଆଣ୍ଡ ନାଇଟ୍ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଏକ ଶକ୍ତିଶାଳୀ ଦଳ। ପିଙ୍କ୍ ବଲରେ ଏ ପର୍ଯ୍ୟନ୍ତ ୧୨ ଟେଷ୍ଟ ମ୍ୟାଚ ଖେଳିଥିବା ଅଷ୍ଟ୍ରେଲିଆ ୧୧ଟିରେ ବିଜୟୀ ହୋଇଥିବା ବେଳେ ଭାରତ ମାତ୍ର ୪ ମ୍ୟାଚ ଖେଳି ୩ଟିରେ ବିଜୟ ଏବଂ ଗୋଟିଏ ମ୍ୟାଚରେ ପରାଜିତ ହୋଇଛି। ଏହି ଏକମାତ୍ର ପରାଜୟ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ପିଙ୍କ ବଲ ଟେଷ୍ଟ ମ୍ୟାଚରେ ଆସିଥିଲା। ଭାରତ ଏହାର ଟେଷ୍ଟ କ୍ରିକେଟରେ ସର୍ବନିମ୍ନ ସ୍କୋର ମାତ୍ର ୩୬ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା।

ଫଳାଫଳ ଦୃଷ୍ଟିକୋଣରୁ ଦେଖିଲେ ଭାରତ କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ବର୍ଡର ଗାଭାସ୍କର ଟ୍ରଫି ହାସଲ କରିଛି। ଶେଷଥର ପାଇଁ ୨୦୧୪-୧୫ରେ ଅଷ୍ଟ୍ରେଲିଆ ୨-୦ରେ ବର୍ଡର ଗାଭାସ୍କର ଟ୍ରଫି ଜିତିଥିଲା। ସମ୍ପ୍ରତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାର୍କ ୱାଙ୍କ ମନ୍ତବ୍ୟ କ୍ରିକେଟ ଜଗତରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ମତରେ ଆଶେସ ସିରିଜର ଗୁରୁତ୍ୱ ବେଶ ହ୍ରାସ ପାଇଛି । ବର୍ଡର ଗାଭାସ୍କର ଟ୍ରଫି ଜିତିବା ପ୍ୟାଟ କ୍ୟୁମିନ୍ସଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ପ୍ୟାଟ କୁମିନ୍ସ ମଧ୍ୟ ଏହି ଟ୍ରଫି ଜିତିବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣେଇଛନ୍ତି। ବିରାଟ କୋହଲି ସର୍ବଦା ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମାତ୍ର ଭାରତର ଯୁବ ଓପନର ଯଶସ୍ୱୀ ଯସ୍‌ୱାଲ ଓ ରିଷଭ ପନ୍ତଙ୍କ ବ୍ୟାଟିଂ ତାଙ୍କର ଚିନ୍ତା ବଢ଼ାଇଛି। ଶେଷ ୪ଟି ସିରିଜ ବେଶ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି ଓ ସମସ୍ତ ସିରିଜ ଭାରତ ଜିତିଛି। ଏଥିମଧ୍ୟରୁ ୨ଟି ସିରିଜ ମଧ୍ୟ ଅଷ୍ଟ୍ରେଲିଆରେ ବିଜୟୀ ହୋଇଛି। ତେଣୁକରି ଭାରତର ଆତ୍ମବିଶ୍ୱାସ ବଢିଛି। ଚୂଡାନ୍ତ ଏକାଦଶକୁ ନେଇ ଭାରତର ମାନସ ମନ୍ଥନ ହୋଇଛି।

ସିରିଜ ବିଜୟ ଦୃଷ୍ଟିକୋଣରୁ ଦେଖିଲେ ଉଭୟ ଦେଶ ସମାନ ସ୍ଥିତି ପାଖାପାଖିରେ ଅଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୨୮ଟି ସିରିଜରୁ ଭାରତ ୧୧ଟିରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୧୨ଟି ସିରିଜରେ ବିଜୟୀ ହୋଇ ଆଗରେ ରହିଛି। ୫ଟି ଟେଷ୍ଟ ସିରିଜ 'ଡ୍ର'ରେ ସମାପ୍ତ ହୋଇଛି। ମାତ୍ର ଏହି ସିରିଜ ଜିତିବା ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ସବୁକିଛି ନିର୍ଭର କରୁଛି ଯୁବ ବ୍ୟାଟରମାନଙ୍କ ଉପରେ। ଅନ୍ୟପକ୍ଷରେ ପେସ୍ ବୋଲିଂକୁ ସୁହାଉଥିବା ଅଷ୍ଟ୍ରେଲିଆର ଉଇକେଟ ଉପରେ ଯଶପ୍ରୀତ୍ ବୁମରା, ମହମ୍ମଦ ସିରାଜ, ଆକାଶ ଦୀପ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଅଭିଜ୍ଞ ମହମ୍ମଦ ଶାମିଙ୍କ ଅନୁପସ୍ଥିତ ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ। ବିଶ୍ୱର ଦୁଇ ଶ୍ରେଷ୍ଠ ସ୍ପିନ ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ଦଳ ନିଶ୍ଚୟ ଭରସା ରଖିବ। ସେମାନଙ୍କଠାରୁ ବେଶ୍ କିଛି ଭଲ ପ୍ରଦର୍ଶନ ଆଶା କରୁଛି ଭାରତ। ବ୍ୟାଟିଂରେ ପାଖାପାଖି ୧୦ଟି ଇନିଂସରେ ରନ ପାଇ ନ ଥିବା ବିରାଟ କୋହଲିଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସିରିଜ ବେଶ୍ ଭଲ ବ୍ୟାଟିଂ ଆବଶ୍ୟକ କରୁଛି। ଭାରତୀୟ ଦ୍ରୁତ ବୋଲରମାନେ ସିରିଜ ଆରମ୍ଭର ବହୁ ପୂର୍ବରୁ ସେମାନଙ୍କର ଅଭ୍ୟାସ ଆରମ୍ଭ କରିଛନ୍ତି। ଭାରତୀୟ 'ଏ' ଦଳ ସହିତ ଭଲ ଅଭ୍ୟାସ କରିଛି ଭାରତୀୟ ସିନିୟର ଦଳ। ଭାରତୀୟ 'ଏ' ଦଳର ସମସ୍ତ ଖେଳାଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଏକମାତ୍ର ଖେଳାଳି ଭାବେ ଦେବଦତ୍ତ ପଡିକଲ ଭାରତୀୟ ଦଳ ସହ ଯୋଗଦେଇଛନ୍ତି। ୨ୟ ଟେଷ୍ଟ ମ୍ୟାଚ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଦଳ ସହ ଯୋଗଦେବେ ବୋଲି ସୂଚନା ମିଳିଛି। ତାଙ୍କର ଅନୁପସ୍ଥିତି ପାଇଁ ଅନେକ ପୂର୍ବତନ ଖେଳାଳି ବିସିସିଆଇକୁ ସମାଲୋଚନା କରିଥିଲେ। ଚୂଡାନ୍ତ ଦଳରେ ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ ଓ ଦେବଦତ୍ତ ପଡିକଲ ସାମିଲ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ ପାରେ।

ଗୋଟିଏ ପକ୍ଷରେ ଦେଖିବାକୁ ଗଲେ ଏହି ଟେଷ୍ଟ ସିରିଜର ଫଳାଫଳ ଉପରେ ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ଆଗାମୀ ଡବ୍ଲ୍ୟୁଟିସି ଚକ୍ର ନିର୍ଭର କରୁଛି। ନଚେତ ଯୁବ ଖେଳାଳିମାନେ ସେମାନଙ୍କର ସ୍ଥାନ ନେଇପାରନ୍ତି। ବର୍ଡର ଗାଭାସ୍କର ଟ୍ରଫିରେ ହ୍ୟାଟ୍ରିକ୍ ସିରିଜ ବିଜୟ ଲକ୍ଷ୍ୟରେ ଭାରତ ନିଶ୍ଚିତ ପ୍ରୟାସ କରିବ।




# ଭାରତ ପାଇଁ ଖେଳିବା ଲକ୍ଷ୍ୟ

**ଗୋଲକିପିଙ୍ଗ୍ କରୁଥିବା ଶ୍ୱେତପଦ୍ମା ସାହୁ ଭବିଷ୍ୟତରେ ଭାରତ ପାଇଁ ଖେଳିବାର ଲକ୍ଷ୍ୟ ରଖିଛନ୍ତି। ସ୍କୁଲ ସାଙ୍ଗଙ୍କ ଜରିଆରେ ଫୁଟବଲ ବିଷୟରେ ଜାଣିଥିବା ଏହି ଖେଳାଳି ଜାତୀୟ ଚାମ୍ପିୟନଶିପରେ ରନର ଅପ୍ ଓଡ଼ିଶା ଦଳର ସଦସ୍ୟ ରହିଛନ୍ତି...**

**ସାକ୍ଷାତ: ସରୋଜ ଜେନା**




ଓଡ଼ିଶା ପକ୍ଷରୁ ଗୋଲକିପିଙ୍ଗ୍ କରୁଥିବା ମହିଳା ଫୁଟବଲର ଶ୍ୱେତପଦ୍ମା ସାହୁ ଭବିଷ୍ୟତରେ ଭାରତ ପାଇଁ ଖେଳିବାର ଲକ୍ଷ୍ୟ ରଖିଛନ୍ତି। ସ୍କୁଲ ସାଙ୍ଗଙ୍କ ଜରିଆରେ ଫୁଟବଲ ବିଷୟରେ ଜାଣିଥିବା ଏହି ଖେଳାଳି ଜାତୀୟ ଚାମ୍ପିୟନଶିପରେ ରନର ଅପ୍ ରହିଥିବା ଓଡ଼ିଶା ଦଳର ସଦସ୍ୟ ମଧ ରହି ସାରିଛନ୍ତି।

**ପ୍ରଶ୍ନ:** ଆପଣଙ୍କ ବିଷୟରେ କୁହନ୍ତୁ?

**ଉତ୍ତର:** ମୋ ନାଁ ଶ୍ୱେତପଦ୍ମା ସାହୁ। ଓଡ଼ିଶା ମହିଳା ଫୁଟବଲ ଦଳରେ ମୁଁ ଗୋଲକିପର ଭାବରେ ଖେଳିଥାଏ। ବାପା ପ୍ରଦୀପ କୁମାର ସାହୁ ଜଣେ ବ୍ୟବସାୟୀ ଓ ମା' ସ୍ନେହଲତା ସାହୁ ଗୃହିଣୀ।

**ପ୍ରଶ୍ନ:** କେମିତି ଫୁଟବଲ ଖେଳିବା ଆରମ୍ଭ କଲେ?

**ଉତ୍ତର:** ୧୨ ବର୍ଷ ବୟସରେ ଜଣେ ସ୍କୁଲ ସାଙ୍ଗଙ୍କ ସହ ଫୁଟବଲ ଖେଳିଥିଲି। ସେତେବେଳେ କେବଳ ମଜା ପାଇଁ ଫୁଟବଲ ଖେଳୁଥିଲୁ। ଧୀରେ ଧୀରେ ଭଲ ପ୍ରଦର୍ଶନ କରି ଏଥିରେ କ୍ୟାରିୟର ଗଢ଼ିବାକୁ ନିଷ୍ପତ୍ତି ନେଲି।

**ପ୍ରଶ୍ନ:** ପ୍ରଥମ କୋଚ୍ କିଏ ଥିଲେ?

**ଉତ୍ତର:** ଚିତ୍ରସେନ୍ ପାତ୍ରଙ୍କ ଅଧୀନରେ ମୁଁ ପ୍ରଥମେ ପ୍ରଶିକ୍ଷଣ ନେଇଥିଲି। ସାର୍‌ଙ୍କ ସହ ଏବେ ବି ମୁଁ ସମ୍ପର୍କରେ ରହିଛି। କ୍ୟାରିୟରରେ ଯେ କୌଣସି ସମୟରେ କିଛି ପରାମର୍ଶ ଆବଶ୍ୟକ ପଡିଲେ ମୁଁ ସାର୍‌ଙ୍କ ନିକଟକୁ ଯାଇଥାଏ।

**ପ୍ରଶ୍ନ:** ଗୋଲ କିପିଙ୍ଗ କାହିଁକି?

**ଉତ୍ତର:** ପ୍ରଥମେ ଫୁଟବଲ ଖେଳିବା ସମୟରେ ପୋଜିଶନ ବିଷୟରେ ଧାରଣା ନ ଥିଲା। ତେବେ ପ୍ରଥମ ଥର ଟ୍ରାଏଲ୍ସରେ ପୋଜିଶନ ବଣ୍ଟା ଯାଉଥିବା ବେଳେ ଅଧିକ ଉଚ୍ଚତା କାରଣରୁ ମୋତେ ଗୋଲ କିପିଙ୍ଗ୍ ମିଳିଥିଲା। ଏହା ଏକ ଦାୟିତ୍ୱ, ଯାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଧୀରେ ଧୀରେ ଗୋଲକିପିଙ୍ଗ୍‌ରେ ମଜା ଆସିଥିଲା।

**ପ୍ରଶ୍ନ:** ଆଦର୍ଶ ଖେଳାଳି କିଏ?

**ଉତ୍ତର:** ଭାରତୀୟ ଦଳରେ ଗୋଲକିପର ରହିଥିବା ଅଦିତି ଚୌହାନ୍ ଓ ଓଡ଼ିଶା ଦଳର ପୂର୍ବତନ ଖେଳାଳି ସସ୍ମିତା ମଲିକ ମୋ ପାଇଁ ଆଦର୍ଶ।

**ପ୍ରଶ୍ନ:** କ୍ୟାରିୟରର ସ୍ମରଣୀୟ ମ୍ୟାଚ୍?

**ଉତ୍ତର:** ଆଣ୍ଡାମାନ ଓ ନିକୋବରରେ ମହାରାଷ୍ଟ୍ର ବିପକ୍ଷ ସେମିଫାଇନାଲ ମ୍ୟାଚ୍ ବର୍ତ୍ତମାନ ସୁଦ୍ଧା ମୋ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମ୍ୟାଚ୍। ଉକ୍ତ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଏକାଧିକ ସେଭ୍ କରି ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲି। ଏହା ମୋ ପାଇଁ ବର୍ତ୍ତମାନ ଯାଏ ସବୁଠାରୁ ସ୍ମରଣୀୟ ରହିଛି।

**ପ୍ରଶ୍ନ:** ଅଫ୍ ସିଜନ୍‌ରେ ଅଭ୍ୟାସର ରୁଟିନ୍ କେମିତି ଥାଏ?

**ଉତ୍ତର:** ଫୁଟବଲରେ ସାଧାରଣତଃ ଅଫ୍ ସିଜନ ବୋଲି କିଛି ନ ଥାଏ। ଅଫ୍ ସିଜନରେ ଆମର ସମର କ୍ୟାମ୍ପ ରହିଥାଏ। ଗୋଲ କିପର ଭାବରେ ଅଫ୍ ସିଜନରେ ଦିନକୁ ୨ ଥର ଅଭ୍ୟାସ କରିବାକୁ ପଡିଥାଏ। ଗୋଲକିପିଙ୍ଗ୍‌ର ବିଭିନ୍ନ ପୋଜିଶନକୁ ନେଇ ଅଭ୍ୟାସ କରିଥାଉ।

**ପ୍ରଶ୍ନ:** କେଉଁ କ୍ଲବ ପକ୍ଷରୁ ଖେଳିଛନ୍ତି?

**ଉତ୍ତର:** ଓଡ଼ିଶା ଓମେନ୍ସ ଲିଗ୍ ଯେତେବେଳେ କଟକ ଲିଗ୍ ନାମରେ ପରିଚିତ ଥିଲା ୨୦୧୭ରେ ମୁଁ ଚାନ୍ଦ କ୍ଲବ ପକ୍ଷରୁ ଖେଳୁଥିଲି। ୨୦୧୮ରେ ସାଇ ହଷ୍ଟେଲ ପକ୍ଷରୁ ଖେଳିଥିଲେ। ପରେ ୨୦୨୨ରୁ ବର୍ତ୍ତମାନ ଯାଏ ଓଜିପି ପକ୍ଷରୁ ଖେଳୁଛି। ୨୦୨୩ରେ ମୁଁ କର୍ନାଟକ ଲିଗ୍‌ରେ ପରିକ୍ରମା ଏଫ୍‌ସି ପକ୍ଷରୁ ଖେଳିଥିଲି।

**ପ୍ରଶ୍ନ:** ଇଞ୍ଜୁରି ସମୟରେ କ'ଣ ରୁଟିନ୍ ରହିଥାଏ?

**ଉତ୍ତର:** ଇଞ୍ଜୁରି ସମୟରେ ଦୈନିକ ୨-୩ ଘଣ୍ଟା ରିହାବ୍ ପାଇଁ ଦେବାକୁ ପଡ଼ିଥାଏ। ଏହାପରେ ପଡ଼ିଆରେ କିଛି ସମୟ ବୁଲାବୁଲି କରିଥାଏ।

**ପ୍ରଶ୍ନ:** ମ୍ୟାଚ୍‌ର ଚାପ ସହ କିଭଳି ଆଡ୍‌ଜଷ୍ଟ କରନ୍ତି?

**ଉତ୍ତର:** ମ୍ୟାଚ୍ ସମୟରେ ଚାପ ରହିଥାଏ। ଗୋଲକିପର ଉପରେ ହିଁ ସବୁଠାରୁ ଅଧିକ ଚାପ ରହିଥାଏ। ଚାପ ମୁକ୍ତ ରହିବା ପାଇଁ ଯୋଗ ଓ ପ୍ରାଣାୟାମ ସହ ମ୍ୟାଚ୍ ପୂର୍ବରୁ ଯଥାସମ୍ଭବ ଅନ୍ୟ ଚିନ୍ତାରୁ ଦୂରେଇ ରହିବାକୁ ପ୍ରୟାସ କରିଥାଏ।

**ପ୍ରଶ୍ନ:** କେଉଁ ଫୁଟବଲ କ୍ଲବ ଆପଣଙ୍କ ପସନ୍ଦ?

**ଉତ୍ତର:** ମାଞ୍ଚେଷ୍ଟର ୟୁନାଇଟେଡ୍ କ୍ଲବ ମୋର ସବୁଠାରୁ ପସନ୍ଦ। ଏହି କ୍ଲବର ଖେଳାଳି ଓ୍ୱେନ୍ ରୁନି ମୋତେ ଭଲ ଲାଗୁଥିବା ବେଳେ କ୍ଲବର ଶୃଙ୍ଖଳା ମଧ ମୋତେ ଆକୃଷ୍ଟ କରିଥାଏ।

**ପ୍ରଶ୍ନ:** ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି?

**ଉତ୍ତର:** ଭାରତ ପାଇଁ ଖେଳିବା ମୋର ଏକମାତ୍ର ଲକ୍ଷ୍ୟ ରହିଛି। ଓଡ଼ିଶା ଓମେନ୍ସ ଲିଗ୍‌ରେ ମୋ କ୍ଲବ ଓଜିପି ରନର୍ ଅପ୍ ରହିଥିବା ବେଳେ ଚଳିତ ସିଜନ୍‌ରେ ଆମେ ଆଇଡବ୍ଲ୍ୟୁଏଲ୍ ସେକେଣ୍ଡ ଡିଭିଜନ୍ ଲିଗ୍ ଖେଳିବୁ। ସେଠାରେ ଭଲ ପ୍ରଦର୍ଶନ କରି ମେନ୍ ଲିଗ୍‌ରେ ଖେଳିବାର ଲକ୍ଷ୍ୟ ରହିଛି।

## ବେଟର

ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି
ହକିରେ ଭାରତ ଷଣ୍ଡ
ଚାଇନା, ମାଲେସିଆ, ଦକ୍ଷିଣ
କୋରିଆ
ପୁଣି ଥିଲା ଥାଇଲାଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଏକାଧିକ ଥର ସର୍କଲ
ପେନିଟ୍ରେସନ
ପାଇଁ ଚୁନ-ହୁଆ ଧଣ୍ଡ...(୧)

ସୁନେଲିତା ଟପ୍ପୋ ଡ୍ରିବ୍‌ଲିଂ ସ୍କିଲ
ପ୍ରଦର୍ଶନ ହେଲା କାଳ
ଯୁବ ଷ୍ଟ୍ରାଇକର ଦୀପିକା
ଗୋଲରେ
ନମ୍ବର ୱାନ ଆମ ଦଳ
ଟିମ ସ୍ପିରିଟ ବଡ଼ ବଳ
ଡିଫେଣ୍ଡିଙ୍ଗ ଚାମ୍ପିୟନ ଭାରତ
ହାତରେ
ଥାର୍ଡ ଟାଇଟଲ ଭୋଳ...(୨)

ଟ୍ରାକ ସାଇକ୍ଲିଂ ଚାମ୍ପିୟନଶିପରେ
ସ୍ୱର୍ଣ୍ଣ,ରୌପ୍ୟ,ବ୍ରୋଞ୍ଜ ଜିତି
ସ୍ୱସ୍ତି ସଙ୍ଗେ
ବର୍ଷା,ରେଜିଆ,ଉର୍ମିଳା
ଉଚ୍ଚା କଲେ ରାଜ୍ୟ ଛାତି
ବୁଝିଲେଣି ଆମ ଜାତି
ପୁଅଠୁ ବେଟର ଝିଅ ଟିଏ ବୋଲି
ବୁଢ଼ୀ ମା' ଖୋଜୁନି ନାତି...(୩)

–ସୁବାଷ ଚନ୍ଦ୍ର ପ୍ରଧାନ

**ଜାତୀୟ ଭିନ୍ନକ୍ଷମ ଚାଲେଞ୍ଜର ଟ୍ରଫି**

# ଓଡ଼ିଶାର ବଳରାମ, ଜଗଜୀତଙ୍କୁ ସୁଯୋଗ




ବଳରାମ ବସ୍ତିଆ ଓ ଜଗଜୀତ ମହାନ୍ତି।

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ):** ନଭେମ୍ବର ୩୦ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରରେ ଆରମ୍ଭ ହେବ ଜାତୀୟ ଚାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ। ଏଥିପାଇଁ ରାଜସ୍ଥାନର ଉଦୟପୁରରେ ଶେଷ ହୋଇଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରୁ ପ୍ରଦର୍ଶନ ଆଧାରରେ ୪ଟି ଦଳ ଗଠନ କରାଯାଇଛି। ଦଳ ଗୁଡ଼ିକ ହେଲେ ଭାରତୀୟ ସିନିୟର, ଭାରତ-ଏ, ଭାରତ-ବି ଓ ଭାରତ-ସି। ଏଥିରେ ଓଡିଶାର ଦୁଇ ଖେଳାଳି ବଳରାମ ବସ୍ତିଆ ଭାରତ-ଏ ଓ ଜଗଜୀତ ମହାନ୍ତି ଭାରତ-ବି ଦଳରେ ସାମିଲ ହୋଇଛନ୍ତି। ଦୁଇ ଖେଳାଳି ପୂର୍ବ ଜାତୀୟ କ୍ରିକେଟ ଟୁର୍ନାମେଣ୍ଟରେ ଉଚ୍ଚକୋଟିର ପ୍ରଦର୍ଶନ କରିଥିଲେ। ଜାତୀୟ ଚ୍ୟାଲେଞ୍ଜରରୁ ଆଗାମୀ ଅନ୍ତର୍ଜାତୟ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳ ଚୟନ ହେବ। ଏହି ସଫଳତା ପାଇଁ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସୱାଲ, କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଜାର ଓ ଓଡ଼ିଶା ଦଳର ଅଧିନାୟକ ରାଖାଲ୍ କୁମାର ସେଠି ଶୁଭେଚ୍ଛା ଜଣାଇଛନ୍ତି।

# ଗଲ୍ଫ କୋର୍ସରେ କଶିକାଙ୍କ ଚମକ

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ପ୍ରଥମ ଓଡ଼ିଆ ବାଳିକାଭାବେ ଆଇଜିୟୁ (ଇଣ୍ଡିଆନ ଗଲ୍ଫ ୟୁନିୟନ) ଚାମ୍ପିୟନଶିପ୍ ଟାଇଟଲ ଜିତି ଇତିହାସ ରଚିଛନ୍ତି କଶିକା ମିଶ୍ର। ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଜେପି ଗ୍ରୀନ୍ସରେ ଆଇଜିୟୁ ନର୍ଦ୍ଦର୍ନ ଇଣ୍ଡିଆ ମହିଳା ଓ ଜୁନିୟର ବାଳିକା ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ସେ ଏ (୧୫ରୁ ୧୮ ବର୍ଷ) ଏବଂ ଓପନ (ସିନିୟର ଆମେଚର) ଆଦି ସମସ୍ତ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମାତ୍ର ୧୭ ବର୍ଷର ହୋଇଥିଲେ ହେଁ ସେ ଏପରି ବିରଳ ସଫଳତା ହାସଲ କରିପାରିଛନ୍ତି।

**ପ୍ରଥମ ଓଡ଼ିଆ ବାଳିକାଭାବେ ଆଇଜିୟୁ ଟାଇଟଲ ବିଜୟୀ**

ପ୍ରତି ବର୍ଷ ପ୍ରାୟତଃ ୯ଟି ଆଇଜିୟୁ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ। ଏଥିରୁ ଖେଳାଳିଙ୍କର ଜାତୀୟ ର୍‍ୟାଙ୍କିଙ୍ଗ୍ ଧାର୍ଯ୍ୟ ହୋଇଥାଏ। ପ୍ରଥମ ଦିବସରୁ ହିଁ ସେ ଚମତ୍କାର ପ୍ରଦର୍ଶନ କରି ଆଗକୁ ବଢ଼ିଥିଲେ। ତୃତୀୟ ତଥା ଅନ୍ତିମ ଦିବସରେ ସେ ୧୧ ଅଣ୍ଡର ପାର୍ ସ୍କୋର କରି ରନରଅପ୍ ମନ୍ନତ ବ୍ରାରଙ୍କଠାରୁ ୪ ଷ୍ଟ୍ରୋକ୍‌ରେ ଆଗୁଆ ରହିଥିଲେ। ଓଡ଼ିଶାର ପ୍ରଥମ ଖେଳାଳିଭାବେ କଶିକା ୨୦୨୩ ମେ'ରେ ୱାର୍ଲ୍ଡ ଆମେଚର ଗଲ୍ଫ ର୍‍ୟାଙ୍କିଙ୍ଗ୍ ହାସଲ କରିଥିଲେ। ୨୦୨୩ ନଭେମ୍ବରରେ ସେ ଓଡ଼ିଶା ପକ୍ଷରୁ ଜାତୀୟ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିଥିଲେ ଏବଂ ତାଇୱାନରେ ଅନୁଷ୍ଠିତ ଇଭେଣ୍ଟରେ ଭାରତୀୟ ଦଳର ଅଂଶବିଶେଷ ଥିଲେ। ଏବେ ଆଇଜିୟୁ ଟୁର୍ନାମେଣ୍ଟରୁ ୫୦ ପଏଣ୍ଟ ହାସଲ କରିବାପରେ ସେ ଭାରତର ଟପ୍-୫ ଆମେଚର ଗଲ୍ଫରଙ୍କ ମଧ୍ୟରେ ସ୍ଥାନ ପାଇବାର ନିକଟତର ହୋଇପାରିବେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ କଶିକା ମିଶ୍ର (ମଝି)।

କଶିକା ଦିଲ୍ଲୀ ଗଲ୍ଫ କ୍ଲବରୁ ଖେଳୁଛନ୍ତି। ସେ ଭୁବନେଶ୍ୱର ଗଲ୍ଫ କ୍ଲବର ମଧ୍ୟ ସଦସ୍ୟ ଅଛନ୍ତି। ଏହି ସଫଳତା ପାଇଁ ସେ ନିଜ କୋଚ୍, ଭୁବନେଶ୍ୱର ଗଲ୍ଫ କ୍ଲବ, ଓଡ଼ିଶା ସରକାର ଓ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଭୁ ଜଗନ୍ନାଥ ଏବଂ ପରିବାରବର୍ଗଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲା ଧରାକୋଟର କିରଣ ଓ ବ୍ରିଗେଡିୟର ଟି.କେ. ମିଶ୍ରଙ୍କ ଝିଅ ହେଉଛନ୍ତି କଶିକା।

# ପର୍ଥରେ ଦଳ ସହ ଯୋଗଦେବେ ରୋହିତ ଶର୍ମା

**ପର୍ଥ, ୨୧।୧୧ (ପି.ଟି.):** ଅଧିନାୟକ ରୋହିତ ଶର୍ମା ରବିବାର ସ୍ଥାନୀୟ ଅପ୍‌ଟସ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସରେ ଭାରତୀୟ କ୍ରିକେଟ ଦଳ ସହିତ ଯୋଗଦେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏହା ସ୍ପଷ୍ଟ କରାଯାଇଛି। ରୋହିତ ଓପନିଂ ଟେଷ୍ଟ ପାଇଁ ଉପଲବ୍ଧ ନ ଥିଲେ। ତାଙ୍କର ଦ୍ୱିତୀୟ ସନ୍ତାନ ଜନ୍ମ ହେବାକୁ ଥିବାରୁ ସେ ଭାରତରେ ତାଙ୍କ ପରିବାର ସହିତ ଥିଲେ। ରୋହିତ ଓ ତାଙ୍କ ସ୍ତ୍ରୀ ନଭେମ୍ବର ୧୫ରେ ଏକ ପୁତ୍ର ସନ୍ତାନ ଲାଭ କରିଛନ୍ତି। ରୋହିତଙ୍କ ଅନୁପସ୍ଥିତିରେ ପର୍ଥ ଟେଷ୍ଟରେ ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଭାରତୀୟ ଦଳର କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇବେ। ୩୭ ବର୍ଷୀୟ ରୋହିତ କିନ୍ତୁ ଡିସେମ୍ବର ୬ରୁ ଆଡିଲେଡ୍‌ଠାରେ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଉପଲବ୍ଧ ହେବେ। ରୋହିତ ପ୍ରଥମ ଟେଷ୍ଟରେ ଖେଳି ନ ଥିଲେ ମଧ୍ୟ ଦଳ ସହିତ ଯୋଗାଯୋଗରେ ରହିଥିବା ଗୁରୁବାର ମ୍ୟାଚ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ବୁମ୍‌ରା ପ୍ରକାଶ କରିଛନ୍ତି।

# ଅଷ୍ଟ୍ରେଲିଆରେ ଭାରତର ରେକର୍ଡ

**ପର୍ଥ,୨୧।୧୧(ପି.ଟି.)**

ଆସନ୍ତା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ଶୁକ୍ରବାର ପର୍ଥରେ ଅନୁଷ୍ଠିତ ହେବାକୁ ଯାଉଛି। ୧୯୪୭ ମସିହାରୁ ୨୦୨୧ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ୧୩ ଥର ଅଷ୍ଟ୍ରେଲିଆ ଗସ୍ତ କରିଛି। ଏହା ମଧ୍ୟରେ ଭାରତ ମାତ୍ର ୨ ଥର ସିରିଜ୍ ଜିତିବାରେ ସକ୍ଷମ ହୋଇଥିବା ବେଳେ ୩ ଥର ଡ୍ର ରହିଛି। ଅନ୍ୟପକ୍ଷରେ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ୮ ଥର ସିରିଜ୍ ବିଜୟୀ ହୋଇଛି। ସ୍ୱାଧୀନତା ପରଠାରୁ ଅଷ୍ଟ୍ରେଲିଆ ମାଟିରେ ଭାରତ ଖେଳିଥିବା ସମସ୍ତ ସିରିଜ୍ ଉପରେ ଏକ ଆଲେଖ୍ୟ...

**୧. ୧୯୪୭-୪୮, ଅଷ୍ଟ୍ରେଲିଆ ୪-୦ରେ ବିଜୟୀ (୫ ମ୍ୟାଚ୍)**

୧୯୪୭-୪୮ରେ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ତେବେ ସାରା ଡୋନାଲ୍ଡ ବ୍ରାଡ୍‌ମ୍ୟାନ ୧୭୮.୭୫ ଆଭରେଜରେ ୭୧୫ ରନ୍ ସ୍କୋର କରିଥିବା ବେଳେ ପେସ୍ ବୋଲର ଲିଣ୍ଡୱାଲ ୧୮ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଏହି ସିରିଜ୍‌କୁ ୪-୦ରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ବିଜୟ ହଜାରେ ସର୍ବାଧିକ ୪୨୯ ରନ୍ ସ୍କୋର କରିଥିଲେ।

**୨. ୧୯୬୭-୬୮, ଅଷ୍ଟ୍ରେଲିଆ ୪-୦ରେ ବିଜୟୀ (୫ ମ୍ୟାଚ୍)**

ପ୍ରଥମ ସିରିଜ୍‌ର ୨୦ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତ କରିଥିବା ମନସୁର ଅଲୀ ଖାନ୍ ପଟୌଦୀଙ୍କ ଭାରତୀୟ ଦଳ ସମାନ ୪-୦ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ହାରିଥିଲା। ଏହି ସିରିଜ୍‌ରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଥିବା ବେଳେ ବ୍ରିସବେନ୍‌ରେ ଏମ୍.ଏଲ୍. ଜୟସିମା ଲଢୁଆ ୧୦୧ ରନ୍‌ରେ ଇନିଂସ ଖେଳିଥିଲେ। ୩୯୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ୩୫ ରନ୍‌ରେ ଏହି ମ୍ୟାଚ୍ ହାରିଥିଲା। ସ୍ପିନର ଏରାପଲ୍ଲୀ ପ୍ରସନ୍ନା ଏହି ସିରିଜ୍‌ରେ ୨୫ ଉଇକେଟ ନେଇଥିଲେ।

**୩. ୧୯୭୭-୭୮, ଅଷ୍ଟ୍ରେଲିଆ ୩-୨ରେ ବିଜୟୀ (୫ ମ୍ୟାଚ୍)**

ପ୍ରଥମ ଥର ପାଇଁ ଏହି ସିରିଜ୍‌ରେ ଅଷ୍ଟ୍ରେଲିଆ ମାଟିରେ ବିଜୟ ହାସଲ କରିଥିଲା ଭାରତ। ମେଲବୋର୍ନରେ ଖେଳାଯାଇଥିବା ସିରିଜର ତୃତୀୟ ଓ ଚତୁର୍ଥ ମ୍ୟାଚକୁ ଭାରତ ଜିତିଥିଲେ ମଧ୍ୟ ଆଡିଲେଡ୍‌ର ଅନ୍ତିମ ମ୍ୟାଚ୍ ହାରି ସିରିଜ୍ ହାରି ଯାଇଥିଲା। ୪୯୩ ରନ୍‌ର ପିଛା କରୁଥିବା ଭାରତ ବିଜୟରୁ ୪୭ ରନ୍ ପଛରେ ରହି ଯାଇଥିଲା। ସ୍ପିନର ବିଶନ ସିଂ ବେଦୀ ଏହି ସିରିଜରେ ୩୧ ଉଇକେଟ ନେଇ ପ୍ରଥମ ସ୍ଥାନରେ ରହିଥିଲେ।

**୪. ୧୯୮୦-୮୧, ସିରିଜ ୧-୧ ଡ୍ର (୩ ମ୍ୟାଚ୍)**

କପିଳ ଦେବଙ୍କ ୫ ଉଇକେଟ ସଫଳତା ଓ ଗୁଣ୍ଡପ୍ପା ବିଶ୍ୱନାଥଙ୍କ ଶତକ ବଳରେ ମେଲବୋର୍ନ୍‌ରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌କୁ ଭାରତ ୫୯ ରନ୍‌ରେ ଜିତି ନେଇଥିଲା । ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆରେ ଭାରତ ଏକ ଟେଷ୍ଟ ସିରିଜ ଡ୍ର ରଖିବାରେ ସମର୍ଥ ହୋଇଥିଲା।

**୫. ୧୯୮୫-୮୬, ସିରିଜ ୦-୦ ଡ୍ର (୩ ମ୍ୟାଚ୍)**

ଭାରତୀୟ ବ୍ୟାଟରମାନେ ଏହି ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସୁନୀଲ ଗାଭାସ୍କର ୩୫୨ ରନ୍ ସହ ଭାରତର ଟପ୍ ସ୍କୋରର ରହିଥିଲେ। ଗ୍ରେଗ୍ ଚାପେଲ, ରଡ୍ ମାର୍ଶ, ଡେନିସ୍ ଲିଲି ଓ ଜେଫ୍ ଥମ୍ପସନଙ୍କ ଅବସର ପରେ ଅଷ୍ଟ୍ରେଲିଆ ଦୁର୍ବଳ ଥିବାବେଳେ ଲଗାତର ଦ୍ୱିତୀୟ ଥର ପାଇଁ ଭାରତ ସିରିଜ୍ ଡ୍ର ରଖିଥିଲା।

**୬. ୧୯୯୧-୯୨, ଅଷ୍ଟ୍ରେଲିଆ ୪-୦ରେ ବିଜୟୀ (୫ ମ୍ୟାଚ୍)**

ଏହି ସିରିଜ୍‌ରେ ସଚିନ୍ ତେନ୍ଦୁଲକର ଓ ସେନ୍ ୱାର୍ନଙ୍କ ଆବିର୍ଭାବ ଦେଖିବାକୁ ମିଳିଥିଲା। ସଚିନ୍ ପର୍ଥରେ ଶତକ ହାସଲ କରିଥିବା ବେଳେ ଯାଦୁକରୀ ସ୍ପିନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ୱାର୍ନ। ଆଲାନ ବର୍ଡରଙ୍କ ଦଳ ଏହି ସିରିଜକୁ ୪-୦ରେ ଜିତି ନେଇଥିଲା।

**୭. ୧୯୯୯-୨୦୦୦, ଅଷ୍ଟ୍ରେଲିଆ ୩-୦ରେ ବିଜୟୀ (୩ ମ୍ୟାଚ୍)**

ଗ୍ଲେନ୍ ମ୍ୟାକ୍‌ଗ୍ରା ଚମତ୍କାର ବୋଲିଂ କରି ୧୮ ଉଇକେଟ ନେଇଥିବା ବେଳେ ଭାରତ ୩ଟି ଟେଷ୍ଟର ୬ ଇନିଂସରେ ଥରେ ମଧ୍ୟ ୩୦୦ ରନ୍ ପାର କରି ପାରି ନ ଥିଲା। ଭାରତ ଏହି ସିରିଜ୍‌କୁ ୩-୦ରେ ହାରି ଯାଇଥିଲା।

**୮. ୨୦୦୩-୦୪, ସିରିଜ୍ ଡ୍ର ୧-୧, (ମ୍ୟାଚ୍ ୪)**

ରାହୁଲ ଦ୍ରାବିଡ୍ ଓ ଅଜିତ ଅଗରକରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇଥିଲା ଭାରତ। ତେବେ ଏମ୍‌ସିଜିରେ ଖେଳାଯାଇଥିବା ଶେଷ ମ୍ୟାଚ୍‌କୁ ୯ ଉଇକେଟରେ ଜିତି ଅଷ୍ଟ୍ରେଲିଆ ସିରିଜ୍‌କୁ ଡ୍ର କରିଥିଲା।

**୯. ୨୦୦୭-୦୮, ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ( ମ୍ୟାଚ୍ ୪)**

ଏହି ସିରିଜ୍ ଷ୍ଟିଭ୍ ବକ୍‌ନରଙ୍କ ଖରାପ ଅମ୍ପାୟରିଂ ଓ ମଙ୍କିଗେଟ୍ ବିବାଦ ପାଇଁ ଚର୍ଚ୍ଚାରେ ରହିଥିଲା। ଭାରତ ପର୍ଥରେ ବିଜୟୀ ହୋଇଥିଲେ ମଧ୍ୟ ସିରିଜ୍ ୨-୧ରେ ପରାଜିତ ହୋଇଥିଲା। ସିରିଜ୍ ବିଜୟ ପରେ ଅଷ୍ଟ୍ରେଲିଆ ଦଳର ସେଲିବ୍ରେଶନକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା।

**୧୦. ୨୦୧୧-୧୨, ଅଷ୍ଟ୍ରେଲିଆ ୪-୦ରେ ବିଜୟୀ (ମ୍ୟାଚ୍-୪)**

ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତ ସବୁ ଡିପାର୍ଟମେଣ୍ଟରେ ବିଫଳ ହୋଇଥିବା ବେଳେ ୪-୦ରେ ସିରିଜ୍ ହାରିଥିଲା। ଭାରତର ସିନିୟର ଖେଳାଳି ରାହୁଲ ଦ୍ରାବିଡ୍ ଓ ଭିଭିଏସ୍ ଲକ୍ଷ୍ମଣଙ୍କ ପାଇଁ ଏହା ଶେଷ ସିରିଜ୍ ରହିଥିଲା।

**୧୧. ୨୦୧୪-୧୫, ଅଷ୍ଟ୍ରେଲିଆ ୨-୦ରେ ବିଜୟୀ (ମ୍ୟାଚ୍-୪)**

ଏହି ସିରିଜ୍ ଅଧାରେ ମହେନ୍ଦ୍ର ସିଂ ଧୋନୀ ଟେଷ୍ଟ କ୍ୟାପଟେନ୍ସି ଛାଡ଼ିଥିଲେ। ବିରାଟ କୋହଲି ନିଜ ପ୍ରଥମ ଅଧିନାୟକ ଇନିଂସରେ ୧୪୭ ରନ୍‌ର ଚମତ୍କାର ଇନିଂସ ଖେଳିଥିଲେ ମଧ୍ୟ ଭାରତକୁ ଜିତାଇ ପାରି ନ ଥିଲେ।

**୧୨. ୨୦୧୮-୧୯, ଭାରତ ୨-୧ରେ ବିଜୟୀ (୪ ମ୍ୟାଚ୍)**

ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ସିରିଜ୍ ଜିତିଥିଲା। ପ୍ରଥମ ଏସୀୟ ରାଷ୍ଟ୍ର ଭାବରେ ଭାରତ ଅଷ୍ଟ୍ରେଲିଆରେ ଜିତିଥିଲା। ଚେତେଶ୍ୱର ପୂଜାରା ୫୨୧ ରନ୍ ସହ ଟପ୍ ସ୍କୋରର ରହିଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ୨୧ ଉଇକେଟ ନେଇ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିଲେ।

**୧୩. ୨୦୨୦-୨୧ ଭାରତ ୨-୧ରେ ବିଜୟୀ (୪ ମ୍ୟାଚ୍)**

ଭାରତ ପାଇଁ ଏହି ସିରିଜ ଅତ୍ୟନ୍ତ ସ୍ମରଣୀୟ ଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ଏହାର ସର୍ବନିମ୍ନ ସ୍କୋର ୩୬ ରନ୍ କରିଥିଲା। ପ୍ରଥମ ମ୍ୟାଚ୍ ପରେ ଅଧିନାୟକ ବିରାଟ କୋହଲି ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ରିଷଭ ପନ୍ତଙ୍କ ଲଢୁଆ ଇନିଂସ ବଳରେ ଗାବାରେ ଜିତିବା ସହ ଭାରତ ୨-୧ରେ ସିରିଜ୍ ବିଜୟୀ ହୋଇଥିଲା।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ: ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ଜାତୀୟ ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ୭୮ତମ ସଂସ୍କରଣ ଗୁରୁବାର ପଞ୍ଜାବର ଅମୃତସରରେ ଆରମ୍ଭ ହୋଇଛି। ଗ୍ରୁପ୍ 'ଏଫ୍'ରେ ସ୍ଥାନ ପାଇଥିବା ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। କାର୍ତ୍ତିକ ହନ୍ତାଳଙ୍କ ଡବଲ ଗୋଲ ବଳରେ ଓଡ଼ିଶା ୬-୧ ଗୋଲରେ ମଧ୍ୟପ୍ରଦେଶକୁ ହରାଇ ଦେଇଛି।

ପୂରା ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓଡ଼ିଶା। ମ୍ୟାଚ୍‌ର ୧୧ଶ ମିନିଟ୍‌ରେ ଅର୍ବିନ ଲାକ୍ରା ଏକ ଗୋଲଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ୨୬ତମ ମିନିଟ୍‌ରେ ରୋଶନ ପାନ୍ନା ଏହାକୁ ୨-୦ରେ ପରିଣତ କରିଥିଲେ। ୩୭ତମ ମିନିଟ୍‌ରେ ଜିତୁ ମୁଦୁଲି ଓ ମଧ୍ୟାନ୍ତରର ଇଞ୍ଜୁରି ଟାଇମ୍ (୪୫+୨)ରେ କାର୍ତ୍ତିକ ହନ୍ତାଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଓଡ଼ିଶା ୪-୦ ଗୋଲରେ ଅଗ୍ରଣୀଲାଭ କରି ସାରିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟପ୍ରଦେଶ କିଛିଟା ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଥିଲା। ୬୪ତମ ମିନିଟ୍‌ରେ କାର୍ତ୍ତିକ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୫ମ ଗୋଲଟି ଦେଇଥିଲେ। ୭୩ତମ ମିନିଟ୍‌ରେ ମଧ୍ୟପ୍ରଦେଶର ଶୁଭମ୍ ମାନେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ତେବେ ମ୍ୟାଚ ଶେଷ ହେବାର ଅଳ୍ପ କିଛି ସମୟ ପୂର୍ବରୁ ଇଞ୍ଜୁରି ଟାଇମ୍ (୯୦+୨)ରେ ବଦଳ ଖେଳାଳି ରାହୁଲ ମୁଖୀ ଗୋଟିଏ ଗୋଲ ଦେଇ ଓଡ଼ିଶା ଅଗ୍ରଣୀକୁ ୬-୧ରେ ପହଞ୍ଚାଇ ଦେଇଥିଲେ। ଏହି ଗ୍ରୁପ୍‌ର ଅନ୍ୟତମ ଦଳ ଛତିଶଗଡ଼କୁ ଓଡ଼ିଶା ଆସନ୍ତା ୨୩ ତାରିଖରେ ଭେଟିବ। ଏହି ମ୍ୟାଚ୍ ଜିତିପାରିଲେ ଦଳ ପାଇଁ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବା ପଥ ପରିଷ୍କାର ହେବ।



କାର୍ତ୍ତିକ ହନ୍ତାଳ

# ଲକ୍ଷ୍ୟ ସେନ୍ କ୍ୱାର୍ଟରରେ, ସିନ୍ଧୁ ପରାସ୍ତ

**ଶେନ୍‌ଝେନ୍, ୨୧।୧୧ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ସିଧାସଳଖ ଗେମ୍‌ରେ ବିଜୟ ସହ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା ପି.ଭି. ସିନ୍ଧୁ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିବା ଲକ୍ଷ୍ୟ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଡେନମାର୍କର ରାସମସ ଜେମେକଙ୍କୁ ୨୧-୬, ୨୧-୧୮ରେ ହରାଇ ଦେଇଥିଲେ। ଲକ୍ଷ୍ୟ କ୍ୱାର୍ଟରରେ ଜାପାନର ତାକୁମାର ଓଭାୟାଶି ଓ ତୃତୀୟ ସିଡ୍ ଡେନମାର୍କ ଆଣ୍ଡର୍ସ ଆଣ୍ଟନସେନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଥିବା ମ୍ୟାଚର ବିଜେତା ସହ ଖେଳିବେ। ସିନ୍ଧୁ ଦ୍ୱିତୀୟ ରାଉଣ୍ଡର ଏକ ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ମୁକାବିଲାରେ ସିଙ୍ଗାପୁରର ୟେଓ ଜିଆ ମିନ୍‌ଙ୍କଠାରୁ ହାରିଯାଇଛନ୍ତି। ବିଶ୍ୱର ୧୯ ନମ୍ବର ଖେଳାଳି ସିନ୍ଧୁ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ବୁସାନାନ ଓଙ୍ଗବାମ୍‌ରୁଙ୍ଗଫାନ୍‌ଙ୍କୁ ୨୧-୧୭, ୨୧-୧୯ରେ ପରାସ୍ତ କରିଥିଲେ। ମାତ୍ର ଦ୍ୱିତୀୟ ରାଉଣ୍ଡରେ ସେ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ମିନ୍‌ଙ୍କଠାରୁ ୧୬-୨୧, ୨୧-୧୭, ୨୧-୨୩ରେ ହାରିଯାଇଥିଲେ।

# ଜାତୀୟ ଟେନିସ୍ ବଲ୍ କ୍ରିକେଟ: ଓଡ଼ିଶାକୁ ରୌପ୍ୟ



ଅତିଥିଙ୍କ ସହ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଟେନିସ ବଲ କ୍ରିକେଟ ଦଳ।

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ଜମ୍ମୁ କଶ୍ମୀରରେ ଆୟୋଜିତ ୩୫ତମ ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ରନରଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି। ଗୁରୁବାର ଫାଇନାଲରେ ଓଡ଼ିଶା ଦଳ ୧୫ ରନରେ ଉତ୍ତରପ୍ରଦେଶଠାରୁ ହାରିଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରପ୍ରଦେଶ ନିର୍ଦ୍ଧାରିତ ୮ ଓଭରରେ ୬୪ ରନ୍ କରିଥିଲା। ଜବାବରେ ଓଡ଼ିଶା ୪୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଗୋଆକୁ ଏବଂ ସେମିଫାଇନାଲରେ ଆୟୋଜକ ଜମ୍ମୁ-କଶ୍ମୀରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ସଫଳତା ଲାଗି ଦଳର ସମସ୍ତ ଖେଳାଳି, କୋଚ ପ୍ରକାଶ ସାହୁ ଓ ମ୍ୟାନେଜର ସୋମନାଥ ପରିଡାଙ୍କୁ ଓଡିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, ଭୁବନେଶ୍ୱର ସମ୍ପାଦକ ପଙ୍କଜ କୁମାର ଦାସ, ଗଞ୍ଜାମ ସମ୍ପାଦକ ସତ୍ୟ ବିଶୋଇ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଅଭିନନ୍ଦନ ଜଣାଇଛନ୍ତି।

# ଆସନ୍ତାବର୍ଷ ବିହାରରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ନୂଆଦିଲ୍ଲୀ, ୨୧।୧୧ (ପି.ଟି.):** ବିହାର ଆସନ୍ତାବର୍ଷ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏବଂ ପ୍ରଥମ ଥର ପାରା ଗେମ୍ସ ଆୟୋଜନ କରିବାକୁ ଯାଉଛି। କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଗୁରୁବାର ଏଠାରେ ସୂଚନା ଦିଆଯାଇଛି। ଗ୍ରୀଷ୍ମ ଅଲିମ୍ପିକ୍ସ ଢାଞ୍ଚାରେ ପ୍ରଥମ ଥର ଉଭୟ ଗେମ୍ ଆୟୋଜନ କରାଯିବ। ୟୁଥ ଗେମ୍ସ ଶେଷ ହେବାର ୧୦ରୁ ୧୫ ଦିନ ପରେ ପାରାଗେମ୍ସ ଆୟୋଜିତ ହେବ। ପାରା ଗେମ୍ସର ପ୍ରଥମ ସଂସ୍କରଣ ଏଠାରେ ଗତବର୍ଷ ଆୟୋଜିତ ହୋଇଥିଲା। ବିହାର ନିକଟରେ ରାଜଗିରଠାରେ ସଫଳତାର ସହିତ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ କରିସାରିଛି। ଫାଇନାଲରେ ଚାଇନାକୁ ୧-୦ ଗୋଲ୍‌ରେ ପରାସ୍ତ କରି ଭାରତ ମହାଦେଶୀୟ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛି। ବଡ଼ ବଡ଼ କ୍ରୀଡ଼ା ଇଭେଣ୍ଟର ଆୟୋଜନ କରିବା ସାମର୍ଥ୍ୟ ରହିଥିବା ବିହାର ନିକଟରେ କାର୍ଯ୍ୟରେ କରି ଦେଖାଇ ସାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ପ୍ରକାଶ କରିଛନ୍ତି।

# ଜାତୀୟ କିକ୍‌ବକ୍ସିଂରେ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

କେରଳ କୋଝିକୋଡସ୍ଥିତ ଭିକେ କ୍ରିଷ୍ଣା ମେନନ ଷ୍ଟାଡିୟମରେ ଅନୁଷ୍ଠିତ ୨୮ତମ ସିନିୟର (ମହିଳା ଓ ପୁରୁଷ) ଏବଂ ୨୭ତମ ଜୁନିୟର ଓ ସବ୍‌ଜୁନିୟର (ବାଳିକା ଓ ବାଳକ) ଆଇଏକେଓ ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ୧୪ କିକ୍‌ବକ୍ସର ମୋଟ ୧୦ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବାଳିକା ବର୍ଗରେ ଦିବ୍ୟାଂଶୀ ବିଶ୍ୱଜିତ ମହାନ୍ତି, ଶୁଭଶ୍ରୀ ପାତ୍ର, ତପସ୍ୟା ସେଠୀ, ଅନୁଶ୍ରୀ ଆଶ୍ରିତା, ଅଭିଲିପ୍ସା ଦାସ, ରାଜଲକ୍ଷ୍ମୀ ପଟ୍ଟନାୟକ, ରିତିକ୍ଷା ସାମଲ ଏବଂ ବାଳକରେ ସନ୍ତୋଷ ଦାସ, ରୁଦ୍ର ପ୍ରତାପ ରାଉତ, ସୁଜେନ ଇସଲାମ, ଆୟୁଷ୍ମାନ ରଥ, ଆୟୁଷ୍ମାନ ପରିଡ଼ା, ବିଶ୍ୱଜିତ ପାଣି ଓ ସତ୍ୟରଞ୍ଜନ ସାହୁ ପଦକ ହାସଲ କରିଛନ୍ତି।



ଜାତୀୟ କିକ୍‌ବକ୍ସିଂରେ ସଫଳତା ଅର୍ଜନ କରିଥିବା ଓଡ଼ିଶା କିକ୍‌ବକ୍ସର।

# ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ):** ରାୟପୁରର ଶହୀଦ ବୀର ନାରାୟଣ ସିଂ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୮୮ ରନରେ ମଣିପୁରକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୩୫ ଓଭରରେ ୬ ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳ ପକ୍ଷରୁ ଶୀତଲ ରାଉତ ସର୍ବାଧିକ ୮୦ ଓ ଅନୁଷ୍କା ମହାନ୍ତି ୪୦ ରନ କରିଥିଲେ। ବିପକ୍ଷ ଦଳର ଆଲିସେ ଥୋକଚୋମ ୨ଟି ଉଇକେଟ ନେଇଥିଲେ। ୨୦୩ ରନ ବିଜୟ ଲକ୍ଷ୍ୟରେ ମଣିପୁର ଦଳ ପୂରା ୩୫ ଓଭର ଖେଳିଥିଲେ ହେଁ ୧୧୪ ରନରେ ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଲାଙ୍ଗଲେନ ନିଙ୍ଗଥୋଉଜାମ ୩୯ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରୋମି ପ୍ରଲିପ୍ତା ମଲିକ ମାତ୍ର ୧୫ ରନରେ ୩ଟି ଓ ସୁଭଦ୍ରା ମାଝି ୬ ରନ ବିନିମୟରେ ୨ଟି ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

# ଫେଡେରେଶନ କପ୍ କରାଟେ: ଓଡ଼ିଶାକୁ ୯ ପଦକ

**ଭୁବନେଶ୍ୱର, ୨୧।୧୧ (ବିଜୟ ରଣା)**

ନୂଆଦିଲ୍ଲୀସ୍ଥିତ ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଫେଡେରେଶନ କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାର କରାଟେକାମାନେ ୯ ପଦକ (୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ) ହାସଲ କରିଛନ୍ତି। ସିନିୟର ପୁରୁଷ ୫୫ କି.ଗ୍ରାରୁ କମ୍ ଶ୍ରେଣୀ ଫାଇଟିଂ ବିଭାଗରେ ରୀତେଶ ମହାନ୍ତିଙ୍କୁ ଏବଂ ସିନିୟର ମହିଳା ୬୮ କି.ଗ୍ରାରୁ କମ୍ ଫାଇଟିଂ ମୋନାଲି ସାହୁଙ୍କୁ ସ୍ୱର୍ଣ୍ଣ ମିଳିଛି। ସେହିପରି ଆଯ୍ୟା ବଂଶିକା କ୍ୟାଡେଟ୍ ମହିଳା ବ୍ୟକ୍ତିଗତ କାଟାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସିନିୟର ମହିଳା ୫୦କି.ଗ୍ରାରୁ କମ୍ ଫାଇଟିଂରେ ବ୍ରତତି ବିଶ୍ୱପ୍ରଭା ଓ ସିନିୟର ପୁରୁଷ ୭୫ କି.ଗ୍ରାରୁ କମ୍ ଫାଇଟିଂରେ ରାଜେଶ ମହାପାତ୍ର ରୌପ୍ୟ ଜିତିଛନ୍ତି। ସିନିୟର ମହିଳା ୪୫କି.ଗ୍ରାରୁ କମ୍ ଫାଇଟିଂରେ ସିନ୍ଧୁ ତନୟା ଖୁଣ୍ଟିଆ, ୬୧ କି.ଗ୍ରାରୁ କମ୍ କ୍ୟାଡେଟ ମହିଳା ଫାଇଟିଂରେ ଆଯ୍ୟା ବଂଶିକା, ପୁରୁଷ ୪୫ କି.ଗ୍ରାରୁ କମ୍ ଫାଇଟିଂରେ ଓମ୍ ସତ୍ୟମ ମହାନ୍ତି ଏବଂ ପୁରୁଷ ସିନିୟର ୬୭ କି.ଗ୍ରାରୁ କମ୍ ଫାଇଟିଂରେ ତ୍ରିନାଥ ରଣା ପ୍ରମୁଖ ବ୍ରୋଞ୍ଜ ପଦକ ପାଇଛନ୍ତି। ସଫଳତା ହାସଲ କରିଥିବା କରାଟେକାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଫେଡେରେଶନ କପ୍ କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ